କଟକ
ଗୁରୁବାର ୧୧ ଜୁନ, ୨୦୨୬
ପ୍ରାତଃ ସଂସ୍କରଣ

June 11, 2026 Cuttack
Vol - XXIV, Issue - 70
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ବିଧାୟକଙ୍କ ଗାଡ଼ି ଉପରେ ପଡ଼ିଲା ଗଛ

**ଚିତ୍ରକୋଣ୍ଡା,୧୦।୬(ନି.ପ୍ର):** ବର୍ଷା ଓ ପବନ ସମୟରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ଗାଡ଼ି ଉପରେ ଗଛ ପଡ଼ିଛି। ବିଧାୟକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତେବେ ସାମାନ୍ୟ ଆହତ ହୋଇଥିବା ସୂଚନା ରହିଛି। ବର୍ଷା ଓ ପବନ ସମୟରେ ସେ ଘରକୁ ଫେରୁଥିବାବେଳେ ଚିତ୍ରକୋଣ୍ଡା ଘାଟି ମୁଖ୍ୟ ରାସ୍ତାରେ ଘଟିଛି ଏହି ଘଟଣା।







# ଦେଶର ସେବା ମୋ ପାଇଁ ପରମ ସୌଭାଗ୍ୟ : ମୋଦୀ

## ନୂଆ ଇତିହାସ ରଚିବା ଅବସରରେ ଏନ୍‌ଡିଏ ନେତାମାନଙ୍କୁ ସମ୍ବୋଧନ

**ନୂଆଦିଲ୍ଲୀ,୧୦।୬(ନି.ପ୍ର):** ଦେଶର ସେବା ମୋ ପାଇଁ ପରମ ସୌଭାଗ୍ୟ। ଦୀର୍ଘ ସମୟ ଧରି ମୋତେ ସେବାର ସୁଯୋଗ ମିଳିଛି। ଦେଶ ସେବାକୁ ସାଧନା ଭାବେ ଗ୍ରହଣ କରିଛି। ସବୁଠାରୁ ଲମ୍ବା ସମୟ ଧରି ଭାରତର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରି ପଣ୍ଡିତ ଜବାହରଲାଲ ନେହରୁଙ୍କ ରେକର୍ଡ଼ ଭଙ୍ଗ କରି ଇତିହାସ ରଚିବା ଅବସରରେ ବୁଧବାର ଏନ୍‌ଡିଏ ନେତାମାନଙ୍କୁ ସମ୍ବୋଧିତ କରି ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ଲଗାତାର ତୃତୀୟଥର ପ୍ରଧାନମନ୍ତ୍ରୀ ଭାବେ ୯ ଜୁନ ୨୦୨୪ରେ ଶପଥ ଗ୍ରହଣ କରିଥିଲେ ନରେନ୍ଦ୍ର ମୋଦୀ। ୨୬ ମେ ୨୦୧୪ରୁ ୧୦ ଜୁନ ୨୦୨୬ ଯାଏ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀଙ୍କ ଲାଗାତାର କାର୍ଯ୍ୟକାଳ ୪୩୯୯ ଦିନ। ଏହା ଏକ ସର୍ବକାଳୀନ ରେକର୍ଡ଼। ପୂର୍ବରୁ ନେହରୁ ପ୍ରଧାନମନ୍ତ୍ରୀ ଭାବେ ଲଗାତାର ୪୩୯୮ ଦିନ ରହିଥିଲେ। ବୁଧବାର ମୋଦୀଙ୍କର ଏହି ଐତିହାସିକ ମାଇଲ ଷ୍ଟୋନକୁ ସେଲିବ୍ରେଟ କରାଯାଇଛି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଏନ୍‌ଡିଏ ନେତାମାନଙ୍କ କନ୍‌କ୍ଲେଭରେ ମୋଦୀ ସେମାନଙ୍କୁ ସମ୍ବୋଧିତ କରିଛନ୍ତି।

ଏହି କନକ୍ଲେଭରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ମୁଖ୍ୟମନ୍ତ୍ରୀ, ବିଜେପି ଓ ସହଯୋଗୀ ଦଳଗୁଡ଼ିକର ନେତା ଉପସ୍ଥିତ ଥିଲେ। ମୋଦୀଙ୍କୁ ତାଙ୍କ ନୂଆ କୀର୍ତ୍ତିମାନ ପାଇଁ ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମରେ ମଧ୍ୟ ଉପସ୍ଥିତ ଥିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ମୋଦୀଙ୍କ ପ୍ରତି କୃତଜ୍ଞତାର ପ୍ରସ୍ତାବ ଆଣିଥିଲେ। ମୋଦୀଙ୍କ 'ରାଷ୍ଟ୍ର ପ୍ରଥମେ' ଭିଜନର ପ୍ରଶଂସା କରିଥିଲେ।

ଏନ୍‌ଡିଏ ନେତାମାନଙ୍କୁ ସମ୍ବୋଧିତ କରି ମୋଦୀ କହିଛନ୍ତି, ଆମ ସରକାରଙ୍କ ଉପରେ ଲୋକଙ୍କର ଭରସା ଓ ବିଶ୍ୱାସ ରହିଛି। ଦେଶ ଦେଖିଛି କଂଗ୍ରେସର ବିଶ୍ୱାସଘାତକତା। ଦେଶ



କଂଗ୍ରେସ ଚକ୍ରବ୍ୟୂହରେ ଫସିଥିଲା। କୁଚକ୍ରୀ କଂଗ୍ରେସ କବଳରୁ ଦେଶ ମୁକ୍ତ ହୋଇଛି। ଦେଶ ମଧ୍ୟ ଦେଖିଛି ସ୍ଥିର ସରକାରଙ୍କ ବିକାଶ କାର୍ଯ୍ୟ।

ସମସ୍ତଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇ ମୋଦୀ କହିଛନ୍ତି, ଆଜିର ଦିନକୁ ଆପଣମାନେ ମୋ ପାଇଁ ସ୍ମରଣୀୟ କରିଦେଇଛନ୍ତି। ରାଜନୈତିକ ଯାତ୍ରାରେ

**୨୦୧୪ରେ ହୋଇଥିଲା ନୂଆ ସୂର୍ଯ୍ୟୋଦୟ, ଆଜି ତା'ର ସୁଫଳ ମିଳିଛି**

**ରାଜନୈତିକ ଯାତ୍ରାରେ ଅନେକ ଉତ୍‌ଥାନ ପତନ ଦେଇ ଗତି କରିଛୁ**

**ଆମ ସରକାରଙ୍କ ଉପରେ ଲୋକଙ୍କର ଭରସା ଓ ବିଶ୍ୱାସ ରହିଛି।**

ଅନେକ ଉତ୍‌ଥାନ ପତନ ଦେଇ ଆମେ ଗତି କରୁଛି। ବିଗତ ୧୨ ବର୍ଷରେ ୨୫ କୋଟି ଭାରତୀୟଙ୍କୁ ଗରିବୀରୁ ମୁକ୍ତି ମିଳିଛି। ଯୁବକ, ମହିଳା, କୃଷକ, ଗରିବଙ୍କ ପାଇଁ ନିରନ୍ତର କାର୍ଯ୍ୟ ଜାରି ରହିଛି। ୨୦୧୪ରେ ନୂତନ ସୂର୍ଯ୍ୟୋଦୟ ହୋଇଥିଲା, ଆଜି ତା'ର ସୁଫଳ ମିଳିଛି।

ଲଗାତାର ସବୁଠାରୁ ଲମ୍ବା ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଭାରତର ସେବା କରି ଚାଲିଥିବାର ରେକର୍ଡ଼ ରଚିଥିବାରୁ ମୋଦୀଙ୍କୁ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ମୋଦୀ ମଧ୍ୟ ସ୍ପଷ୍ଟ କରିଦେଇଛନ୍ତି ଯେ, ଦେଶର ଜନତା ରାଜନୈତିକ ସ୍ଥିରତା ଗୁରୁତ୍ୱ ଦେଇଛନ୍ତି, ବାଧାମୁକ୍ତ ଗଭର୍ଣ୍ଣାନ୍ସ ଓ ବିକାଶ କାର୍ଯ୍ୟର ବିକାଶ କାର୍ଯ୍ୟକୁ ପସନ୍ଦ କରୁଛନ୍ତି।

## ଭିଡ଼ କମିବ, ନୂଆ ରାସ୍ତାର ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୦।୬(ନି.ପ୍ର):** ରାଜଧାନୀରେ ସିଆର୍‌ପି ଛକରୁ ଇନ୍‌ଫୋସିଟି ପ୍ରବଳ ଜନଗହଳିପୂର୍ଣ୍ଣ ରାସ୍ତା ଭାବେ ଜଣାଶୁଣା। ଏହି ରାସ୍ତାରେ ଭିଡ଼ରୁ ମୁକ୍ତି ମିଳିବା ପାଇଁ ଏକ ଚଉଡ଼ା ବାଇପାସ ରାସ୍ତା ନିର୍ମିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୧୨ ତାରିଖରେ ଏହି ରାସ୍ତାର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନ ପରେ ଲୋକେ ସିଆରପି ଛକରୁ ବାହାରି ଏକାମ୍ର କାନନ, ହାତିଆଶୁଣୀ ହୋଇ ଜାଭିୟର ଛକ,ନାଲକୋ ଛକ,ଶୈଳଶ୍ରୀ ବିହାର,ନୀଳାଦ୍ରି ବିହାର ଓ ଇନଫୋସିଟି ସାଇ ମନ୍ଦିର ରାସ୍ତା ପାର୍ଶ୍ୱରେ ବାହାରିପାରିବେ। ସେପଟୁ ସମାନ ଦିଗରେ ଏକାମ୍ର କାନନ ଛକ ହୋଇ ଲୋକେ ସିଆରପି, ଜୟଦେବ ବିହାର, ନୂଆପଲ୍ଲୀକୁ ଯାଇପାରିବେ।

## ସୁଧାଂଶୁ ଶେଖର ବଡ଼ପଣ୍ଡା ଓଇଆର୍‌ସି ସଦସ୍ୟ

**ଭୁବନେଶ୍ୱର,୧୦।୬(ନି.ପ୍ର):** ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି ସୁଧାଂଶୁ ଶେଖର ବଡ଼ପଣ୍ଡା। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଶପଥ ଗ୍ରହଣ ସମାରୋହରେ ଶକ୍ତି ବିଭାଗ, ଓଏଚପିସି, ଗ୍ରୀଡକୋ, ଓପିଟିସିଏଲ, ଓଇଆରସିର ବରିଷ୍ଠ ଅଧିକାରୀ ଏବଂ ବିଦ୍ୟୁତ କ୍ଷେତ୍ରର ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ। (ପୃଷ୍ଠା:୫)

## ଚିନ୍ତା ବଢ଼ାଉଛି ଆମ ବସ୍ ପୁଣି ଦୁର୍ଘଟଣା

**ଭୁବନେଶ୍ୱର,୧୦।୬(ନି.ପ୍ର):** ବାରମ୍ବାର ଆମ ବସ୍ ଘଟାଉଥିବା ଦୁର୍ଘଟଣା ଲୋକଙ୍କ ଚିନ୍ତାର କାରଣ ପାଲଟିଯାଇଛି। ବୁଧବାର ଭୁବନେଶ୍ୱର ଶ୍ରେୟା ଛକ ନିକଟରେ ଦୁର୍ଘଟଣା ଘଟାଇଛି ଏକ ଆମ ବସ୍। ଏଥିରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବାସହ ଆମ ବସ୍‌କୁ ଜବତ କରିଛି। ରାଜଧାନୀର ବ୍ୟସ୍ତବହୁଳ ରାସ୍ତାରେ ବାରମ୍ବାର ଏଭଳି ଘଟଣା ଅନ୍ୟ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି।

## ଗାଧୋଇବାକୁ ଯାଇ ୨ ନାବାଳକ ମୃତ

**ନୀଳଗିରି,୧୦।୬(ନି.ପ୍ର):** ନଦୀକୁ ଗାଧୋଇବାକୁ ଯାଇ ଦୁଇ ନାବାଳକଙ୍କର ମୃତ୍ୟୁ ହୋଇଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ପୁନ୍ଦାଳ ଗାଁରେ ଘଟିଛି ଏହି ଘଟଣା। ସୂଚନା ଅନୁଯାୟୀ, ଗାଁ ନିକଟ ଦେଇ ପ୍ରବାହିତ ସୋନ ନଦୀର ମନ୍ଦିର ଘାଟକୁ ତିନି ଜଣ ନାବାଳକ ଗାଧୋଇବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଜଣ ବୁଡ଼ି ଯାଇଥିବାବେଳେ ଜଣେ ବର୍ତ୍ତି ଯାଇଛନ୍ତି। ମୃତକ ଆକାଶ ମହାଳିକ (୧୨) ଏବଂ କାର୍ତ୍ତିକ ବେହେରା (୧୨) ବୋଲି ଜଣାପଡ଼ିଛି। (ପୃଷ୍ଠା:୫)

## ଟିଏମ୍‌ସି ଛାଡ଼ିଲେ ରାଜ୍ୟସଭା ସାଂସଦ

**ନୂଆଦିଲ୍ଲୀ,୧୦।୬(ନି.ପ୍ର):** ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀଙ୍କୁ ମିଳୁଛି ଗୋଟିଏ ପରେ ଗୋଟିଏ ଝଟ୍‌କା। ନିକଟରେ ଟିଏମ୍‌ସିର ୨୯ ଲୋକସଭା ସାଂସଦଙ୍କ ମଧ୍ୟରୁ ୨୦ ଜଣ ସଂସଦରେ ଟିଏମ୍‌ସିର ଅନ୍ୟ ସାଂସଦଙ୍କଠାରୁ ପୃଥକ ଭାବେ ବସିବା ପାଇଁ ବାଚସ୍ପତିଙ୍କୁ ପତ୍ର ଲେଖିଥିଲେ। ଏବେ ଟିଏମ୍‌ସିର ରାଜ୍ୟସଭା ସାଂସଦ ସୁସ୍ମିତା ଦେବ ଟିଏମ୍‌ସିରୁ ଇସ୍ତଫା ଦେବା ସହ ରାଜ୍ୟସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ସେ କହିଛନ୍ତି, ବ୍ୟକ୍ତିଗତ କାରଣ ପାଇଁ ଦଳ ଛାଡ଼ିଛି ଏବଂ ଯଦି ଦଳ ଛାଡ଼ିଲି ତେବେ ରାଜ୍ୟସଭା ସଦସ୍ୟ ପଦ ମଧ୍ୟ ଛାଡ଼ି ଦେଇଛି।

## ତ୍ରୁଟି ଉପରେ ରୋକ ଲଗାଇଲା ଜଳସମ୍ପଦ ବିଭାଗ

**ଭୁବନେଶ୍ୱର,୧୦।୬(ନି.ପ୍ର):** ଓଡ଼ିଶାରେ ପ୍ରବେଶ କରିବାକୁ ଯାଉଛି ମୌସୁମୀ। ଏହା ପୂର୍ବରୁ ଜଳସମ୍ପଦ ବିଭାଗ ଆଗୁଆ ପ୍ରସ୍ତୁତ ହୋଇଛି। ବନ୍ୟା ଓ ମୌସୁମୀ ବର୍ଷା ଋତୁରେ କଡ଼ା କଟକଣା ଜାରି କରିଛି ବିଭାଗ। ଛୁଟି ଉପରେ କଟକଣା ଲଗାଇଛି। ବିନା ଅନୁମତିରେ ମୁଖ୍ୟାଳୟ ଛାଡ଼ି ପାରିବେ ନାହିଁ ଜଳସମ୍ପଦ ବିଭାଗର ଅଧିକାରୀ। ବିଭାଗ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି ହୋଇଛି।

**ବନ୍ୟା ଓ ବର୍ଷାକୁ ଦୃଷ୍ଟିରେ ରଖି ପଦକ୍ଷେପ**

ଜଳସମ୍ପଦ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ବନ୍ୟା ଓ ବର୍ଷା ଋତୁ ପାଇଁ ପୂର୍ବ ପ୍ରସ୍ତୁତି ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ବନ୍ୟା ପରିଚାଳନା, ନଦୀବନ୍ଧ ସୁରକ୍ଷା, ଜଳାଶୟ ପରିଚାଳନା ଓ କ୍ଷେତ୍ରସ୍ତରରେ ଆପାତକାଳୀନ ସେବା ପ୍ରଦାନକୁ ନେଇ ବିସ୍ତୃତ ଆଲୋଚନା ହୋଇଛି। ନିର୍ଦ୍ଦେଶନାମା ଅନୁସାରେ, ବନ୍ୟା ଓ ମୌସୁମୀ ବର୍ଷା ଋତୁରେ ସମସ୍ତ ଅଧିକାରୀ ସତର୍କ ରହିବେ, କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନା ମୁଖ୍ୟାଳୟ ଛାଡ଼ି ପାରିବେ ନାହିଁ। (ପୃଷ୍ଠା:୫)

## ଚାନ୍ଦିପୁରରେ ମିସାଇଲ ପରୀକ୍ଷଣ

**ଚାନ୍ଦିପୁର,୧୦।୬(ନି.ପ୍ର):** ଚାନ୍ଦିପୁରରେ ବୁଧବାର ଡିଆର୍‌ଡିଓ ପକ୍ଷରୁ ହୋଇଛି ମିସାଇଲ ପରୀକ୍ଷଣ। ଏଥିପାଇଁ ଗୋଟିଏ ଦିନ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଡାକବାଜି ଯନ୍ତ୍ର ସହାୟତାରେ ସଚେତନ କରାଯାଇଥିଲା। ମିସାଇଲ ପରୀକ୍ଷଣ ପୂର୍ବରୁ ଲଞ୍ଚପ୍ୟାଡର ୧ ରୁ ୪ କିମି ଅଞ୍ଚଳ ପରିଧି ମଧ୍ୟରେ ରହିଥିବା ୧୧,୪୪୨ ଲୋକଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କୁ ରଖାଯାଇଥିଲା ୪ଟି ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲରେ ସେମାନଙ୍କ ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ଖାଦ୍ୟ, ପାନୀୟ, ମେଡ଼ିସିନ ଏବଂ ଗରମ ଗୁଳୁଗୁଳି କାରଣରୁ ଫ୍ୟାନ୍ ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ବ୍ୟାଙ୍କ ଖାତାକୁ ମଧ୍ୟ ଅର୍ଥରାଶି ଟ୍ରାନ୍ସଫର ବ୍ୟବସ୍ଥା କରାଯାଇଛି।

## ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା

**କଟକ,୧୦।୬(ନି.ପ୍ର):** ଆସନ୍ତା ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ସମୟରେ ମୟୂରଭଞ୍ଜ ଗସ୍ତ କରିବେ। ଏହି ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ନିର୍ବିଘ୍ନ ସମ୍ପନ୍ନ କରିବା ପାଇଁ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ୱାଇ ବି ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।




ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ନିଷ୍ପତ୍ତି ଅନୁଯାୟୀ, କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜନସମାଗମ ହେବାର ସମ୍ଭାବନା ଥିବାରୁ ସମସ୍ତ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯିବ। ହେଲିପ୍ୟାଡ୍, ସଭାସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ବହୁସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟିସାବୋଟେଜ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ ରଖାଯିବ।

ସାଧାରଣ ଜନତାଙ୍କ ଯାତାୟାତରେ ଯେପରି ସର୍ବନିମ୍ନ ବାଧା ସୃଷ୍ଟି ହୁଏ, ସେଥିପାଇଁ ମୟୂରଭଞ୍ଜର ପ୍ରମୁଖ ସଡ଼କଗୁଡ଼ିକରେ ଆବଶ୍ୟକ ଟ୍ରାଫିକ ଡାଇଭର୍ସନ ବ୍ୟବସ୍ଥା କରାଯିବ। କାର୍ଯ୍ୟକ୍ରମ ସ୍ଥଳ ନିକଟରେ ଅତିରିକ୍ତ ପାର୍କିଂସ୍ଥଳୀ ଚିହ୍ନଟ କରାଯାଇଛି। ଭିଡ଼ ନିୟନ୍ତ୍ରଣ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏସଓଜି, ଷ୍ଟ୍ରାଇକିଂ ଫୋର୍ସ ଓ କେ-୯ ସ୍ପେଶାଲ ସ୍କ୍ୱାଡ୍ ନିୟୋଜିତ ହେବେ। ସମଗ୍ର ଅଞ୍ଚଳର ନିରୀକ୍ଷଣ ପାଇଁ ଅତିରିକ୍ତ ସିସିଟିଭି କ୍ୟାମେରା ଏବଂ ଡ୍ରୋନ୍ ସର୍ଭେଲାନ୍ସର ବ୍ୟବସ୍ଥା କରାଯିବ। ମୟୂରଭଞ୍ଜ ଏକ ସୀମାନ୍ତ ଜିଲ୍ଲା ହୋଇଥିବାରୁ ପଡ଼ୋଶୀ ରାଜ୍ୟ ସୀମାନ୍ତରେ ନାକାବନ୍ଦୀ ଓ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ। ଏଥିସହ ସ୍ଥାନୀୟ ହୋଟେଲ, ଲଜ୍ ଓ ଅନ୍ୟାନ୍ୟ ଆବାସିକ ସ୍ଥାନଗୁଡ଼ିକରେ ନିୟମିତ ଯାଞ୍ଚ ଓ ତଦାରଖ ଜାରି ରଖିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆପାତକାଳୀନ ଚିକିତ୍ସା ସେବା, ଅଗ୍ନିଶମ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ଏବଂ ଜିଲ୍ଲା ପ୍ରଶାସନ ସହ ତ୍ୱରିତ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତତ୍କାଳ ମୁକାବିଲା କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ମାନବିକତା ଭୁଲିଗଲା ପୋଲିସ

**ଭଦ୍ରକ,୧୦।୬(ନି.ପ୍ର):** ଗାଡ଼ି ଦୁର୍ଘଟଣାରେ ଗୁରୁତର ଆହତ ଜଣେ ଯୁବକଙ୍କୁ ପିସିଆର୍ ଭ୍ୟାନ୍‌ରେ ହସ୍‌ପିଟାଲକୁ ନେବା ପାଇଁ ସିଧାସଳଖ ପୋଲିସ ମନା କରିଦେବା ଓ ଗାଳିଗୁଲଜ ସହ ମାରିବାକୁ ଗୋଡ଼ାଇବା ଘଟଣା ସମସ୍ତଙ୍କୁ ଚକିତ କରିଦେଇଛି। ଭଦ୍ରକର ରାଣୀତାଲର ମଇତାପୁରରେ ଘଟିଛି ଏହି ଘଟଣା। ଅଭିଯୋଗ ଅନୁଯାୟୀ, ପୋଲିସ ଏକ କୁକୁଡ଼ା ଗାଡ଼ିକୁ ଗୋଡ଼ାଇଥିଲା। ଦ୍ରୁତଗତିରେ ପଳାଉଥିବା କୁକୁଡ଼ା ଗାଡ଼ିକୁ ଅଟକାଇଥିଲା। ଏହି ସମୟରେ ଅନ୍ୟ ଦିଗରୁ ଆସୁଥିବା ଏକ କାର୍ ସହ କୁକୁଡ଼ା ଗାଡ଼ିର ଧକ୍କା ହୋଇଥିଲା। କାର୍ ଡ୍ରାଇଭର ଆହତ ହୋଇନଥିଲେ ମଧ୍ୟ କାର୍‌ରେ ଥିବା ଜଣେ ଯୁବକ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାବେଳେ ତାଙ୍କୁ ହସ୍ପିଟାଲକୁ ନେବା ପାଇଁ ଡ୍ରାଇଭର ପୋଲିସକୁ ଅନୁରୋଧ କରିଥିଲା। କିନ୍ତୁ ପୋଲିସ ବାବୁ ପିସିଆର୍ ଭ୍ୟାନ୍‌ରେ ଆହତଙ୍କୁ ତୁରନ୍ତ ହସ୍‌ପିଟାଲ ନନେଇ ଓଲଟା ଗାଳିଗୁଲଜ କରିଥିଲେ, ମାରିବାକୁ ବି ଗୋଡ଼ାଇଥିଲେ।

ସୋସିଆଲ ମିଡ଼ିଆରେ ଏହି ଘଟଣା ଭାଇରାଲ ହେବା ପରେ ଲୋକେ ପୋଲିସର ଏହିଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ଭଦ୍ରକ ଏସ୍‌ପି ମନୋଜ ରାଉତ କହିଛନ୍ତି, ଏହାର ତଦନ୍ତ ପାଇଁ ଜଣେ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଯଦି ଘଟଣାର ସତ୍ୟାସତ୍ୟ ଥିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଶ୍ୱର ଏକ ପ୍ରମୁଖ ରପ୍ତାନିକାରୀ ରାଷ୍ଟ୍ର ହୋଇଛି ଭାରତ

## ୧୨ ବର୍ଷରେ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ବିଭାଗର ସଫଳତାର ବିବରଣୀ ପ୍ରଦାନ କରିଛନ୍ତି କେନ୍ଦ୍ର ବାଣିଜ୍ୟ ବିଭାଗ ଅତିରିକ୍ତ ସଚିବ

**ଦେଶର ମୋଟ ରପ୍ତାନି ୮୬୩ ବିଲିୟନ ଆମେରିକୀୟ ଡଲାରର ଐତିହାସିକ ସ୍ତରରେ ପହଞ୍ଚିଛି**

**୨୦୨୫-୨୬ରେ ୫,୪୨୮.୬୭ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି କରିଛି ଓଡ଼ିଶା**

**ଓଡ଼ିଶାରେ କୃଷି ରପ୍ତାନି ପାଇଁ ଅପାର ସମ୍ଭାବନା ରହିଛି**




**ଭୁବନେଶ୍ୱର, ୧୦।୬(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଭାରତ ବିଶ୍ୱର ଏକ ପ୍ରମୁଖ ରପ୍ତାନିକାରୀ ରାଷ୍ଟ୍ର ରୂପେ ଉଭା ହୋଇଛି। ଭାରତ ସରକାରଙ୍କ ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନ ବାଣିଜ୍ୟ ବିଭାଗ ପ୍ରଧାନମନ୍ତ୍ରୀଙ୍କ 'ଭୋକାଲ୍ ଫର୍ ଲୋକାଲ' ଏବଂ 'ଲୋକାଲ ଟୁ ଗ୍ଲୋବାଲ୍' ସଂକଳ୍ପକୁ ସାକାର କରିବା ଲାଗି ସକ୍ରିୟ ରୂପେ କାର୍ଯ୍ୟ କରୁଛି। ଦେଶରେ ଉତ୍ପାଦିତ ସାମଗ୍ରୀକୁ ବିଶ୍ୱ ବଜାରରେ ପହଞ୍ଚାଇବା ଲାଗି ବିଭାଗ ପକ୍ଷରୁ ନିରନ୍ତର ସକ୍ରିୟ ପଦକ୍ଷେପ ନିଆଯାଉଛି। ଏହା କହିଛନ୍ତି ଭାରତ ସରକାରଙ୍କ ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଯଶବୀର ସିଂ। ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେ କେନ୍ଦ୍ର ବାଣିଜ୍ୟ ବିଭାଗର ଉପଲବ୍ଧି ଏବଂ ଓଡ଼ିଶାରେ କୃଷି ଓ ସାମୁଦ୍ରିକ ଉତ୍ପାଦ ରପ୍ତାନି କ୍ଷେତ୍ରରେ ମିଳିଥିବା ସଫଳତାର ବିବରଣୀ ପ୍ରଦାନ କରିଛନ୍ତି।

ଅତିରିକ୍ତ ସଚିବ କହିଛନ୍ତି, ୨୦୧୪-୧୫ ରୁ ୨୦୨୫-୨୬ ଆର୍ଥିକ ବର୍ଷ ମଧ୍ୟରେ ଭାରତର ରପ୍ତାନିରେ ଉଲ୍ଲେଖନୀୟ ଅଭିବୃଦ୍ଧି ରେକର୍ଡ କରାଯାଇଛି। ମୋଟ ରପ୍ତାନି ୪୬୮ ବିଲିୟନ ଆମେରିକୀୟ ଡଲାରରୁ ବୃଦ୍ଧି ପାଇ ୮୬୩ ବିଲିୟନ ଆମେରିକୀୟ ଡଲାରର ଐତିହାସିକ ସର୍ବାଧିକ ସ୍ତରରେ ପହଞ୍ଚିଛି। ଏଥିରେ ୫.୭%ର ବାର୍ଷିକ ଅଭିବୃଦ୍ଧି ହାର ଦେଖା ଦେଇଛି। ବାଣିଜ୍ୟିକ ରପ୍ତାନି ୩୧୦ ବିଲିୟନ ଆମେରିକୀୟ ଡଲାରରୁ ୪୪୨ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି। ସେବା ରପ୍ତାନି ୧୫୮ ବିଲିୟନ ଆମେରିକୀୟ ଡଲାରରୁ ୪୨୧ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ହୋଇଛି। ଏ କ୍ଷେତ୍ରରେ ୯.୩% ବାର୍ଷିକ ଅଭିବୃଦ୍ଧି ହାର ହାସଲ କରାଯାଇଛି। ଇଞ୍ଜିନିୟରିଂ ସାମଗ୍ରୀ, ଇଲେକ୍‌ଟ୍ରୋନିକ୍ ସାମଗ୍ରୀ, ଔଷଧ, ବୟନଶିଳ୍ପ, କୃଷି ଉତ୍ପାଦ, ସାମୁଦ୍ରିକ ଉତ୍ପାଦ, ରତ୍ନ ପଥର ଏବଂ ଅଳଙ୍କାର ଆଦି ଉତ୍ପାଦ ରପ୍ତାନିକୁ ବାଢ଼ାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

ଅତିରିକ୍ତ ସଚିବ ଯଶବୀର ସିଂ ଆହୁରି କହିଛନ୍ତି, ବ୍ୟବସାୟିକ ସୁଗମତାରେ ସୁଧାର ପାଇଁ ବିଭାଗ ଅନେକ ଡିଜିଟାଲ ପଦକ୍ଷେପ ଆରମ୍ଭ କରିଛି । ଏଥିରେ ଟ୍ରେଡ୍ କନେକ୍ଟ ପୋର୍ଟାଲ, ଟ୍ରେଡ୍ ଇଣ୍ଟେଲିଜେନ୍ସ ଆଣ୍ଡ୍ ଆନାଲିଟିକ୍ସ ପୋର୍ଟାଲ, ମର୍ଚାଣ୍ଡାଇଜ୍ ଇମ୍ପୋର୍ଟ ମନିଟରିଂ ପୋର୍ଟାଲ, ଇ-ଆଇଇସି ଜେନେରେସନ୍ ଏବଂ ଅନଲାଇନ୍ ସାର୍ଟିଫିକେସନ୍ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଏହି ପଦକ୍ଷେପଗୁଡ଼ିକ ସ୍ୱଚ୍ଛତା ବୃଦ୍ଧି କରିବା ସହିତ ଅନୁପାଳନ ବୋଝ ହ୍ରାସ କରିଛି ଏବଂ ବାଣିଜ୍ୟ-ସମ୍ବନ୍ଧୀୟ ସେବାଗୁଡ଼ିକର ଉପଲବ୍ଧତାକୁ ଉନ୍ନତ କରିଛି। ୟୁରୋପ, ଅଷ୍ଟ୍ରେଲିଆ, ବ୍ରିଟେନ, ଓମାନ, ନ୍ୟୁଜିଲ୍ୟାଣ୍ଡ, ୟୁଏଇ ଆଦି ଦେଶ ସହିତ ମୁକ୍ତ ବାଣିଜ୍ୟ ରାଜିନାମା ଫଳରେ ଭାରତର ବାଣିଜ୍ୟିକ ସମ୍ପର୍କ ମଜଭୁତ ହୋଇଛି। ଏସବୁ ରାଜିନାମା ବଜାର ସଂଯୋଗ ବାଢ଼ିବା ସହିତ ଶୁଳ୍କ ହ୍ରାସ କରିଛି, ନିବେଶକୁ ପ୍ରୋତ୍ସାହିତ କରିଛି ଏବଂ ବିଶ୍ୱ ମୂଲ୍ୟ ଶୃଙ୍ଖଳରେ ଭାରତର ସ୍ଥିତିକୁ ମଜଭୁତ କରିଛି।

ବାଣିଜ୍ୟ ବିଭାଗ ଅତିରିକ୍ତ ସଚିବ କହିଛନ୍ତି, ଭାରତର ସାମୁଦ୍ରିକ ଉତ୍ପାଦ କ୍ଷେତ୍ର ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି । ୨୦୨୫-୨୬ରେ ସସାମୁଦ୍ରିକ ଖାଦ୍ୟ ସାମଗ୍ରୀ ରପ୍ତାନି ୮.୪୫ ବିଲିୟନ ଡଲାର ଛୁଇଁଛି ଯାହାକି ଏକ ରେକର୍ଡ । (ପୃଷ୍ଠା:୫)



# ଷ୍ଟ୍ରେସ୍ ଶପିଂ

**ଷ୍ଟ୍ରେସ୍‌ରେ ଥିବା ସମୟରେ ମନ ଏତେ ବିରକ୍ତ ହୋଇଯାଏ ଯେ, କିଛି କରିବାକୁ ଇଚ୍ଛା ହୁଏନି। ତେବେ ଷ୍ଟ୍ରେସ୍‌ରୁ ବାହାରିବା ପାଇଁ ଅନେକ ମହିଳା ଶପିଂ କରିଥାନ୍ତି । ହେଲେ ଷ୍ଟ୍ରେସ୍ ଶପିଂ ଦ୍ୱାରା ହୁଏତ କିଛି ସମୟ ପାଇଁ ରିଲାକ୍ସ ଲାଗିପାରେ, କିନ୍ତୁ ଅକାରଣରେ ଗୁଡ଼ାଏ ଖର୍ଚ୍ଚ ବି ହୋଇଯାଏ...**

ଘର, ଅଫିସ୍ ଏମିତି ବିଭିନ୍ନ ପ୍ରକାର କାମ ଭିତରେ ଅନେକ ସମୟରେ ମହିଳାମାନେ ଷ୍ଟ୍ରେସର ଶିକାର ହୋଇଥାନ୍ତି। ଫଳରେ ମୁଡ୍ ଖରାପ ହୋଇଥାଏ ଓ ମନରେ ବିରକ୍ତିଭାବ ଆସେ। ମନ ଦୁଃଖ ଥିବା ସମୟରେ, ବିରକ୍ତି ଲାଗୁଥିବାବେଳେ କୌଣସି ପ୍ରକାର ଚାପ କିମ୍ବା ଆତ୍ମଗ୍ଲାନି ଭଳି ପରିସ୍ଥିତିରୁ ନିଜକୁ ରିଲାକ୍ସ କରିବା ପାଇଁ ଅଧିକାଂଶ ମହିଳା ଶପିଂ କରିଥାନ୍ତି। କେହି କେହି ବାହାରକୁ ଯାଇ ଶପିଂ କରନ୍ତି ତ କେହି ଅନଲାଇନ୍ ମାଧ୍ୟମରେ। ଏଭଳି ଭାବରେ କିଛି ସମୟ ପାଇଁ ହୁଏତ ମୁଡ୍ ଫ୍ରେଶ୍ ହୋଇଯାଏ। କିନ୍ତୁ ଅନାବଶ୍ୟକ ଭାବେ ବହୁ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ। ଏହି କାରଣରୁ ପରବର୍ତ୍ତୀ ସମୟରେ ଆର୍ଥିକ ଚାପ ବି ଆସିଥାଏ। ତେଣୁ ଏଭଳି ଷ୍ଟ୍ରେସ୍ ଶପିଂ କରୁଥିଲେ ସଚେତନ ହେବା ଜରୁରୀ।

♦ **ଆର୍ଥିକ ବୋଝ:** ଷ୍ଟ୍ରେସ୍ ଶପିଂର ସବୁଠୁ ବଡ ନକାରାତ୍ମକ ଦିଗ ହେଉଛି ଆର୍ଥିକ ବୋଝ। କାରଣ ଏହି ପ୍ରକାର ଶପିଂ କରିବାବେଳେ ଆମେ ସେହି ସବୁ ଜିନିଷ କିଣିଥାଉ ଯାହା ଆମ ପାଇଁ ନିହାତି ଆବଶ୍ୟକ ହୋଇନଥାଏ। ମନ ଖୁସି କରିବା ପାଇଁ ଯାହା ଇଚ୍ଛା ହୁଏ ହଠାତ୍ ତାହା କିଣିଥାଉ। ଫଳରେ ସେସବୁ ଜିନିଷ ଅନେକ ଦିନ ପର୍ଯ୍ୟନ୍ତ ଘରେ ପଡି ରହିଥାଏ। କିଛି ଜିନିଷ ଅନେକଦିନ ଯାଏ ବ୍ୟବହାରଯୋଗ୍ୟ ହୋଇନପାରି ଖରାପ ବି ହୋଇଥାଏ। ଅନ୍ୟପଟେ ଜିନିଷ କିଣିବା ନିମନ୍ତେ ବଜେଟ୍ ବାହାରେ ଯଦି ଖର୍ଚ୍ଚ ହୋଇଥାଏ ତାହା ଆର୍ଥିକ ବୋଝକୁ ବଢାଇଥାଏ। କେହି କେହି କ୍ରେଡିଟ୍ କାର୍ଡ ବି ବ୍ୟବହାରକରି ଲୋନ୍ କରିଦେଇଥାନ୍ତି, ଯାହା ଭବିଷ୍ୟତରେ ଗଣ୍ଡଗୋଳ ବଢାଇଥାଏ। ତେଣୁ କିଛିଦିନ ପରେ ଏସବୁ ଧାର ସୁଝିବାର ସାମର୍ଥ୍ୟ ନରହିଲେ ତାହା ଷ୍ଟ୍ରେସକୁ ବହୁଗୁଣ ବଢାଇ ଦେଇଥାଏ।

♦ **କେମିତି ଜାଣିବେ:** ଯେଉଁମାନେ ବି ଷ୍ଟ୍ରେସ୍ ଶପିଂର ଶିକାର ହୋଇଥାନ୍ତି ସେମାନେ ହଠାତ୍ ଜାଣିପାରନ୍ତି ନାହିଁ। ତେଣୁ କେତେକ ଲକ୍ଷଣ ଦେଖାଗଲେ ଆପଣ ଏଭଳି ଏକ ପରିସ୍ଥିତିର ଶିକାର ହୋଇଛନ୍ତି ବୋଲି ଜାଣିପାରିବେ। ଏହାର ପ୍ରଥମ ଲକ୍ଷଣ ହେଉଛି ଅନେକ ଜିନିଷ କିଣିସାରିବା ପରେ କିଛି ସମୟ ପରେ କାହିଁକି କିଣିଲେ ବୋଲି ପଶ୍ଚାତାପ କରିବେ। ଶପିଂ କରିବାର କାରଣ କେବଳ ମୁଡ୍ ଠିକ୍ କରିବା ହୋଇଥାଏ। ନିଜ ପାଇଁ କିମ୍ବା ଘର ପାଇଁ କୌଣସି ଜିନିଷ ଆବଶ୍ୟକ ନଥିବ। ଏଭଳି ସବୁ ଲକ୍ଷଣ ଥିଲେ ଜାଣିବେ ଯେ ଆପଣ ଷ୍ଟ୍ରେସ୍ ଶପିଂର ଶିକାର ହୋଇଛନ୍ତି।

♦ **ସଚେତନ ରୁହନ୍ତୁ:** ଏଭଳି ଏକ ପରିସ୍ଥିତିରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଥିଲେ କେତେକ ବିଶେଷ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ। ବିରକ୍ତି ଭାବରେ ଯଦି କିଛି କିଣିବାକୁ ଯାଉଥାନ୍ତି ତେବେ ନିଜକୁ ନିୟନ୍ତ୍ରଣ କରନ୍ତୁ।



# ୧୮ ଦିନର ପ୍ରେମ ସମ୍ପର୍କ ପରେ ବିବାହ ସାଜିଥିଲା ଯନ୍ତ୍ରଣାର କାରଣ: ଇଭା

ଟେଲିଭିଜନ ଏବଂ ଫିଲ୍ମ ଅଭିନେତ୍ରୀ ଇଭା ଗ୍ରୋଭର ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଏକ ଭାବପ୍ରବଣ ଖୁଲାସା କରିଛନ୍ତି। ସେ କହିଛନ୍ତି ଯେ, ହାଇଦର ଅଲି ଖାନଙ୍କ ସହ କେବଳ ୧୮ ଦିନର ପ୍ରେମ ସମ୍ପର୍କ ପରେ ସେ ବିବାହ କରିଥିଲେ। ଉଭୟ ଭିନ୍ନ ଧର୍ମର ହୋଇଥିବା ସତ୍ତ୍ୱେ ପରିବାରର ବିରୋଧ ସତ୍ତ୍ୱେ ପ୍ରେମ ବିବାହ କରିଥିଲେ। ଏହି ବିବାହ ତାଙ୍କ ପାଇଁ ସୁଖ ନୁହେଁ, ଯନ୍ତ୍ରଣାର କାରଣ ହୋଇଥିଲା।

ଏକ ପୋଡକାଷ୍ଟରେ ଇଭା କହିଥିଲେ, ୧୮ ଦିନ ମଧ୍ୟରେ କାହାକୁ ପୂରାପୂରି ଜାଣିହେବ ନାହିଁ। ହୁଏତ ଭୁଲ କେବଳ ତାଙ୍କର ନୁହେଁ, ମୋର ମଧ୍ୟ ଥିଲା। ମୁଁ ବହୁତ ଶୀଘ୍ର ନିଷ୍ପତ୍ତି ନେଇଥିଲି। ସେ କହିଛନ୍ତି, ପ୍ରସ୍ତାବ ପାଇବା ପରେ ସେ ମା'ଙ୍କ ସମେତ କାହାର କଥା ନଶୁଣି ୧୯ତମ ଦିନରେ ବିବାହ କରିଥିଲେ। ବିବାହ ପରେ ସେ ଅନୁଭବ କରିଥିଲେ ଯେ ତାଙ୍କର ନିଷ୍ପତ୍ତି ଭୁଲ ଥିଲା। ଇଭାଙ୍କ କହିବା ଅନୁସାରେ, ତାଙ୍କ ସ୍ୱାମୀ ଅତ୍ୟଧିକ ରାଗି ଥିଲେ ଏବଂ ତାଙ୍କ ବ୍ୟବହାର ମଧ୍ୟ ଆକ୍ରମଣାତ୍ମକ ଥିଲା। ସେ ସ୍ୱୀକାର କରିଥିଲେ ଯେ ତାଙ୍କ ଉପରେ ଶାରୀରିକ ନିର୍ଯାତନା ମଧ୍ୟ ହୋଇଥିଲା।

ଇଭା କହିଛନ୍ତି, ବିବାହର ଚାରି ବର୍ଷ ପରେ ସେ ଭାବିଥିଲେ ଯେ ସନ୍ତାନ ଜନ୍ମ ହେଲେ ସମ୍ପର୍କ ସୁଧୁରିଯିବ, କିନ୍ତୁ ତାହା ହୋଇନଥିଲା। ଝିଅ ଜନ୍ମ ହେବାର ଏକ ମାସ ପରେ ପରିସ୍ଥିତି ଆହୁରି ଖରାପ ହୋଇଯାଇଥିଲା।

ସେହି ସମୟରେ ସେ ଧାରାବାହିକ 'ୱକ୍ତ ବତାଏଗା କୌନ୍ ଅପନା କୌନ୍ ପରାୟା'ର ଶୁଟିଂ କରୁଥିଲେ ଏବଂ ମାନସିକ ଚାପ ଓ ଅବସାଦରେ ରହୁଥିଲେ। ସହକର୍ମୀମାନେ ତାଙ୍କୁ ଏହି ସମ୍ପର୍କରୁ ବାହାରି ଆସିବା ପାଇଁ ସାହସ ଯୋଗାଇଥିଲେ। ସେ ଆହୁରି କହିଛନ୍ତି ଯେ, ଯେତେବେଳେ ସେ ନିଜ ମା'ଙ୍କ ସହ କଥା ହୋଇଥିଲେ, ତାଙ୍କ ମା' ତାଙ୍କୁ ଖୋଲା ହୃଦୟରେ ଗ୍ରହଣ କରିଥିଲେ।

# ହର୍ବାଲ ନିମ୍ବ ଶାମ୍ପୁ

ବଜାରରେ ମିଳୁଥିବା ବିଭିନ୍ନ ପ୍ରକାର ରାସାୟନିକ ଶାମ୍ପୁ ବ୍ୟବହାର କରିବା ବଦଳରେ ଆପଣ ଚାହିଁଲେ ଘରେ ହର୍ବାଲ୍ ନିମ୍ବ ଶାମ୍ପୁ ତିଆରି କରିପାରିବେ।



♦ ଏହି ଶାମ୍ପୁ ତିଆରି କରିବା ପାଇଁ ଅଳ୍ପ କିଛି ନିମ୍ବପତ୍ର, ୨ରୁ ୩ ଚାମଚ ଲିକ୍ୱିଡ୍ ସାବୁନ୍, ୧ ଚାମଚ ଆଲୋଭେରା ଜେଲ୍, ୨ କପ୍ ପାଣି ଓ ୪ରୁ ୫ ବୁନ୍ଦା ନଡ଼ିଆତେଲ ନିଅନ୍ତୁ।

♦ ପ୍ରଥମେ ନିମ୍ବପତ୍ରକୁ ଧୋଇ ପାଣି ଦେଇ ସିଝାଇ ନିଅନ୍ତୁ। ପାଣି ଅଧା ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ପାଣି ଥଣ୍ଡାହେବା ପରେ ଏହାକୁ ଛାଣି ରଖନ୍ତୁ।

♦ ଏବେ ଏଥିରେ ଲିକ୍ୱିଡ୍ ସାବୁନ୍, ଆଲୋଭେରା ଜେଲ୍ ଓ ନଡ଼ିଆତେଲ ମିଶାଇ ଭଲଭାବରେ ଗୋଳାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ନିମ୍ବ ଶାମ୍ପୁ। ସପ୍ତାହକୁ ୨ଥର ଏହାର ବ୍ୟବହାର କରନ୍ତୁ। ରୂପି ତଥା କେଶ ମୂଳ କୁଣ୍ଡାଇହେବା ଭଳି ବିଭିନ୍ନ ସମସ୍ୟା କିଛି ଦିନ ମଧ୍ୟରେ ଦୂର ହୋଇଯିବ। ସେନ୍ସିଟିଭ୍ ସ୍କିନ୍ ନିମନ୍ତେ ଏହି ଶାମ୍ପୁ ବହୁତ ଭଲ।

**ସୌନ୍ଦର୍ଯ୍ୟ**

# ଆମ୍ବ ଫେସ୍ ପ୍ୟାକ୍

**ଖରାଦିନେ ପ୍ରଚୁର ପରିମାଣରେ ମିଳୁଥିବା ଆମ୍ବରେ ତିଆରି କରନ୍ତୁ ଫେସ୍ ପ୍ୟାକ୍...**

♦ **ଆମ୍ବ ଦହି:** ୨ ବଡ଼ ଚାମଚ ଆମ୍ବ ରସ ସହିତ ୧ ବଡ଼ ଚାମଚ ଦହି ଓ ଅଧା ଚାମଚ ଚିନି ସିରପ୍ ମିଶାନ୍ତୁ। ଏହାକୁ ଭଲଭାବରେ ଗୋଳାଇ ମୁହଁ ତଥା ବେକରେ ଲଗାନ୍ତୁ। ଆଖି ପାଖରେ ଏହାକୁ ଲଗାନ୍ତୁ ନାହିଁ। ୧୫ ରୁ ୨୦ ମିନିଟ୍ ପରେ ମୁହଁ ଧୋଇଦିଅନ୍ତୁ।

♦ **ଆମ୍ବ ମହୁ:** ୨ ବଡ଼ ଚାମଚ ପାଚିଲା ଆମ୍ବ ରସ ସହ ୧ ଚାମଚ ମହୁ ମିଶାନ୍ତୁ। ଏହାକୁ ମୁହଁ ଓ ବେକରେ ଲଗାଇ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ। ୨୦ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ। ତ୍ୱଚା ଅଧିକ ମୁଲାୟମ ଓ ସୁନ୍ଦର ଦେଖାଯିବ।

♦ **ଆମ୍ବ ଆଲୋଭେରା:** ଆମ୍ବରସ ସହ ଆଲୋଭେରା ଜେଲ୍ ମିଶାଇ ମୁହଁରେ ଲଗାନ୍ତୁ। ୧୫ ମିନିଟ୍ ପରେ ଧୋଇଦିଅନ୍ତୁ। ଖରାରେ ଅଧିକ ସମୟ ରହିବା ପରେ ଝାଉଁଳି ଯାଇଥିବା ତ୍ୱଚା ପୁଣିଥରେ ଉଜ୍ଜ୍ୱଳ ଦେଖାଯିବ। ତ୍ୱଚାର ବିଭିନ୍ନ ଦାଗକୁ ମଧ୍ୟ ଏହି ପ୍ୟାକ୍ ଦୂର କରିଥାଏ।

♦ **ଆମ୍ବ ଓ ହଳଦୀ:** ଆମ୍ବରସ ସହ ଅଳ୍ପ ହଳଦୀ ଓ କ୍ଷୀର ମିଶାଇ ମୁହଁରେ ଲଗାନ୍ତୁ। ନିୟମିତ ଏହାକୁ ବ୍ୟବହାର କଲେ ତ୍ୱଚା ଅଧିକ ଗ୍ଲୋ କରିବ।

♦ **ଆମ୍ବ ଓ ବେସନ:** ଆମ୍ବ ସହ ବେସନ ଓ ଗୋଲାପ ଜଳ ମିଶାଇ ଲଗାନ୍ତୁ। ଏହି ପ୍ୟାକ୍ ଅଏଲି ସ୍କିନରେ ଥିବା ଅତିରିକ୍ତ ତେଲକୁ ବାହାର କରି ସୁନ୍ଦର କରିଥାଏ।

♦ **ଆମ୍ବ ଓ ଓଟ୍ସ:** ଓଟ୍ସକୁ ଗୁଣ୍ଡକରି ଆମ୍ବରସରେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପ୍ୟାକକୁ ମୁହଁରେ ଗୋଲାକାରରେ ଘଷି ଛଡ଼ାନ୍ତୁ। ତ୍ୱଚା ଅଧିକ ମୁଲାୟମ ହେବ।



**ପାଟି ସୁଆଦ**

# ବ୍ରେଡ୍ ପକୋଡ଼ା

♦ **ଆବଶ୍ୟକ ସାମଗ୍ରୀ:** ବ୍ରେଡ୍- ୬ ଖଣ୍ଡ, ବେସନ- ୧ କପ୍, ଚାଉଳ ଗୁଣ୍ଡ- ୨ ବଡ଼ ଚାମଚ, ଜିରାଗୁଣ୍ଡ- ଅଧା ଚାମଚ, ଲଙ୍କାଗୁଣ୍ଡ- ଅଧା ଚାମଚ, ଗରମ ମସଲା- ଅଳ୍ପ, ଖାଇବା ସୋଡ଼ା- ଅଳ୍ପ, ହଳଦୀ ଗୁଣ୍ଡ, ଲୁଣ, ପାଣି ଓ ତେଲ ଆବଶ୍ୟକ ଅନୁସାରେ।



♦ **ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ର ନେଇ ସେଥିରେ ବେସନ, ଚାଉଳଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା ଗୁଣ୍ଡ, ଲଙ୍କାଗୁଣ୍ଡ, ହଳଦୀ ଓ ଲୁଣ ପକାଇ ଏକ ଘୋଳ ତିଆରି କରନ୍ତୁ। ଘୋଳ ଟିକେ ବହଳିଆ କରନ୍ତୁ। ଏହି ଘୋଳରେ ଆପଣ ଚାହିଁଲେ ଜୁଆଣି ଓ ଧନିଆପତ୍ର ମଧ୍ୟ ପକାଇପାରିବେଛ ଏବେ ବ୍ରେଡ୍‌ଗୁଡ଼ିକର ଚାରିପଟେ ଥିବା କଳା ଅଂଶକୁ କାଟି ବାହାର କରିଦିଅନ୍ତୁ। ଏହାକୁ ମଝିରୁ ଦୁଇ କୋଣକୁ କାଟି ୨ ଖଣ୍ଡ ଲେଖାଏ କରିରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ବ୍ରେଡ୍‌କୁ ବେସନ ଘୋଳରେ ବୁଡ଼ାଇ ତେଲରେ ଛାଣିଦିଅନ୍ତୁ। ବାଦାମୀ ରଙ୍ଗର ହୋଇଗଲେ ତେଲରୁ ବାହାରକରି ଗରମ ଗରମ ଖାଆନ୍ତୁ। ସସ୍ କିମ୍ବା ଚଟଣି ସହ ଏହା ବହୁତ ଭଲ ଲାଗିବ।

**ଆପଣାନ୍ତୁ ଟିପ୍ସ**

# ଘରକୁ ଆସିବେନି ପିମ୍ପୁଡ଼ି

**ଘରେ ନାଲି ପିମ୍ପୁଡି ବୁଲୁଥିବା ଦେଖିଲେ ଅଧିକାଂଶ ସମୟରେ ଲୋକମାନେ ପିମ୍ପୁଡିଙ୍କ ଉପରେ କୀଟନାଶକ ସ୍ପ୍ରେ କରି ମାରିଦିଅନ୍ତି । କିନ୍ତୁ ଆଜି ଆମେ ଆପଣଙ୍କୁ ଏମିତି କିଛି ଟିପ୍ସ କହିବୁ ଯାହାଦ୍ୱାରା ଆପଣ ପିମ୍ପୁଡିଙ୍କୁ ନମାରି ବି ଘରୁ ବାହାର କରିଦେଇପାରିବେ । ଆସନ୍ତୁ ଜାଣିବା ଏହି ଟିପ୍ସ ସମ୍ପର୍କରେ...**

♦ **କାକୁଡ଼ି ଚୋପା**

ପ୍ରଥମ ଉପାୟ ହେଉଛି କାକୁଡ଼ି ଚୋପା। ଅନେକ ଲୋକ ବିଶ୍ୱାସ କରନ୍ତି ଯେ ପିମ୍ପୁଡ଼ିମାନଙ୍କୁ କାକୁଡ଼ିର ଗନ୍ଧ ଜମାରୁ ପସନ୍ଦ ନୁହେଁ। କିଛି ଗବେଷଣାରୁ ମଧ୍ୟ ଜଣାପଡ଼ିଛି ଯେ କାକୁଡ଼ି ଚୋପାରେ ଏପରି କିଛି ଉପାଦାନ ଥାଏ, ଯାହା ସେହି ଫଙ୍ଗସକୁ କମାଇଥାଏ ଯାହା ପ୍ରତି ପିମ୍ପୁଡ଼ିମାନେ ଆକର୍ଷିତ ହୁଅନ୍ତି। ସେହି ସ୍ଥାନଗୁଡ଼ିକରେ କାକୁଡ଼ି ଚୋପା ରଖିପାରିବେ ଯେଉଁଠାରେ ପିମ୍ପୁଡି ସବୁଠାରୁ ଅଧିକ ଦେଖାଯାନ୍ତି କିମ୍ବା ଯେଉଁ ବାଟ ଦେଇ ସେମାନେ ଘର ଭିତରକୁ ପ୍ରବେଶ କରନ୍ତି।

♦ **ଭିନେଗାର**

ଦ୍ୱିତୀୟ ସହଜ ଉପାୟ ହେଉଛି ଭିନେଗାରର ବ୍ୟବହାର। ନାଲି ପିମ୍ପୁଡ଼ିମାନେ ଭିନେଗାରର ତୀବ୍ର ଗନ୍ଧ ଯୋଗୁ ଦୂରକୁ ପଳାନ୍ତି। ଏଥିପାଇଁ ସମାନ ପରିମାଣର ଭିନେଗାର ଏବଂ ପାଣି ମିଶାଇ ଏକ ସ୍ପ୍ରେ ପ୍ରସ୍ତୁତ କରନ୍ତୁ। ଏବେ ଏହାକୁ ସେହି ସ୍ଥାନଗୁଡ଼ିକରେ ସ୍ପ୍ରେ କରନ୍ତୁ ଯେଉଁଠାରେ ପିମ୍ପୁଡ଼ି ପ୍ରାୟତଃ ଦେଖାଯାନ୍ତି।

♦ **ଚକ୍‌ର ବ୍ୟବହାର**

ଅନେକ ଘରେ ପିମ୍ପୁଡ଼ିମାନଙ୍କୁ ରୋକିବା ପାଇଁ ଚକ୍ ମଧ୍ୟ ବ୍ୟବହାର କରାଯାଏ। ବିଶ୍ୱାସ କରାଯାଏ ଯେ ଚକ୍‌ରେ ଟଣାଯାଇଥିବା ରେଖା ପିମ୍ପୁଡ଼ିଙ୍କ ରାସ୍ତାରେ ବାଧା ସୃଷ୍ଟି କରିଥାଏ। ଯଦିଓ ଏହି ଉପାୟଟି ଦୀର୍ଘ ସମୟ ପାଇଁ ପ୍ରଭାବଶାଳୀ ହୋଇନଥାଏ, ତଥାପି କିଛି ସମୟ ପାଇଁ ପିମ୍ପୁଡିଙ୍କ ଯାତାୟାତ କମିଯାଇପାରେ।

ଧ୍ୟାନ ଦିଅନ୍ତୁ ଯଦି ଘରେ ପିମ୍ପୁଡ଼ିଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିଚାଲିଛି, ତେବେ ସେମାନଙ୍କ ଆସିବାର ମୂଳ କାରଣକୁ ଦୂର କରିବା ଜରୁରୀ ହୋଇଥାଏ। ପ୍ରାୟତଃ ଖାଦ୍ୟର ଛୋଟ ଛୋଟ କଣିକା, ମିଠା ପାନୀୟର ଦାଗ ଏବଂ ଖୋଲା ରଖାଯାଇଥିବା ଖାଦ୍ୟ ପିମ୍ପୁଡ଼ିଙ୍କୁ ଆକର୍ଷିତ କରିଥାଏ। ବିଶେଷଜ୍ଞଙ୍କ ଅନୁଯାୟୀ, ରୋଷେଇ ଘର ଏବଂ ଚଟାଣର ନିୟମିତ ସଫେଇ ହିଁ ପିମ୍ପୁଡିଙ୍କୁ ଦୂରେଇ ରଖିବାର ସବୁଠାରୁ ପ୍ରଭାବଶାଳୀ ଉପାୟ। ଖାଦ୍ୟ ତଳେ ପଡ଼ିବା ମାତ୍ରେ ତାକୁ ସଙ୍ଗେ ସଙ୍ଗେ ସଫା କରନ୍ତୁ ଏବଂ ରୋଷେଇ ଘରର କୋଣ ଅନୁକୋଣରେ ଜମି ରହିଥିବା ଖାଦ୍ୟକୁ ସଫା କରନ୍ତୁ। ଏହା ବ୍ୟତୀତ ଖାଦ୍ୟ ପଦାର୍ଥକୁ ସବୁବେଳେ ଏୟାରଟାଇଟ୍ ଡବାରେ ଷ୍ଟୋର କରି ରଖନ୍ତୁ। ଘରେ ଥିବା ଫାଟ ଏବଂ ଛୋଟ ଛୋଟ କଣା ମଧ୍ୟ ପିମ୍ପୁଡ଼ିଙ୍କ ପାଇଁ ଏଣ୍ଟ୍ରି ଗେଟ୍ ଭଳି କାମ କରେ। ତେଣୁ ଝରକା, କବାଟ ଏବଂ କାନ୍ଥର ଫାଟଗୁଡ଼ିକୁ ସିଲ୍ କରିବା ଜରୁରୀ।



# କିପରି କଟିବ ଆଜିର ଦିନ

୧୧ ଜୁନ୍ ୨୦୨୬

**ମେଷ:** ଭୁଲ୍ ବୁଝାମଣା ହେତୁ ପରିବାରରେ କଳହର ଆଶଙ୍କା ରହିଛି। ଯାନବାହନରେ ତ୍ରୁଟିଜନିତ କାରଣରୁ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେନି। ଆଶା କରିଥିବା କାର୍ଯ୍ୟରେ ସଫଳତା ପାଇବା ପାଇଁ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ।

**ବୃଷ:** ବାକି ପଡ଼ିଥିବା କାମକୁ ଶେଷ କରିବାକୁ ଚିନ୍ତିତ ଥିଲାବେଳେ ନୂଆ କାମଟିଏ ହାତକୁ ନେବାକୁ ପଡ଼ିପାରେ। ଦେଣନେଣ କାରବାରରେ କୌଣସି ବନ୍ଧୁଙ୍କ ସହ ମତାନ୍ତର ତୀବ୍ର ହେବାର ସୂଚନା ରହିଛି।

**ମିଥୁନ:** ପୂର୍ବଶତ୍ରୁତାରୁ ଝଗଡ଼ା କରିବାକୁ ଚାହୁଁଥିବା ବ୍ୟକ୍ତିର ସାମ୍ନା କରିପାରିବେ ନାହିଁ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହମତିରେ କାମ କଲେ ଉପକୃତ ହେବେ।

**କର୍କଟ:** କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ। ସହକର୍ମୀଙ୍କ ମିଥ୍ୟା ଅଭିଯୋଗ ପାଇଁ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ ।

**ସିଂହ:** ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟା ସମାଧାନ କରିପାରନ୍ତି। ଆପଣଙ୍କ ସେବାଲାଭ କରି ସହଯାତ୍ରୀଟି କୃତ୍ୟକୃତ୍ୟ ହୋଇଯିବ। ଉଚ୍ଚଶିକ୍ଷା, କର୍ମାରମ୍ଭରେ ସଫଳତା ପାଇବେ। ମହିଳାମାନେ ଉପକୃତ ହେବେ।

**କନ୍ୟା:** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ କିନ୍ତୁ ଆର୍ଥିକ ଦିଗଟି ପୂର୍ବପରି ରହିବ। ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନଚଳିବା ଯୋଗୁ ଝଗଡ଼ା ହୋଇପାରେ।

**ତୁଳା:** କୌଣସି କଥାରେ ଅଭାବ ନଥିଲେ ମଧ୍ୟ ପାରିବାରିକ ବିଶୃଙ୍ଖଳା ଯୋଗୁ ମାନସିକ ସ୍ଥିତି ବିଗିଡ଼ିଯିବ। ପାରସ୍ପରିକ ମତଭେଦ କାରଣରୁ କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମକୁ ସାମ୍ନା କରିବାକୁ ପଡ଼ିପାରେ।

**ବିଛା:** ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନକଲେ ପରିସ୍ଥିତି ବିଗିଡି ଯିବାର ଆଶଙ୍କା ରହିଛି। କୌଣସି ସଭାସମିତି କାର୍ଯ୍ୟରେ ସମ୍ମାନିତ ହେବାର ସୌଭାଗ୍ୟ ଲାଭ କରିବେ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇ ପାରନ୍ତି ।

**ଧନୁ:** ପାରସ୍ପରିକ ଆପୋସ ମିଳାମିଶାରୁ ବିବାଦର ସମାଧାନର ସୂତ୍ର ବାହାରିପାରେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କିନ୍ତୁ ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ କୈଫିୟତ ତଲବର ଆଶଙ୍କା ରହିଛି।

**ମକର:** ପାରିବାରିକ ସମସ୍ୟା କାରଣରୁ ମନରେ ଦ୍ୱନ୍ଦ୍ୱ ଦେଖାଦେବ। ଅଫିସ୍‌ରେ ମଧ୍ୟ ବିବାଦ ବୃଦ୍ଧି ପାଇବାରୁ କୌଣସି ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ନିଜ ଲୋକଙ୍କ ବେଖାତିର ମନୋଭାବ ପ୍ରକାଶ କରିପାରନ୍ତି।

**କୁମ୍ଭ:** ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇପାରେ। ବ୍ୟବସାୟରେ ସଫଳତା ହାସଲ କଲେ ମଧ୍ୟ ହଇରାଣ ହେବାକୁ ପଡ଼ିପାରେ। ଯାନବାହନ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତିତ ରହିବେ।

**ମୀନ:** ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ବହୁତ ପ୍ରତିରୋଧର ସାମନା କରିବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ପଛକଥା ନଭାବି ପରିସ୍ଥିତିକୁ ସାମ୍ନା କଲେ ଉପକୃତ ହେବେ।

### ଗାଁରେ ଦଲାଲଙ୍କ ରାଜ୍

# ଆୟୁଷ୍ମାନ କାର୍ଡଧାରୀଙ୍କୁ ମୋହରା କରି ବଡ଼ ଧରଣର ସ୍କାମ୍



ବାରିପଦା, ୧୦।୬ (ନି.ପ୍ର): ବାରିପଦାର ଘରୋଇ ନର୍ସିଂହୋମ ବିରୋଧରେ ସଂଗୀନ ଅଭିଯୋଗ। ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ, ସିଡିଏମଓଙ୍କୁ ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ। ଗରିବ ଅସହାୟ ଲୋକଙ୍କ ସରକାରୀ 'ଆୟୁଷ୍ମାନ କାର୍ଡ'କୁ ମୋହରା କରି ଚାଲିଛି ମୋଟା ଅଙ୍କର ଅର୍ଥ ହରିଲୁଟ୍। ବିଭିନ୍ନ ରୋଗର ଭଲ ଚିକିତ୍ସା କରାଇଦେବା ନାଁରେ ପ୍ରଲୋଭନ ଦେଖାଇ ନର୍ସିଂହୋମକୁ ଆଣିବା ପରେ, ରୋଗୀଙ୍କ ସହମତି ବିନା ଜୋରଜବରଦସ୍ତ ଆଖି ଅପରେସନ କରି ଘରେ ଛାଡ଼ିଦେବା ଭଳି ଏକ ଚାଞ୍ଚଲ୍ୟକର ତଥା ଅଭାବନୀୟ ଘଟଣା ଏବେ ସାମ୍ନାକୁ ଆସିଛି। ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅନ୍ତର୍ଗତ ନରଣପୁର ପଞ୍ଚାୟତ ପୂର୍ଣ୍ଣଚନ୍ଦ୍ରପୁର ଗାଁରେ ଏଭଳି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ଅଭିଯୋଗ ଅନୁସାରେ, ଗାଁର କିଛି ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଭୁବନେଶ୍ୱରରୁ ବଡ଼ ଡାକ୍ତର ଆସିବେ ଉତ୍ତମ ଚିକିତ୍ସା ଯୋଗାଇଦେବେ ବୋଲି କହି ଦଲାଲମାନେ ପ୍ରଲୋଭନ ଦେଖାଇଥିଲେ। କେହି ହାତ ଟ୍ୟୁମର ତ ଆଉ କେହି ଆଣ୍ଠୁଗଣ୍ଠି ବାତର ଚିକିତ୍ସା ପାଇଁ ବାରିପଦାର ଏକ ପ୍ରତିଷ୍ଠିତ ଘରୋଇ ନର୍ସିଂହୋମକୁ ଗାଡ଼ିରେ ଆସିଥିଲେ। ହେଲେ ସେଠାରେ ସେମାନଙ୍କର ମୂଳ ରୋଗର ଚିକିତ୍ସା ନକରି, ଓଲଟା ଜୋରଜବରଦସ୍ତ ଆଖି ଅପରେସନ କରାଯାଇଥିବା ନେଇ ପୀଡ଼ିତମାନେ ସଂଗୀନ ଅଭିଯୋଗ ଆଣିଛନ୍ତି। ଆୟୁଷ୍ମାନ ଭାରତ ଯୋଜନାରୁ ପାଣ୍ଠି ହଡ଼ପ କରିବା ଉଦ୍ଦେଶ୍ୟରେ ହିଁ ଦଲାଲ ଓ ନର୍ସିଂହୋମ କର୍ତ୍ତୃପକ୍ଷଙ୍କ ମଧୁଚନ୍ଦ୍ରିକାରେ ଏଭଳି କାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି ବୋଲି କହିଛନ୍ତି ସମାଜସେବୀ।

ଗତ ମଙ୍ଗଳବାର ଦିନ ଅପରେସନ ସରିବା ପରେ ରୋଗୀମାନଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ଆଣି ଗାଁରେ ଛାଡ଼ି ଦିଆଯାଇଥିଲା। ତେବେ ପୀଡ଼ିତମାନେ ନିଜ ପରିବାର ଓ ସାହିପଡ଼ିଶାଙ୍କ ଆଗରେ ସମସ୍ତ ସତ୍ୟ ପ୍ରକାଶ କରିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ସମ୍ପୃକ୍ତ ଆମ୍ବୁଲାନ୍ସକୁ ଅଟକ ରଖିବା ସହ ଏନେଇ ବଡ଼ସାହି ଥାନାରେ ଏକ ଲିଖିତ ମାମଲା ରୁଜୁ କରିଛନ୍ତି। ଏନେଇ ପିଡୀତା ମାନେ କହିଛନ୍ତି ଆମେ ଆସିଥିଲୁ ଆଣ୍ଠୁଗଣ୍ଠି ବଥା, ଟିୟୁମର ଅପରେସନ ପାଇଁ, ହେଲେ ସେମାନେ ଆମକୁ କ'ଣ ଔଷଧ ଦେଇ ଶୁଆଇଦେଲେ ଓ ଜୋରଜବରଦସ୍ତ ଆଖି ଅପରେସନ କରିଦେଲେ ବୋଲି କହିଛନ୍ତି ପୀଡ଼ିତା ଓ ଗ୍ରାମବାସୀ। ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେମାନେ ପହଞ୍ଚି ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି ଏବଂ ନ୍ୟାୟ ଭିକ୍ଷା କରିଛନ୍ତି। ସ୍ୱାସ୍ଥ୍ୟସେବା ନାଁରେ ଗରିବଙ୍କ ଜୀବନ ସହ ଏଭଳି ଖେଳ ଖେଳାଯାଉଥିବାରୁ ଜିଲ୍ଲାପାଳ ତୀବ୍ର ଉଦବେଗ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଡକାଇ ଘଟଣାର ଏକ ନିରପେକ୍ଷ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଗୋପବନ୍ଧୁ ନଗର ପଞ୍ଚାୟତ ସମିତି ବୈଠକ



ଖୁଣ୍ଟା,୧୦।୬(ନି.ପ୍ର): ଗୋପବନ୍ଧୁ ନଗର ବ୍ଲକ ନୂତନ ସଭା ଗୃହରେ ଆଜି ଏକାଦଶ ତମ ସାଧାରଣ ପଞ୍ଚାୟତ ସମିତି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଝୁଲଣ ବାରସାଳିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ପୃଥ୍ୱିରାଜ ପରିଡା, ବ୍ଲକ ଉପାଧକ୍ଷା ରଶ୍ମିତା ଚୈଧୁରୀ, ୧୪ ଓ ୧୫ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ଲେଙ୍କା ଓ ଉର୍ମିଳା ସେଠୀ, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡିଆ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆଗାମୀ ଦିନରେ ପଞ୍ଚାୟତ ଓ ବ୍ଲକସ୍ତରରେ ଯୋଜନା ସମ୍ପର୍କରେ ବିଡ଼ିଓ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୁଣ୍ଟା ଡାକ୍ତରଖାନା ପରିସରରେ ପାଣି ଜମୁଥିବାରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

ସେହିଭଳି ଶବ ବ୍ୟବଚ୍ଛେଦ ଗୃହକୁ ସମ୍ପୂର୍ଣ୍ଣ କରିବା ନେଇ ଆଲୋଚନା ହୋଇଥିଲା। ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଓ ଏକ୍ସରେ ମେସିନ ସରକାର ଯୋଗାଇ ଦେବାକୁ ଜନପ୍ରତିନିଧି ମାନେ ଦାବି ଉଠାଇଥିଲେ। ଶିକ୍ଷା ବିଭାଗ ପକ୍ଷରୁ ଚଳିତବର୍ଷ ଛାତ୍ରଛାତ୍ରୀମାନଙ୍କୁ ଖୁବ୍ ଶୀଘ୍ର ନୂତନ ପାଠ୍ୟ ପୁସ୍ତକ ସହ ପୋଷାକ ଯୋଗାଇ ଦିଆଯିବ ବୋଲି ଏବିଇଓ କୁଳମଣି ନାଏକ ସୂଚନା ଦେଇଥିଲେ। ସମ୍ଭାବ୍ୟ ୧୮ ତାରିଖ ବିଦ୍ୟାଳୟ ଖୋଲିବା ପୂର୍ବରୁ ବିଦ୍ୟାଳୟ ପରିସର ପରିଷ୍କାର ଓ ପରିଚ୍ଛନ୍ନ କରିବାକୁ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଙ୍କୁ ସୂଚନା ଦିଆଯାଇଛି। ଶୀଳଘାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷକ ଅଭାବ ନେଇ ଆଲୋଚନା ହେବା ସହ ଖୁବ୍ ଶୀଘ୍ର ଏହାର ସମାଧାନ ହେବ ବୋଲି ଶ୍ରୀ ନାଏକ କହିଥିଲେ। ମେଗା ଜଳପ୍ରକଳ୍ପ ତରଫରୁ ଶୁଦ୍ଧ ପାନୀୟ ଜଳ ଯୋଗାଣ କିଛି ଗ୍ରାମକୁ ଯୋଗାଇ ଦିଆଯାଇଥିବା ବେଳେ ଆଉ ଅବଶିଷ୍ଟ ଗ୍ରାମ ମାନଙ୍କୁ ଖୁବ୍ ଶୀଘ୍ର ଯୋଗାଇ ଦିଆଯିବ ବୋଲି ଜଳ ପରିମଳ ବିଭାଗ ପକ୍ଷରୁ କୁହାଯାଇଛି। ବିଦ୍ୟୁତ ବିଭାଗ ପକ୍ଷରୁ ସରକାରଙ୍କ ସୋଲାର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ। ତେବେ ବିଦ୍ୟୁତ୍ କାଟକୁ ନେଇ ଜନପ୍ରତିନିଧି ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି, ମତ୍ସ୍ୟ, ଉଦ୍ୟାନ, ଯୋଗାଣ ବିଭାଗ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆଇଏସ୍ଏସ୍ ପ୍ରକଳ୍ପ ସମ୍ବଲପୁର ବିକାଶରେ ଯୋଡ଼ିବ ସ୍ୱର୍ଣ୍ଣିମ ଅଧ୍ୟାୟ

ସମ୍ବଲପୁର,୧୦।୬(ନିପ୍ର): ସ୍ଥାନୀୟ ଅଯୋଧ୍ୟା ସରୋବର ସ୍କୋୟାର ନିକଟ ମହାନଦୀ ଉପରେ ପ୍ରସ୍ତାବିତ ବ୍ରିଜ୍ କମ୍ ବ୍ୟାରେଜ୍ ସହ ଅନ୍ତଃନଦୀ ଜଳାଶୟ (ଆଇଏସ୍ଏସ୍) ପ୍ରକଳ୍ପ ସମ୍ବଲପୁରର ବହୁମୁଖୀ ବିକାଶରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିବ ବୋଲି ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି କହିଛନ୍ତି। ରାଜ୍ୟ କ୍ୟାବିନେଟରେ୍ ଏହି ପ୍ରକଳ୍ପକୁ ମଞ୍ଜୁରି ମିଳିବା ପରେ ସେ ଏହାକୁ ସମ୍ବଲପୁରବାସୀଙ୍କ ପାଇଁ ଏକ ଐତିହାସିକ ଉପହାର ବୋଲି ବର୍ଣ୍ଣନା କରିଛନ୍ତି।

ଶ୍ରୀ ବକ୍ସି କହିଛନ୍ତି, ୪୪୦ କୋଟି ଟଙ୍କାର ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସମ୍ବଲପୁର ସମେତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗମନାଗମନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ଏବଂ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହେବା ସହିତ ଭୂତଳ ଜଳସ୍ତର ବୃଦ୍ଧି ପାଇବ। କୃଷି, ପଶୁପାଳନ ଓ ମତ୍ସ୍ୟଚାଷ ଭଳି କ୍ଷେତ୍ରଗୁଡ଼ିକ ମଧ ଉପକୃତ ହେବେ। ଏହି ପ୍ରକଳ୍ପ ମହାନଦୀ ତଟବର୍ତ୍ତି ଅଞ୍ଚଳରେ ପର୍ଯ୍ୟଟନର ନୂଆ ସମ୍ଭାବନା ସୃଷ୍ଟି କରିବ। ନୌବିହାର ଓ ଜଳଭିତ୍ତିକ ପର୍ଯ୍ୟଟନ କାର୍ଯ୍ୟ କଳାପର ବିକାଶ ସହିତ ମା' ସମଲେଶ୍ୱରୀଙ୍କ ପୀଠକୁ କେନ୍ଦ୍ର କରି ଏକ ଆକର୍ଷଣୀୟ ଆଳତି ଘାଟ ପ୍ରତିଷ୍ଠା ହେବା ଫଳରେ ଧାର୍ମିକ ଓ ସାଂସ୍କୃତିକ ପର୍ଯ୍ୟଟନ ନୂତନ ରୂପ ପାଇବ। ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ନିରନ୍ତର ପ୍ରଚେଷ୍ଟା ଫଳରେ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ଉକ୍ତ ପ୍ରକଳ୍ପକୁ ଅନୁମୋଦନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଧାୟକ ଜୟ ନାରାୟଣ ମିଶ୍ରଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

### ପେନସନର ସଂଘ ପକ୍ଷରୁ ଦାବିପତ୍ର

# ଚିକିତ୍ସା ଭତ୍ତା ସହିତ ୧୮ ମାସର ବକେୟା ମହାର୍ଘ ଭତ୍ତା ମିଳୁ

ବାରିପଦା, ୧୦।୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ପେନସନର ସଂଘ ପକ୍ଷରୁ ଚିକିତ୍ସା ଭତ୍ତା ସମେତ ୯ ଦଫା ଦାବି ରାଜ୍ୟ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବୀ ମୁତାବକ ଭାରତରେ କେନ୍ଦ୍ର ସରକାରଙ୍କର କେନ୍ଦ୍ର ସରକାରୀ ପେନସନରମାନଙ୍କୁ ଚିକିତ୍ସା ଭତ୍ତା ସହିତ ଭାରତର ୨୮ଟି ରାଜ୍ୟ ତାଙ୍କ ରାଜ୍ୟ ପେନସନରମାନଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ କରୁଛନ୍ତି। ମାତ୍ର ଓଡିଶା ରାଜ୍ୟ ସରକାର ଓଡିଶାର ପେନସନରମାନଙ୍କୁ ଚିକିତ୍ସା ଭତ୍ତା ଦେବା ନିମନ୍ତେ ସଂଘ ଦୀର୍ଘ ଦିନରୁ



ଦାବିପତ୍ର ଦେଇ ଆସୁଥିଲେ ମଧ ଏ ପର୍ଯ୍ୟନ୍ତ ଚିକିତ୍ସା ଭତ୍ତା ପେନସନାର ମାନଙ୍କୁ ଦେଉନଥିବା ଦୁଖର ବିଷୟ। ଯାହାକି ସାଢେ ୫ ଲକ୍ଷରୁ ଅଧିକ ଫେମିଲି ପେନସନାର ବର୍ତ୍ତମାନର ପରିସ୍ଥିତି ପିଡିତରେ ଔଷଧର ଆବଶ୍ୟକତାକୁ ତୁଲାଇ ପାରୁନାହାନ୍ତି। ଏ ବିଷୟରେ ମନ୍ତ୍ରୀ ଶ୍ରୀଯୁକ୍ତ ଖୁଣ୍ଟିଆଙ୍କୁ ଜିଲ୍ଲା ପେନସନର ସଂଘର କର୍ମକର୍ତ୍ତାମାନେ ଭେଟି ଆଲୋଚନା କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରି ଚିକିତ୍ସା ଭତ୍ତା ପ୍ରଦାନ, ୧୮ ମାସର ବାକିଆ ମହର୍ଘ ଭତ୍ତା ଯୋଗାଇ ଦେବା ସହ ଅନ୍ୟାନ୍ୟ ଦାବି ଗୁଡିକ ତୁରନ୍ତ ପୂରଣ କରାଯିବାକୁ ଦାବୀ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ମୟୁରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ ପେନସନର ସଂଘର ସଭାପତି ଚନ୍ଦ୍ର ମୋହନ ମାଝୀ, ରାଜ୍ୟ ମହାସଂଘର ଉପାଧକ୍ଷ ସୁରେଶ ଚନ୍ଦ୍ର ମୁନି, ଜିଲ୍ଲା ସଂଘର ସଂପାଦକ ଗୋପାଳ ଚନ୍ଦ୍ର ବେହେରା, କୋଷାଧକ୍ଷ ପ୍ରତାପ ମହାପାତ୍ର, ସଭ୍ୟ ପ୍ରଭାକର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଭଞ୍ଜ ଜୟନ୍ତୀ

ନୟାଗଡ଼,୧୦।୬ (ନି.ପ୍ର): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସିଦ୍ଧି ଓ ସାଧନାର ପବିତ୍ର ପୀଠ ମାଳିସାହି ଠାରେ ପାରମ୍ପରିକ ଭଞ୍ଜ ଜୟନ୍ତୀ ଉତ୍ସବର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଞ୍ଜ ଜୟନ୍ତୀ କିପରି ସଫଳତାର ସହିତ ସମ୍ପାଦକ କରାଯିବ ତାହା ଉପରେ ଗୁରୁତ୍ୱାରୋପ କରାଯିବା ସହ ହାଇସ୍କୁଲସ୍ତରୀୟ ବକ୍ତୃତା, ସଙ୍ଗୀତ ଓ ଅଭିନୟ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ଛାତ୍ରଛାତ୍ରୀ ଓ ମାଟ୍ରିକ ଜିଲ୍ଲା ଟପ୍ପରଙ୍କୁ ଭଞ୍ଜ ଜୟନ୍ତୀ ଉତ୍ସବ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରାରମ୍ଭିକ ଭଞ୍ଜ ସଙ୍ଗୀତ ସହିତ ଓଡ଼ିଶାର ବିଶିଷ୍ଟ ସାହିତ୍ୟ ବିଶାରଦମାନେ ଏହି ସାରସ୍ୱତ ସମାବେଶରେ ସମ୍ଭାଷଣ ରଖିବେ ବୋଲି ସଂପାଦକ ବିଶ୍ୱନାଥ ମହାପାତ୍ର ଜଣାଇଛନ୍ତି। ଉକ୍ତ ବୈଠକରେ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ଓ ସଂସ୍କୃତି ପରିଷଦର କର୍ମକର୍ତ୍ତା ନିରଞ୍ଜନ ସାହୁ, ରାମଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ପ୍ରଧାନ, ପ୍ରଧାନୀ ବୃନ୍ଦାବନ ମହାପାତ୍ର, ତବିରୁନ ବିବି, ପ୍ରେମାନନ୍ଦ ପାଟଶାଣୀ, ଭାଗିରଥି ମହାରଣା, ବୁଦ୍ଧି ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୀପଦାନ



ନୟାଗଡ଼,୧୦।୬ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷରେ ସର୍ବାଧିକ ୧୨ବର୍ଷ ଅର୍ଥାତ୍ ୪ହଜାର ୩୯୯ ଦିନ ଧରି ପ୍ରଧାନମନ୍ତ୍ରୀ ଭାବେ ନିଜର ଦାଇତ୍ୱକୁ ତୁଲାଇବାରେ ସକ୍ଷମ ହେବାସହ ଲୋକ କଲ୍ୟାଣ ଯୋଜନା ଗୁଡିକରେ ସମଗ୍ର ଦେଶରେ ୧ନଂମ୍ବର ପ୍ରଧାନମନ୍ତ୍ରୀ ଭାବେ ବିବେଚିତ ହୋଇ ଥିବାରୁ ଭାରତର କୋଣ ଅନୁକୋଣରେ ଆଜି ଦେବାଳୟ ଗୁଡିକରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିପ ଦାନ କରାଯାଉଛି। ସେହି କ୍ରମରେ ଆଜି ମା' ଦକ୍ଷିଣକାଳୀଙ୍କ ପୀଠରେ ନୟାଗଡ଼ ପୌରାଞ୍ଚଳ ମଣ୍ଡଳ ପ୍ରତିନିଧି ରଂଜନ ରଶ୍ମିଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ନେତାମାନେ ମିଳିତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ସାମୁହିକ ପ୍ରଦୀପ ପ୍ରଜ୍ୱଳନ କରି ର୍ଦିଘାୟୁ କାମନା କରିବା ସହିତ ମା' ଦକ୍ଷିଣକାଳୀଙ୍କ ମନ୍ଦିର ପରିସରରେ ଭାରତର ଯସ୍ୱଶୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ନିରନ୍ତର ଭାବେ ସର୍ବାଧିକ ସମୟ ସେବା ପ୍ରଦାନ କରିବାର ଗୌରବମୟ ଅବସରରେ ସ୍ୱତନ୍ତ୍ର ପୂଜା-ଅର୍ଚ୍ଚନା ଓ ପ୍ରାୟ ଏକଶହରୁ ଉର୍ଦ୍ଧ୍ୱ ସମୂହ ଦୀପଦାନ କରିଥିଲେ ।

# ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଅବ୍ୟବସ୍ଥା

କଣ୍ଟାବାଞ୍ଜି,୧୦।୬(ନିପ୍ର): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସିଏଚସିରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଚିକିତ୍ସା ଅବ୍ୟବସ୍ଥା ଅଭିଯୋଗ ହୋଇଛି। ଏହି କାରଣରୁ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୩ ବ୍ଲକର ଲୋକେ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରୁଛନ୍ତି। କଣ୍ଟାବାଞ୍ଜି ନାଗରିକ କମିଟି ସଭାପତି ବିଶାଳ ତାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ମୁଖ୍ୟ ଚକିତ୍ସା ଅଧିକାରୀଙ୍କୁ ଏ ସଂପର୍କରେ ଅବଗତ କରାଯିବା ସହିତ ସମସ୍ୟାରେ ସମାଧାନ କରିବାକୁ ଦାବି ହୋଇଛି। ସ୍ତ୍ରୀ ଓ ପ୍ରସୂତି ବିଭାଗରେ ୩ ଜଣ ଡାକ୍ତର ଏବଂ ଜଣେ ମହିଳା ବିଶେଷଜ୍ଞଙ୍କ ନିଯୁକ୍ତି, ଗର୍ଭବତୀଙ୍କ ପାଇଁ ଅପରେସନ ସୁବିଧା ତୁରନ୍ତ ଆରମ୍ଭ କରିବା, ୱାର୍ଡରେ ଥିବା ପୁରୁଣା ଓ ଜରାଜୀର୍ଣ୍ଣ ବେଡ୍‌ଗୁଡ଼ିକର ପରିବର୍ତ୍ତନ, ଡାକ୍ତରମାନଙ୍କ ନିୟମିତ ଉପସ୍ଥିତି ସୁନିଶ୍ଚିତ କରିବା ଆଦି ଦାବି କରାଯାଇଛି। ଏହାସହିତ ରବିବାର ଡାକ୍ତରଙ୍କ ଡ୍ୟୁଟି ବ୍ୟବସ୍ଥା କରିବା, ଲିଫ୍ଟକୁ ତୁରନ୍ତ ମରାମତି କରି ବ୍ୟବହାର ଉପଯୋଗୀ କରିବା, ଗର୍ଭବତୀଙ୍କ ପାଇଁ ପର୍ଯ୍ୟାପ୍ତ ଷ୍ଟ୍ରେଚର୍ ଓ ହ୍ୱିଲ୍ ଚେୟାର୍ ବ୍ୟବସ୍ଥା ଲାଗି ଦୃଷ୍ଟି ଆକର୍ଷଣ କରାଯାଇଛି।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ୧୯୯୨ ପୁରୁଣା ପେନସନ ପାଇବାକୁ କର୍ମଚାରୀ ହକଦାର

ଭୁବନେଶ୍ୱର, ୧୦।୬ (ନି.ପ୍ର): ସରକାରୀ ଇଞ୍ଜିନିୟରିଙ୍ଗ ବିଭାଗରେ ଡିଏଲଆର ଚାକିରୀରୁ ୱାର୍କଚାର୍ଜଡ ଓ ୱାର୍କଚାର୍ଜଡରୁ ନିୟମିତ ଚାକିରୀ ନିର୍ବାହ କରି ଅବସର ନେଇଥିବା କର୍ମଚାରୀ ୧୯୯୨ ପ୍ରଚଳିତ ଆଇନ ଅନୁସାରେ ପେନସନ ପାଇବାକୁ ହକଦାର ବୋଲି ସୁପ୍ରିମକୋର୍ଟଙ୍କ ବିଭିନ୍ନ ଆଦେଶ ଆଧାରରେ ଓଡିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଶୁଣାଣି କରିଛନ୍ତି।

ସୂଚନାନୁଯାୟୀ ପୂର୍ତ୍ତ ବିଭାଗ ଅଧିନରେ ଜମିଲୁର ରହମନ ଓ ଅନ୍ୟ ଦୁଇ ଜଣ ଚାରି ଦଶନ୍ଧିରୁ ଉର୍ଦ୍ଧ ବର୍ଷ ଧରି ଡିଏଲ ଆର, ୱାର୍କଚାର୍ଜଡ଼ ଓ ନିୟମିତ ଭାବରେ ଚାକିରୀ କରି ୨୦୨୪ -୨୫ ମସିହାରେ ଅବସର ଗ୍ରହଣ କରିଥିଲେ । ମାତ୍ର ସରକାର ଏମାନଙ୍କୁ ପେନସନ ପ୍ରଦାନରୁ ବଞ୍ଚିତ କରିଥିଲେ। ତେଣୁ ଜମିଲୁର ରହମନ ଓ ଅନ୍ୟ ଦୁଇ ଜଣ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଉକ୍ତ ମାମଲାକୁ ମାନ୍ୟବର ହାଇକୋର୍ଟ ବିଚାର କରି ସରକାରଙ୍କୁ ପ୍ରଦାନ କରିଥିବା ଆଦେଶ ଅନୁଯାୟୀ ଆବେଦନକାରୀମାନେ ପେନସନ ପାଇବା ପାଇଁ ପୂର୍ତ୍ତ ବିଭାଗର କର୍ତ୍ତୃପକ୍ଷମାନଙ୍କୁ ଅବଗତ କରିଥିଲେ । ସମ୍ପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିଭିନ୍ନ ନକାରାତ୍ମକ ମନ୍ତବ୍ୟ ଦେଇ ହାଇକୋର୍ଟଙ୍କ ଆଦେଶକୁ ଅଗ୍ରାହ୍ୟ କରିଦେଇଥିଲେ ଓ ଆବେଦନକାରୀଙ୍କୁ ଜଣାଇଥିଲେ।

ତେବେ ଆବେଦନକାରୀମାନେ ଏହି ନିଷ୍ପତ୍ତିକୁ ଚାଲେଞ୍ଜ କରି ପୂନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ତ ହେବା ପରେ ମାନ୍ୟବର ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ ଉକ୍ତ ମାମଲାକୁ ବିଚାର କରି ପେନସନ ପ୍ରଦାନ ବାବଦରେ ମାନ୍ୟବର ସୁପ୍ରିମକୋର୍ଟ ବିଭିନ୍ନ ସମୟରେ ପ୍ରଦାନ କରିଥିବା ଆଦେଶ ଆଧାରରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଣୀ କରି ୩ ମାସ ମଧ୍ୟରେ ପେନସନ ଓ ଅନ୍ୟାନ୍ୟ ସୁବିଧା ଦେବାକୁ ଉଲ୍ଲେଖ କରିଛନ୍ତି । ଆବେଦନକାରୀଙ୍କ ସହିତ ସମତୁଲ୍ୟ ଏହି ବର୍ଗର କର୍ମଚାରୀଙ୍କୁ ପେନସନ ପ୍ରଦାନରୁ ବଞ୍ଚିତ ନକରିବା ପାଇଁ ଉକ୍ତ ରାୟରେ ମଧ ଉଲ୍ଲେଖ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଅଧିବକ୍ତା ମନୋଜ କୁମାର ମିଶ୍ର ଓ ସହଯୋଗୀ ଅଧିବକ୍ତା ଦିଲ୍ଲୀପ ପଟନାୟକ ମାମଲା ପରିଚାଳନା କରୁଥିଲେ।

### କାଳବୈଶାଖୀରେ ଉଡ଼ିଗଲା ଆଜବେଷ୍ଟସ

# ଖୋଲା ଆକାଶ ତଳେ ପରିବାର



ଖପ୍ରାଖୋଲ, ୧୦।୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ କୁର୍ଲୁମାଲ ଗ୍ରାମରେ ଗତରାତିରେ ହୋଇଥିବା ପ୍ରବଳ ବର୍ଷା ଓ ଝଡ଼ ପବନ ଜଣେ ଗରିବ ପରିବାର ଉପରେ ଦୁଃଖର ପାହାଡ଼ ଖସାଇ ଦେଇଛି। ଗ୍ରାମର ବେଟକାର ପଡ଼ାର ରହୁଥିବା ଗୋବର୍ଦ୍ଧନ ବରିହାଙ୍କ ଘରର ଆଡବେଷ୍ଟସ ଛାତ ଝଡ଼ ପବନରେ ଉଡ଼ିଯାଇଥିବାରୁ ପରିବାରଟି ଏବେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ଗୋବର୍ଦ୍ଧନ ବରିହାଙ୍କ ପରିବାରରେ ଦୁଇ ପୁଅ, ଦୁଇ ବୋହୁ ଓ ନାତି ଏବଂ ନାତୁଣୀଙ୍କୁ ମିଶାଇ ମୋଟ ୧୧ ଜଣ ସଦସ୍ୟ ବସବାସ କରୁଛନ୍ତି। ଘଟଣା ସମୟରେ ଘର ଭିତରେ ଛୋଟ ଛୋଟ ଶିଶୁମାନେ ଥିବା ସତ୍ତ୍ୱେ ଭାଗ୍ୟବଶତଃ କୌଣସି ପ୍ରାଣହାନି କିମ୍ବା ବଡ଼ ଧରଣର ଅଘଟଣ ଘଟିନଥିଲା। ଘରର ଛାତ ଉଡ଼ିଯିବା ଫଳରେ ପରିବାରଟି ଏବେ ଭୟ ଓ ଅନିଶ୍ଚିତତା ମଧ୍ୟରେ ଜୀବନ ବିତାଉଛନ୍ତି। ସରକାରୀ ସହାୟତା ପାଇଁ ପରିବାର ସଦସ୍ୟମାନେ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାରଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେହି ସମୟରେ ତହସିଲଦାର କାର୍ଯ୍ୟାଳୟରେ ଉପସ୍ଥିତ ନଥିବାରୁ ସେମାନେ ନିଜ ଦୁଃଖ ଜଣାଇ ପାରିନଥିବା କହିଛନ୍ତି। ଏହି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚିନ୍ତା ଓ ଆଲୋଚନା ଜୋର ଧରିଛି। କ୍ଷତିଗ୍ରସ୍ତ ପରିବାରର ଅବସ୍ଥାକୁ ଦୃଷ୍ଟିରେ ରଖି ପ୍ରଶାସନ ଯଥାଶୀଘ୍ର ଘଟଣାର ତଦନ୍ତ କରି ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ମାନସିକ ଚିକିତ୍ସା କର୍ମଶାଳା




ବଲାଙ୍ଗିର, ୧୦।୬ (ନି.ପ୍ର): ଓଡିଶା ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ପିପୁଲ୍ସ ଫୋରମ ଭୁବନେଶ୍ୱରର ଏକ ସାମାଜିକ ସଂଗଠନ ସ୍ଥାନୀୟ ସାମ୍ବାଦିକ ଭବନଠାରେ ସମାଜର ବିଭିନ୍ନ ବର୍ଗ ମୁଖ୍ୟତଃ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମାନସିକ ଚିକିତ୍ସା କର୍ମଶାଳା ଆୟୋଜନ କରାଯାଇଥିଲା । ଏହି କର୍ମଶାଳାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା ଉଦ୍‌ଘାଟନ କରିଥିଲେ । ଏହି କର୍ମଶାଳାରେ ସଂଗଠନ ତରଫରୁ ମାନସିକ ବିଶେଷଜ୍ଞ ତଥା ଅନ୍ୟାନ୍ୟ କର୍ମଚାରୀ ପ୍ରାୟ ୫୦ ଜଣଙ୍କ ମାନସିକ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ ଓ ନିଶୁଳ୍କ ଔଷଧ ବିତରଣ କରିଥିଲେ ତଥା ଆଗାମୀ ଦିନରେ କିପରି ଭାବରେ ଉତ୍ତମ ସ୍ୱାସ୍ଥ୍ୟ ନେଇ ସମାଜରେ ବିଚରଣ କରିବେ ତା ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସଭାପତି ପ୍ରଭାକର ମିଶ୍ର, ଉପ-ସଭାପତି ଅଶୋକ କୁମାର ଚାନ୍ଦ, ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢି, ଉପଦେଷ୍ଟା ଦୁର୍ଗା ପ୍ରସାଦ ହୋତା ଓ ଆଡ୍‌ଭୋକେଟ ଅଶୋକ କୁମାର ମିଶ୍ର, ସାଧାରଣ ସଂପାଦକ କପିଳେଶ୍ୱର ଖମାରୀ, ଅତିରିକ୍ତ ସାଧାରଣ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ, ସଂଗଠନ ସଂପାଦକ ବିନୟ କୁମାର ମିଶ୍ର, କାର୍ଯ୍ୟାଳୟ ସଂପାଦକ ଗଣେଷ ଚନ୍ଦ୍ର ପାଢି, କାର୍ଯ୍ୟକାରୀ ସଭ୍ୟ ସୁରେନ୍ଦ୍ର ନେଗୀ ଓ ବ୍ରଜ କିଶୋର ପଣ୍ଡା, ବରିଷ୍ଠ ସଦସ୍ୟ ହରେକୃଷ୍ଣ ପଟେଲ, ପ୍ରଦୀପ କୁମାର ମିଶ୍ର, ମନୋରଂଜନ ପଟ୍ଟନାୟକ ଓ ବିରଂଚି ମିଶ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ଅମିତ କୁମାର ନାଏକ ସମସ୍ତ ପ୍ରକାର ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

### ଦୁର୍ଘଟଣାରେ ମାଆ ଝିଅଙ୍କ ମୃତ୍ୟୁ

# କ୍ଷତିପୂରଣ ସହିତ ତଦନ୍ତ ଦାବିକଲା ବଲାଙ୍ଗୀର ବିଜେଡି

ବଲାଙ୍ଗୀର,୧୦।୬ (ନି.ପ୍ର): ମଙ୍ଗଳବାର ଦିନ ଗାନ୍ଧୀନଗରପଡାରେ ଜାତୀୟରାଜପଥ-୨୬ରେ ଟ୍ରକ୍ ଚାପାରେ ତାଲପାଲିପଡାର ମାଆ-ଝିଅ ସୁନୀତା ନାଗ ଓ ଶ୍ରୁତି ନାଗ ମୃତ୍ୟୁବରଣ କରିଥିଲେ। ଏହି ଦୁର୍ଘଟଣା ଘଟାଇଥିବା ଟ୍ରକଟି ଜଣେ କଂଗ୍ରେସ ପରିବାରର ଓ ଏହାର ଫିଟନେସ, ଇନ୍ସ୍ୟୁରେନ୍ସ ଇତ୍ୟାଦି ନଥିବା ବେଳେ ସନ୍ଦେହଜନକ ଭାବରେ ଦୁର୍ଘଟଣା ଘଟାଇଥିଲା। ଦୁର୍ଘଟଣା ପରେ ଟ୍ରକ୍‌କୁ ନେଇ ଡ୍ରାଇଭର ପଳାଇଯାଇଥିଲା। ଟାଉନଥାନା ପୋଲିସ ଖୋଜାଖୋଜି କରି ସେହି ଟ୍ରକକୁ ଥାନାକୁ ଆଣି ଡ୍ରାଇଭରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାର ଏକ ନୀରପେକ୍ଷ ତଦନ୍ତ ସହିତ କୌଣସି କାଗଜପତ୍ର ନଥାଇ ଟ୍ରକକୁ ଚଳାଉଥିବା ଗାଡିର ମାଲିକକୁ ଗିରଫ କରିବାକୁ ବଲାଙ୍ଗୀର ବିଜେଡିଦଳ ଦାବି କରିଛି। ଏହା ସହିତ ଦୁର୍ଘଟଣାରେ ମୃତ୍ୟୁବରଣ



କରିଥିବା ମାଆ ଓ ଝିଅଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଟାଉନଥାନା ଜରିଆରେ ଜିଲ୍ଲାପ୍ରଶାସନ ପାଖରେ ବିଜେଡି ଦାବି କରିଛି।

ବିଜେଡିଦଳର ରାଜ୍ୟ ସଂପାଦକ ପ୍ରଭାସ ପାଣିଗ୍ରାହୀ ଓ ଛାତ୍ରବିଜେଡି ସଭାପତି ସୁମନ ନନ୍ଦଙ୍କ ନେତୃତ୍ୱରେ ଶତାଧିକ ଯୁବକ/ ବିଜେଡିକର୍ମି ଟାଉନଥାନାରେ ପହଞ୍ଚି ଆଇଆଇସି ଅବନୀକୁମାର ସାହୁଙ୍କ ସହିତ ଆଲୋଚନା କରିବା ସହିତ ଅଭିଯୁକ୍ତ ଗାଡିମାଲିକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସହରରେ ବିଭିନ୍ନ ସମୟରେ ବାରମ୍ବାର ଦୁର୍ଘଟଣା ଘଟୁଥିବାକୁ ନେଇ ବିଜେଡିଦଳ ଉଦବେଗ ପ୍ରକାଶ କରିଛି। ମଙ୍ଗଳବାରର ସମ୍ବେଦନଶୀଳ ଦୁର୍ଘଟଣାକୁ ନେଇ ମଧ ବିଜେଡିଦଳ ମର୍ମାହତ ବୋଲି ଗଣମାଧ୍ୟମରେ କହିବା ସହିତ କଂଗ୍ରେସନେତାଙ୍କ ଗାଡି ବିନା ଫିଟନେସରେ ଚାଲିଛି ତାହାକୁ ନେଇ ପ୍ରଶ୍ନ କରାଯାଇଛି। ପୋଲିସ ତୁରନ୍ତ ଏହି ଘଟଣାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ବିଜେଡିଦଳ ଦାବି କରିଛି। ବିଜୁଜନତାଦଳର ରାଜ୍ୟସଂପାଦକ ପ୍ରଭାସ ପାଣିଗ୍ରାହୀ,ପୌରଉପାଧକ୍ଷା ଗାୟତ୍ରୀ ଭୋଇ,ନଗର ସଭାପତି ତଥା କାଉନସିଲର ଶମ୍ଭୁ ନାଗ,କାଉନସିଲର ନନ୍ଦୀନି ପୋଢ,ସନ୍ତୋଷିନୀ କଅଁର, କିଶୋର କୁମ୍ଭାର, ଗଙ୍ଗା ଚାନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ, ଶତ୍ରୁଘନ ବାଗ ,ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ,ବରିଷ୍ଠ ସଭ୍ୟ ନରସିଂହ ବାଗ,ବିଧୁଭୂଷଣ ତ୍ରିପାଠୀ,ସାଗରସଂଙ୍ଗମ ଶତପଥି,ଦିଲିପ ସା, ଗୁଞ୍ଜି ଖାଁ,ବିଭୁତିଭୂଷଣ ମିଶ୍ରଙ୍କ ସହିତ ଶତାଧିକ ବିଜେଡିକର୍ମି ଯୋଗଦେଇ ଘଟଣାର ନୀରପେକ୍ଷ ତଦନ୍ତ ଦାବି କରିଥିଲେ।

**ଅନୁଚିନ୍ତ**

ଆତ୍ମଭାବ ସହିତ ସେବା ନକଲେ
ସାଧନାର ଜୀବନ ବୃଥା ।

## ସମ୍ପାଦକୀୟ

# ୯୬ ବର୍ଷର ଯାତ୍ରା

**ଫି**ଫା ବିଶ୍ୱ କପ୍ ସହ ଫୁଟ୍‌ବଲର ସବୁଠାରୁ ବଡ଼ ମଞ୍ଚ ଏକ ନୂଆ ଯୁଗରେ ପ୍ରବେଶ କରିଛି । ଦୀର୍ଘ ୯୬ ବର୍ଷର ଏହି ଯାତ୍ରା-୧୯୩୦ରେ ଆରମ୍ଭ ହୋଇଥିଲା, ଏବେ ୨୦୨୬ରେ ପହଞ୍ଚିଛି । ବିଶ୍ୱର ଏହା ସବୁଠାରୁ ବିଶାଳ କ୍ରୀଡ଼ା ଆୟୋଜନରେ ପରିଣତ ହୋଇଛି । ଗୁରୁବାରଠାରୁ ଆରମ୍ଭ ହେଉଛି ଏଥରର ମହାକୁମ୍ଭ । ପୂର୍ବ ତୁଳନାରେ ସବୁଠାରୁ ଅଧିକ ୪୮ଟି ଟିମ୍ ମଧ୍ୟ ଭାଗ ନେଉଛନ୍ତି । ଫିଫା ବିଶ୍ୱ କପ୍ ୧୯୩୦ରେ ଉରୁଗୁଏରେ ମାତ୍ର ୧୩ଟି ଟିମ୍‌ରେ ତା'ର ଯାତ୍ରା ଆରମ୍ଭ କରିଥିଲା । ପ୍ରଥମେ ଏଥିରେ ୧୬ଟି ଟିମ୍ ଥିଲା । କିନ୍ତୁ ଜାପାନ ଓ ସିୟାମ (ଏବେ ଥାଇଲ୍ୟାଣ୍ଡ) ଲମ୍ବା ଯାତ୍ରା କରଣରୁ ଏଥିରେ ଭାଗ ନେଇନଥିଲେ । ଜାହାଜ ଛାଡ଼ିଦେବା କାରଣରୁ ମିଶର ଟିମ୍ ପହଞ୍ଚି ପାରିନଥିଲା । ଫଳରେ ୧୩ଟି ଟିମ୍‌ରେ ଆରମ୍ଭ ହୋଇଥିଲା ଏହି ଟୁର୍ଣ୍ଣାମେଣ୍ଟ । ଏହାପରେ ୧୯୩୪ରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ ୧୬ଟି ଟିମ୍ । ୧୯୩୮ରେ ୧୫ଟି, ୧୯୫୦ରେ ୧୩ଟି, ୧୯୫୪-୧୯୭୮ରେ ୧୬ଟି ଟିମ୍ ଭାଗ ନେଇଥିଲେ ଫିଫା ବିଶ୍ୱ କପ୍‌ରେ । ଚାରି ବର୍ଷରେ ଥରେ ହେଉଥିବା ଏହି ମହାକୁମ୍ଭରେ ଟିମ୍‌ଗୁଡ଼ିକର ସଂଖ୍ୟା ବଢ଼ିଥିଲା ୧୯୮୨ରେ । ସ୍ପେନ୍‌ରେ ୧୯୮୨ରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ ୨୪ଟି ଟିମ୍ । ୧୯୯୪ ଯାଏ ୨୪ଟି ଟିମ୍‌ରେ ଖେଳା ଯାଇଥିଲା ଏହି ଟୁର୍ଣ୍ଣାମେଣ୍ଟ । ୧୯୯୮ରେ ପୁଣି ବଢ଼ିଥିଲା ଟିମ୍ ସଂଖ୍ୟା, ୩୨ରେ ପହଞ୍ଚିଥିଲା । ୨୦୨୨ ଯାଏ ୩୨ ଟିମ୍‌ରେ ଖେଳା ଯାଇଥିଲା ଏହି ଟୁର୍ଣ୍ଣାମେଣ୍ଟ । ଏଥର ୨୦୨୬ରେ ଟିମ୍ ସଂଖ୍ୟା ବୃଦ୍ଧି ପାଇ ୪୮ରେ ପହଞ୍ଚିଛି । ପ୍ରଥମଥର ପାଇଁ ଫିଫା ବିଶ୍ୱ କପ୍‌ରେ ଏଥର ଭାଗ ନେଉଛନ୍ତି ଚାରି ନୂଆ ଟିମ୍- କୁରାକାଓ, କେପ୍ ଭର୍‌ଦେ, ଜୋର୍ଡ଼ାନ ଓ ଉଜବେକିସ୍ତାନ । କୁରାକାଓ ସବୁଠାରୁ କ୍ଷୁଦ୍ରତମ ରାଷ୍ଟ୍ର, ଏହାର ଜନସଂଖ୍ୟା ମାତ୍ର ୧୫୬,୦୦୦ । କେପ୍ ଭର୍‌ଦେ ୧୦ଟି ଦ୍ୱୀପକୁ ନେଇ ଗଠିତ, ଆଫ୍ରିକାର ପଶ୍ଚିମ ଉପକୂଳରେ ଏହାର ଅବସ୍ଥିତି। ଜୋର୍ଡ଼ାନ ଓ ଉଜବେକିସ୍ତାନ ଏଥର ଡେବ୍ୟୁ କରୁଥିବାରୁ ଏହା ଏହି ଦୁଇ ଦେଶ ପାଇଁ ସବୁଠାରୁ ବଡ଼ ଉପଲବ୍ଧି ।

**୧୯୩୦ରେ ଫିଫା ବିଶ୍ୱ କପ୍‌ର ଯାତ୍ରା ଆରମ୍ଭ ହୋଇଥିଲା । ଏଥର ବିଶ୍ୱ କପ୍ ଫିଫା ଖେଳାଯିବ ଟ୍ରାଇଓଣ୍ଡା ଫୁଟ୍‌ବଲରେ। ଅତ୍ୟାଧୁନିକ ଟେକ୍‌ନିକ୍‌ର ଏହି ଫୁଟ୍‌ବଲ ସେନ୍‌ସରଯୁକ୍ତ ମଧ୍ୟ । ପ୍ରତ୍ୟେକ ମ୍ୟାଚ୍ ପୂର୍ବରୁ ଟ୍ରାଇଓଣ୍ଡା ଫୁଟ୍‌ବଲକୁ ଚାର୍ଜ କରାଯିବ ଏବଂ ଥରେ ଚାର୍ଜ ହେଲେ ଏହା ୬ ଘଣ୍ଟା ଯାଏ କାର୍ଯ୍ୟ କରିବ।**




ମେକ୍ସିକୋ, ଆମେରିକା ଓ କାନାଡ଼ାରେ ଆୟୋଜିତ ହେଉଥିବା ଫିଫା ବିଶ୍ୱ କପ୍ ୨୦୨୬ର ମ୍ୟାଚ୍‌ଗୁଡ଼ିକ (୧୦୪ଟି ମ୍ୟାଚ୍ ଖେଳ ହେବ) ଖେଳାଯିବ ଟ୍ରାଇଓଣ୍ଡା ଫୁଟ୍‌ବଲରେ । ଏହା ଏଥର ବିଶ୍ୱ କପ୍ ପାଇଁ ଫିଫାର ଆଧିକାରିକ ଫୁଟ୍‌ବଲ । ଅତ୍ୟାଧୁନିକ ଟେକ୍‌ନିକ୍‌ର ଏହି ଫୁଟ୍‌ବଲ ସେନ୍‌ସରଯୁକ୍ତ ମଧ୍ୟ । ପ୍ରତ୍ୟେକ ମ୍ୟାଚ୍ ପୂର୍ବରୁ ଟ୍ରାଇଓଣ୍ଡା ଫୁଟ୍‌ବଲକୁ ଚାର୍ଜ କରାଯିବ ଏବଂ ଥରେ ଚାର୍ଜ ହେଲେ ଏହା ୬ ଘଣ୍ଟା ଯାଏ କାର୍ଯ୍ୟ କରିବ। ଏହି ଫୁଟ୍‌ବଲ ସହାୟତାରେ ମ୍ୟାଚ୍ ସମୟରେ ମିଳିବ ଲାଇଭ୍ ଡାଟା । ଏହି ଡାଟା ସହାୟତାରେ ରେଫରୀ ତୁରନ୍ତ ନିଷ୍ପତ୍ତି ନେଇପାରିବେ। ଅଫ୍‌ସାଇଡ଼ ଓ ଗୋଲ୍-ଲାଇନ ଭଳି ବିବାଦୀୟ ପ୍ରସଙ୍ଗ ସମୟରେ ଭିଡ଼ିଓ ଆସିଷ୍ଟାଣ୍ଟ ରିଭ୍ୟୁ (ଭିଏଆର୍)ରେ ଏହି ଫୁଟ୍‌ବଲ ସହାୟତାରେ କମ୍ ସମୟରେ ମିଳିପାରିବ ସଠିକ୍ ତଥ୍ୟ । ଟ୍ରାଇଓଣ୍ଡା ଫୁଟ୍‌ବଲରେ ଲାଗିଛି ୫୦୦ ମୋସନ ସେନ୍‌ସର ଚିପ୍ ଯାହାର ଡେଭେଲପ୍ କରିଛି ଏଡିଡାସ । ଏହି ଚିପ୍ ପ୍ରତି ସେକେଣ୍ଡରେ ୫୦୦ଥର ଡାଟା ରେକର୍ଡ଼ କରିବ, ଖେଳାଳିଙ୍କର ପ୍ରତ୍ୟେକ ଟଚ୍ ତୁରନ୍ତ ଡିଟେକ୍ଟ ହୋଇପାରିବ । ଟ୍ରାଇଓଣ୍ଡାରେ ଅତି ସାବଧାନତାର ସହ ଏହି ସେନ୍‌ସର ଚିପ୍‌ଗୁଡ଼ିକୁ ବାଲାନ୍ସ କରାଯାଏ, ଯାହାଫଳରେ ଫୁଟ୍‌ବଲ ଓ ଖେଳାଳିଙ୍କ ପ୍ରଦର୍ଶନ ଉପରେ କୌଣସି ପ୍ରଭାବ ପଡ଼ିବନାହିଁ । ଏହାର ଓଜନକୁ ନେଇ ଖେଳାଳି ମଧ୍ୟ କୌଣସି ଫରକ ଅନୁଭବ କରିବେନାହିଁ ।

## ବିଶ୍ୱାସ ଭାଙ୍ଗିବା

ଅମୃତ ଫଳ

**କା**ହାର ବିଶ୍ୱାସରେ ଲୁହ, କୋହ ଭରିଦେବା ହେଉଛି ଲୁହା ଭଳି ମଜବୁଦ୍ ପ୍ରାଚୀରରେ ପ୍ରତିକ୍ଷଣ ହାତୁଡ଼ିରେ ପିଟି ନିଜେ ଗଢ଼ିଥିବା ନିର୍ମାଣଟିକୁ ନିଜେ ଭାଙ୍ଗିଦେବା। କୌଣସି ପ୍ରକାରେ ମିତ୍ରତା କରି ବିଶ୍ୱାସ ଭାଙ୍ଗିବା ସାଂଘାତିକ। ତେଣୁ କାଳିଦାସଙ୍କ ସସେମିରା ଉପାଖ୍ୟାନ ତା'ର ଜ୍ୱଳନ୍ତ ଉଦାହରଣ। ଜଣେ ଲୋକ ଘର ଖୋଜି ଖୋଜି ଦ୍ୱିପହର ସମୟ ହୋଇଗଲା। ବିଗତ ୭ରୁ ୧୦ ଦିନ ହେବ ସେ ଘର ଖୋଜୁଥିଲେ। ସହରର ଏହି ପାଖରୁ ତାଙ୍କ ଚାକିରି କ୍ଷେତ୍ର ଅଳ୍ପ ଦୂର ପଡ଼ିବ ବୋଲି ସେ ସେହି ଅଞ୍ଚଳରେ ଘର ଖୋଜୁଥିଲେ। ଦୈବାତ୍ ଘର ମାଲିକ ତାଙ୍କ ଦୁଆରେ ଖରାରେ ବସିଥିବା ଲୋକକୁ ଥଣ୍ଡା ପାଣି ଗ୍ଲାସ୍ ଯାଚିଲା। ଏବଂ ପଚାରିଲା କାହାକୁ ଖୋଜୁଛନ୍ତି। ଭଦ୍ରବ୍ୟକ୍ତି କହିଲେ ଘର ଖୋଜୁଛି। ଆଚ୍ଛା ମୋର ଏକ ଘର ଅଛି। ଯଦି ପସନ୍ଦ ହେବ ଦେଖ। ଭଦ୍ରବ୍ୟକ୍ତି ଘର ଦେଖି ଏକାଥରେ ପସନ୍ଦ କଲେ ଏବଂ ୭ ବର୍ଷ ହେଲା ସେଠାରେ ରହିଆସୁଥିଲେ। ଏ ଭିତରେ ଘର ମାଲିକଙ୍କ ଦେହାନ୍ତ ହେବାରୁ ଘର ମାଲିକଙ୍କ ଏକମାତ୍ର ଦାୟାଦ ତାଙ୍କ ନାତୁଣୀକୁ ଘର ଭଡ଼ା ଅନଲାଇନ ବ୍ୟାଙ୍କିଂ ମାଧ୍ୟମରେ ପଠାଇ ଦେଉଥିଲେ। ଭଦ୍ରବ୍ୟକ୍ତି ଜଣକ ଘର କିଣିବାର ଜିଗର କରନ୍ତେ ଘର ମାଲିକଙ୍କ ନାତୁଣୀ କହିଲେ- ଏହା ମୋ' ଜେଜେ ବାପାଙ୍କ ସନ୍ତକ। ତେଣୁ ମୁଁ ଏହା କିପରି ବିକ୍ରି କରିପାରିବି, ବରଂ ଆପଣ ଆଉ କେଉଁଠି ଘର ଦେଖି ଗଲେ ମୁଁ ପୁରୁଣା ଘରଟିକୁ ମରାମତି କରିବି। ଏହି କଥାରେ ଭଡ଼ାଟିଆ ଭଦ୍ରବ୍ୟକ୍ତି ଦୂରରେ ରହୁଥିବା ନାତୁଣୀଟିକୁ ହତ୍ୟା କରିବାର ଷଡ଼ଯନ୍ତ୍ର ରଚିଲେ ଏବଂ ଭଡ଼ାଟିଆ ସ୍ୱାମୀ ଓ ସ୍ତ୍ରୀ ମିଶି ତା' ସହରକୁ ଯାଇ ନାତୁଣୀକୁ ହତ୍ୟା କଲେ। ବର୍ତ୍ତମାନ ସ୍ୱାମୀ ସ୍ତ୍ରୀ ଜେଲରେ । ଯେଉଁ ଘର ପାଇଁ ହତ୍ୟା କରିଥିଲେ ତାହା ଏବେ ଭୂତ କୋଠି। ତାଙ୍କର ଛୋଟ ପିଲାଟି ଅନାଥ। ଯେଉଁ ବିଶ୍ୱାସର ସହିତ ଘର ମାଲିକ ଏବଂ ମାଲିକଙ୍କ ଦାୟାଦ ତାଙ୍କୁ ଘରଟି ଦେଇଥିଲେ, ତାହା କ'ଣ ଭୂଲ୍ ଥିଲା। ଅନ୍ୟର ସମ୍ପତ୍ତି ଉପରେ ଲୋଭ କରିବା, ଅନ୍ୟର ବିଶ୍ୱାସ ଭାଙ୍ଗିବା କ'ଣ ହତ୍ୟା ସହିତ ସମାନ ନୁହେଁ କି ?

# ଅବହେଳିତ ଅପରାହ୍ଣ



ମାନସ କୁମାର କର

**ଭା**ରତୀୟ ସମାଜରେ ବୟସ୍କମାନଙ୍କୁ ସବୁବେଳେ ପରିବାରର ଆଧାରଶିଳା ବୋଲି ଆମେ ମାନି ଆସୁଛୁ। କିନ୍ତୁ ଆଜି ପରିସ୍ଥିତି ଏପରି ହୋଇଛି ଯେ ବୃଦ୍ଧ ପିତାମାତାଙ୍କୁ ଘରେ ଏକୁଟିଆ ଛାଡ଼ି ଦିଆଯାଉଛି କିମ୍ବା ସେମାନେ ବୃଦ୍ଧାଶ୍ରମରେ ରହିବାକୁ ବାଧ ହେଉଛନ୍ତି।

ପାରମ୍ପରିକ ସମାଜରେ ବୟସ୍କମାନଙ୍କୁ ପରିବାରର ମୂଳଦୁଆ ବୋଲି ବିଚାର କରାଯାଏ। ବିଶେଷକରି ଭାରତୀୟ ସମାଜରେ ଏପରି ବିଶ୍ୱାସ ରହିଆସିଛି ଯେ ଯେଉଁ ଘରେ ବଡ଼ମାନଙ୍କର ଆଶୀର୍ବାଦ ଥାଏ, ସେଠାରେ ସବୁବେଳେ ସମୃଦ୍ଧି ଏବଂ ସୁଖ ରହିଥାଏ। ହେଲେ କିଛି ବର୍ଷ ହେବ ଅନେକ କ୍ଷେତ୍ରରେ ବୟସ୍କମାନେ ଯେପରି ଅବସ୍ଥାର ସମ୍ମୁଖୀନ ହେଉଛନ୍ତି, ତାହା ଦେଖିଲେ ମନେହୁଏ ନାହିଁ ଯେ ଆଜିର ଲୋକେ ମଧ୍ୟ ଏହି ବିଶ୍ୱାସକୁ ମାନୁଛନ୍ତି । ବୃଦ୍ଧ ପିତାମାତାଙ୍କୁ ଏକୁଟିଆ ଛାଡ଼ିଦେବା କିମ୍ବା ସେମାନଙ୍କୁ ବୃଦ୍ଧାଶ୍ରମରେ ରହିବାକୁ ବାଧ କରିବାର ଖବର ପ୍ରାୟତଃ ଶୁଣିବାକୁ ମିଳୁଛି । ଏପରି ପରିସ୍ଥିତିରେ ପ୍ରଶ୍ନ ଉଠୁଛି ଯେ ଆଜିର ସମୟରେ ପିତାମାତା କେବଳ ପିଲାଙ୍କ ଲାଳନପାଳନ କରିବା ଏବଂ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପର୍ଯ୍ୟନ୍ତ ସୀମିତ ରହିଗଲେଣି କି? ଯେତେବେଳେ ସେମାନେ ବୃଦ୍ଧ ହୋଇଯାଉଛନ୍ତି, ପିଲାମାନେ ସେମାନଙ୍କୁ ବୋଝ ବୋଲି ଭାବି ଅବହେଳା କରିବାକୁ ଲାଗୁଛନ୍ତି । ଏପରି ମନେହୁଏ ଯେ ପିଲାମାନେ ନିଜର ପିତାମାତାଙ୍କଠାରୁ କେବଳ ସମ୍ପତ୍ତି ଚାହାନ୍ତି, ସେମାନଙ୍କର ସ୍ନେହ କିମ୍ବା ଆଶୀର୍ବାଦ ନୁହେଁ। ଏହି ବୟସରେ ସେମାନେ ତାଙ୍କର କୌଣସି କାମରେ ଆସି ପାରନ୍ତି ନାହିଁ, ତେଣୁ ସେମାନଙ୍କୁ ପଛକୁ ଠେଲି ଦିଆଯାଏ।

ବୟସ୍କମାନଙ୍କ ପାଇଁ କାମ କରୁଥିବା ଏକ ଅଣସରକାରୀ ସଂସ୍ଥାର ସର୍ବେକ୍ଷଣ ରିପୋର୍ଟ ଅନୁସାରେ, ଦେଶରେ ବୃଦ୍ଧ ମହିଳାଙ୍କ ସହିତ ଦୁର୍ବ୍ୟବହାରର ୪୯ ପ୍ରତିଶତ ଘଟଣାରେ ସେମାନଙ୍କ ପୁଅମାନେ ହିଁ ସାମିଲ ଥାଆନ୍ତି । ଏହା ପରେ ଦୁର୍ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ସ୍ୱାମୀ ଏବଂ ବୋହୂମାନେ ଆସନ୍ତି। ବୟସ୍କମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତାର ଅବହେଳା, ସେମାନଙ୍କୁ ଠିକ୍ ସମୟରେ ଏବଂ ପୁଷ୍ଟିକର ଭୋଜନ ସମେତ ଅନ୍ୟ ଆବଶ୍ୟକତା ଉପରେ ଧ୍ୟାନ ନ ଦେବା ପ୍ରକୃତରେ ଆମର ସାମାଜିକ ଓ ମାନବୀୟ ମୂଲ୍ୟବୋଧର ହ୍ରାସ ପାଉଥିବା ସ୍ତରକୁ ଦର୍ଶାଉଛି। ଭାରତରେ ପ୍ରତି କୋଡ଼ିଏ ଜଣରେ ଜଣେ ବୃଦ୍ଧଙ୍କୁ ଦୁର୍ବ୍ୟବହାରର ସମ୍ମୁଖୀନ ହେବାକୁ ପଡୁଛି। ଯୁବ ପିଢ଼ି ଏହା ଭୁଲି ଯାଉଛନ୍ତି ଯେ ସେମାନେ ବି ବୃଦ୍ଧ ହେବେ ଏବଂ ସେମାନଙ୍କର ନୂଆ ପିଢ଼ି ମଧ୍ୟ ସେମାନଙ୍କ ସହିତ ଏଭଳି ବ୍ୟବହାର କରିପାରନ୍ତି । ତେଣୁ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ଯତ୍ନର ବ୍ୟବସ୍ଥା କରିବା ଲାଗି ଉଦ୍ଦିଷ୍ଟ ସଂସ୍କୃତିକୁ ପ୍ରୋତ୍ସାହିତ କରାଯିବା ଉଚିତ।

ସମାଜରେ ଏପରି ବୃଦ୍ଧି ପାଉଥିବା ଘଟଣାକୁ ଦେଖି ତେଲେଙ୍ଗାନା ସରକାର ନିକଟରେ ବୃଦ୍ଧ ପିତାମାତାଙ୍କ ଯତ୍ନ ସୁନିଶ୍ଚିତ କରିବା ପାଇଁ ଏକ କଠୋର ଆଇନର ବ୍ୟବସ୍ଥା କରିଛନ୍ତି । ଏହା ଅଧୀନରେ ଯଦି କୌଣସି ସରକାରୀ ବା ଘରୋଇ କର୍ମଚାରୀ ନିଜ ପିତାମାତାଙ୍କୁ ଅବହେଳା କରନ୍ତି, ତେବେ ସେମାନଙ୍କ ମାସିକ ଦରମାରୁ ୧୦-୧୫ ପ୍ରତିଶତ ବା ଦଶ ହଜାର ଟଙ୍କା କାଟି ସିଧାସଳଖ ପିତାମାତାଙ୍କ ଆକାଉଣ୍ଟକୁ ପଠାଇ ଦିଆଯିବ । ଏହାକୁ ସରକାରଙ୍କ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି କୁହାଯାଇପାରେ। ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବୟସ୍କମାନଙ୍କୁ ଆର୍ଥିକ ସୁରକ୍ଷା ଏବଂ ସମ୍ମାନଜନକ ଜୀବନ ଦେବା । ଏହି ନିୟମ ସରକାରୀ, ଘରୋଇ କର୍ମଚାରୀ ଏବଂ ଜନପ୍ରତିନିଧିମାନଙ୍କ ଉପରେ ସମାନ ଭାବରେ ଲାଗୁ ହେବ । ଯଦି କୌଣସି କର୍ମଚାରୀ ନିଜର ବୃଦ୍ଧ ପିତାମାତାଙ୍କୁ ଭୋଜନ, ଔଷଧ ବା ଉଚିତ ଯତ୍ନ ପ୍ରଦାନ ନ କରନ୍ତି, ତେବେ ଏଥିପାଇଁ ଜିଲ୍ଲା କଲେକ୍ଟରଙ୍କ ପାଖରେ ଅଭିଯୋଗ ଦାଖଲ କରିବାକୁ ହେବ, ଯାହା ପରେ ଯାଞ୍ଚ କରି ସେମାନଙ୍କ ଦରମାରୁ କଟାଯିବ।

ଦେଶବ୍ୟାପୀ କରାଯାଇଥିବା ଏକ ସର୍ବେକ୍ଷଣ ମୁତାବକ, ପ୍ରାୟ ୫୧.୬୭ ପ୍ରତିଶତ ବୟସ୍କଙ୍କୁ ଘରେ ଏବଂ ୩୮.୩୩ ପ୍ରତିଶତଙ୍କୁ ସମାଜରେ ମୌଖିକ ଭାବରେ ଦୁର୍ବ୍ୟବହାର ସହିବାକୁ ପଡ଼ିଥାଏ। ଯେତେବେଳେ ୪୦ ପ୍ରତିଶତ ବୟସ୍କ ନିଜକୁ ଆର୍ଥିକ ଭାବରେ ସୁରକ୍ଷିତ ମନେ କରୁନାହାଁନ୍ତି। ଏହି ସମସ୍ତ ପରିସଂଖ୍ୟାନର ବିଶ୍ଳେଷଣରୁ ଏହା ସ୍ପଷ୍ଟ ହେଉଛି ଯେ ଏହି ଘଟଣାଗୁଡ଼ିକ ପାଇଁ ପରିବାରର ସଂସ୍କୃତି ବହୁତ ପରିମାଣରେ ଦାୟୀ। ଭାରତୀୟ ସମାଜରେ ପିତାମାତା ନିଜର ସମସ୍ତ ଜମା ପୁଞ୍ଜି ପିଲାଙ୍କ ଲାଳନପାଳନ ଓ ସେମାନଙ୍କର ଭବିଷ୍ୟତ ଗଢିବାରେ ଲଗାଇ ଦିଅନ୍ତି ଏହି ଆଶାରେ ଯେ ବୃଦ୍ଧାବସ୍ଥାରେ ସେମାନେ ସାହାରା ହେବେ। କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଏ ଯେ ଯେତେବେଳେ ପିଲାମାନେ ନିଜେ ରୋଜଗାର କରିବାକୁ ଲାଗନ୍ତି, ସେମାନେ ନିଜ ପିତାମାତାଙ୍କୁ ଏକୁଟିଆ ଛାଡି ଦେଶ, ରାଜ୍ୟ ବା ସହର ବାହାରକୁ ଯାଇ ନିଜର ନୂଆ ଦୁନିଆ ବସାଇ ଦିଅନ୍ତି। ଏପରି ମନେହୁଏ ଯେ ଆଜିର ପିଢ଼ି ପାଇଁ ପରିବାରର ଅର୍ଥ ସ୍ୱାମୀ-ସ୍ତ୍ରୀ ଏବଂ ସେମାନଙ୍କର ପିଲାଙ୍କ ପର୍ଯ୍ୟନ୍ତ ସୀମିତ ରହିଗଲାଣି । ସେମାନଙ୍କର ନିଜ ପିତାମାତା ବା ଭାଇ ଭଉଣୀଙ୍କ ସହିତ ବୋଧହୁଏ କୌଣସି ସମ୍ପର୍କ ନାହିଁ କିମ୍ବା ସେମାନେ ମାସିକ ଖର୍ଚ୍ଚ ପଠାଇ ନିଜ କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ମାନି ନିଅନ୍ତି । ଆଜିର ଡିଜିଟାଲ ଯୁଗରେ ଭାବନାର ମହତ୍ତ୍ୱ ପ୍ରାୟ ଶେଷ ହୋଇଯାଇଛି।

ପିଲାମାନଙ୍କୁ ନିଜ ପିତାମାତାଙ୍କଠାରୁ କେବଳ ଧନ ଓ ସମ୍ପତ୍ତି ଚାହିଁଥାଆନ୍ତି,

**ପିତାମାତାଙ୍କ ସମ୍ପତ୍ତି ତ ସମସ୍ତ ପିଲା ଚାହିଁଥାଆନ୍ତି, କିନ୍ତୁ ସେମାନଙ୍କୁ ନିଜ ସହିତ ରଖିବା କିମ୍ବା ଦାୟିତ୍ୱ ଉଠାଇବାକୁ ନିଜ ସ୍ୱାଧୀନତାରେ ବ୍ୟାଘାତ ବୋଲି ଅନେକ ମାନନ୍ତି ।**

ସେମାନଙ୍କର ଯତ୍ନର ଦାୟିତ୍ୱକୁ ବୋଝ ମନେ କରନ୍ତି । କାରଣ ସେମାନେ ବିଚାର କରନ୍ତି ଯେ ପିତାମାତା ସେମାନଙ୍କ ପାଇଁ ଯାହାବି କରିଛନ୍ତି ତାହା ତାଙ୍କର କର୍ତ୍ତବ୍ୟ ଥିଲା । କିନ୍ତୁ ପିଲାମାନଙ୍କୁ ଏହା ବୁଝିବାକୁ ହେବ ଯେ ବୃଦ୍ଧାବସ୍ଥାରେ ପିତାମାତାଙ୍କ ସମ୍ମାନ ଏବଂ ସେମାନଙ୍କର ଯତ୍ନ ଦାୟିତ୍ୱ ଅଟେ ଉପକାର ନୁହେଁ। ସେମାନଙ୍କୁ ସମ୍ପର୍କ ଏବଂ ବ୍ୟାପାର ମଧ୍ୟରେ ପାର୍ଥକ୍ୟ ଜାଣିବା ଉଚିତ। ସମ୍ପର୍କ ପ୍ରେମ ଓ ସମ୍ମାନ ଉପରେ ତିଷ୍ଠିଥାଏ ଏବଂ ବ୍ୟାପାର ଲାଭ ଉପରେ ଆଧାରିତ ହୋଇଥାଏ। ଯେବେଠାରୁ ମଣିଷ ସମ୍ପର୍କକୁ ଟଙ୍କାରେ ଓଜନ କରିବା ଆରମ୍ଭ କଲା ସେବେଠାରୁ ସମ୍ପର୍କର ଡୋର ଦୁର୍ବଳ ହେବାରେ ଲାଗିଛି। ଲୋକମାନେ ପରସ୍ପରଠାରୁ ଦୂରରେ ରହିବାକୁ ଲାଗିଲେଣି। କେବଳ ସେମାନଙ୍କ ସହିତ ସମ୍ପର୍କ ବଜାୟ ରଖିବାର ଆବଶ୍ୟକତା ଅନୁଭବ କରାଯାଉଛି, ଯେଉଁମାନେ ଆର୍ଥିକ ଭାବରେ ସମ୍ପନ୍ନ ହୋଇଥିବେ ଏବଂ ଯେଉଁମାନଙ୍କ ଦ୍ୱାରା ସ୍ୱାର୍ଥ ସିଦ୍ଧି ହେଉଥିବ । ଏହା ଏକ ବିଚିତ୍ର ବିଡମ୍ବନା ଯେ ଆଜିର ଯୁବକମାନେ ସୋସିଆଲ ମିଡିଆରେ ଏଭଳି ସନ୍ଦେଶ ଏବଂ ଫଟୋ ଶେୟାର କରନ୍ତି, ଯାହା ଦେଖିଲେ ମନେହୁଏ ଯେ ସେମାନେ ସମ୍ପର୍କର ମହତ୍ତ୍ୱକୁ ଗଭୀର ଭାବରେ ବୁଝନ୍ତି, କିନ୍ତୁ ପ୍ରକୃତରେ ସେମାନଙ୍କ ପାଖରେ ନିଜ ବୃଦ୍ଧ ପିଢ଼ି ପାଇଁ ସମୟ ନ ଥାଏ ନା ସେମାନେ ସେମାନଙ୍କ ଯତ୍ନ ବିଷୟରେ ଚିନ୍ତା କରନ୍ତି। ଅର୍ଥାତ ସମ୍ପର୍କ ପ୍ରତି ସମ୍ମାନ ଓ ଭାବନା ଏବେ କେବଳ ଡିଜିଟାଲ ଦୁନିଆରେ ଦେଖାଇବା ପର୍ଯ୍ୟନ୍ତ ସୀମିତ। ଜୀବନର ଅନ୍ତିମ ପର୍ଯ୍ୟାୟରେ ଯେତେବେଳେ ମଣିଷର ମନ ଓ ଶରୀର ଉଭୟ ଦୁର୍ବଳ ହେବାକୁ ଲାଗେ, ଏଭଳି ପରିସ୍ଥିତିରେ ସେମାନଙ୍କୁ ନିଜ ପିଲାଙ୍କ ସାହାରାର ସବୁଠାରୁ ବେଶୀ ଆବଶ୍ୟକତା ଥାଏ। ବିଶେଷ କରି ଭାବନାତ୍ମକ ସାହାରାର ଆବଶ୍ୟକତା ଥାଏ ।

କିନ୍ତୁ ଆଜିର ଉପଭୋକ୍ତାବାଦୀ ସମାଜରେ ସମ୍ପର୍କ, ଭାବନା, ପ୍ରତିବଦ୍ଧତା ଏବଂ ତ୍ୟାଗ ଭଳି ଭାବ ବୋଧହୁଏ ଅର୍ଥହୀନ ହୋଇଯାଇଛି । ଏସବୁ ସ୍ଥାନରେ ଭୌତିକ ବସ୍ତୁର ଦେଖାଣିଆ ପଣ ଯୁବ ପିଢ଼ି ଉପରେ ଏତେ ହାବି ହୋଇଯାଇଛି ଯେ ପରିବାରର ବୟସ୍କ ଓ ସେମାନଙ୍କ ସମସ୍ୟା ବିଷୟରେ ପିଲାମାନଙ୍କର କୌଣସି ଚିନ୍ତା ନ ଥାଏ। ପିତାମାତାଙ୍କ ସମ୍ପତ୍ତି ତ ସମସ୍ତ ପିଲା ଚାହିଁଥାଆନ୍ତି, କିନ୍ତୁ ସେମାନଙ୍କୁ ନିଜ ସହିତ ରଖିବା କିମ୍ବା ଦାୟିତ୍ୱ ଉଠାଇବାକୁ ନିଜ ସ୍ୱାଧୀନତାରେ ବ୍ୟାଘାତ ବୋଲି ଅନେକ ମାନନ୍ତି। ଏଭଳି ପରିସ୍ଥିତିରେ ଏହି ପ୍ରଶ୍ନ ଗୁରୁତ୍ୱପୂର୍ଣ୍ଣ ଯେ କ'ଣ ପରିବାର ଏବଂ ବିବାହ ଭଳି ଆମର ସାମାଜିକ ସଂସ୍ଥାଗୁଡ଼ିକ ଆଜି ଏହି ପରିସ୍ଥିତିରେ ପହଞ୍ଚିଗଲାଣି ଯେ ସେମାନଙ୍କୁ ଆଇନର ହସ୍ତକ୍ଷେପ ବିନା ସନ୍ତୁଳିତ ରଖାଯାଇପାରିବ ନାହିଁ? ଆଉ ଏକ ପକ୍ଷ ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ କରାଯିବାର ଆବଶ୍ୟକତା ଅଛି ଯେ ଏହିପରି ଆଇନ ଦ୍ୱାରା ବୋଧହୁଏ ବୟସ୍କମାନଙ୍କୁ ଆର୍ଥିକ ସୁରକ୍ଷା ତ ପ୍ରଦାନ କରାଯାଇପାରିବ। ଯାହା ଦ୍ୱାରା ସେମାନଙ୍କର ମୌଳିକ ଆବଶ୍ୟକତା ଯେପରିକି ଭୋଜନ, ଚିକିତ୍ସା ଏବଂ ରହିବାର ଉଚିତ ବ୍ୟବସ୍ଥା ତ ସୁନିଶ୍ଚିତ ହୋଇଯିବ, କିନ୍ତୁ କ'ଣ ସେମାନଙ୍କୁ ପିଲାଙ୍କଠାରୁ ଭାବନାତ୍ମକ ସମ୍ବଳ, ପ୍ରେମ ଏବଂ ଯତ୍ନର ଗ୍ୟାରେଣ୍ଟି ମଧ୍ୟ ମିଳିବ? ଜୀବନ ଜୀଇଁବା ପାଇଁ ରୁଟି, କପଡ଼ା ଓ ବାସଗୃହ ସହିତ ଆତ୍ମସମ୍ମାନ ତଥା ଆପଣାପଣ ମଧ୍ୟ ସେତିକି ଜରୁରୀ ଅଟେ। ଏହା ଏକ ଏଭଳି ବିଷୟ ଯାହା ଉପରେ ସରକାରଠାରୁ ଆରମ୍ଭ କରି ସମାଜର ପ୍ରତ୍ୟେକ ବର୍ଗଙ୍କୁ ମିଳିମିଶି ଚିନ୍ତା କରିବାର ଆବଶ୍ୟକତା ଅଛି ।

ମୋ: ୭୩୮୧୩୮୨୨୧୦

# ଏଲ୍ ନିନୋ ପ୍ରଭାବରେ ମୌସୁମୀ ଓ ଅର୍ଥନୀତି ଦୁର୍ବଳ ସମ୍ଭାବନା



ନିମାଇଁ ଚରଣ ଦାସ

**ଯ**ଦି ଭାରତକୁ କେବଳ ଏକ ଦୁର୍ବଳ ମୌସୁମୀର ମୁକାବିଲା କରିବାକୁ ପଡ଼ନ୍ତା, ତା'ହେଲେ ସେଥିପାଇଁ ଅତୀତ ତୁଳନାରେ ଭାରତୀୟ ଅର୍ଥନୀତି ବର୍ତ୍ତମାନ ଯେ ଅଧିକ ସମର୍ଥ, ଏଥିରେ କାହାରି ଦ୍ୱିମତ ନାହିଁ। ରିଜର୍ଭ ବ୍ୟାଙ୍କ ଅନୁସାରେ ଏଥିଯୋଗୁଁ ଭାରତୀୟ ଅର୍ଥନୀତି ଅର୍ଥାତ୍ 'ଜିଡିପି'ର ଅଭିବୃଦ୍ଧି ହାରରେ ପ୍ରାୟ ୨୦-୬୫ ବେସିସ୍ ପଏଣ୍ଟ କ୍ଷତି ଘଟନ୍ତା। କିନ୍ତୁ ପୂର୍ବ ବର୍ଣ୍ଣିତ ଅସ୍ଥିରତା ସୃଷ୍ଟିକାରୀ ବାହ୍ୟ କାରଣମାନ ମିଶିଯିବା ପରେ ଏକ ଦୁର୍ବଳ ମୌସୁମୀ ଆମ ପାଇଁ ଏକ ଘାତକ ରୂପ ଧାରଣ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହାର ମୁକାବିଲା ପାଇଁ ସମସ୍ତ ପଦକ୍ଷେପ ନେବା ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ହେବ।

କଥାରେ ଅଛି ଦୁର୍ଦ୍ଦିନ କେବେ ଏକୁଟିଆ ଆସେ ନାହିଁ। ଭାରତ ବର୍ତ୍ତମାନ ଏଭଳି ଏକ ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଥିବା ଭଳି ମନେ ହେଉଛି। ଭାରତରେ ଏବେ ମୌସୁମୀ ଋତୁ ଆରମ୍ଭ ହେବାକୁ ଯାଉଛି। ଭାରତୀୟ ଅର୍ଥନୀତିର କୃଷିପ୍ରଧାନ ଚରିତ୍ରରେ ଦ୍ରୁତ ପରିର୍ବନ ଘଟି ଚାଲିଥିଲେ ହେଁ ଏବେ ମଧ୍ୟ ତାହାର ସ୍ୱାସ୍ଥ୍ୟ ଅନେକାଂଶରେ ମୌସୁମୀ ବୃଷ୍ଟିପାତର ମାତ୍ରା ଓ ବଣ୍ଟନ ଉପରେ ନିର୍ଭର କରିଥାଏ। ମୌସୁମି ଏଥର ଏପରି ଏକ ସମୟରେ ପ୍ରବେଶ କରିବାକୁ ଯାଉଛି ଯେତେବେଳେ ଭାରତୀୟ ଅର୍ଥନୀତି ଏକାଧିକ ସମସ୍ୟାର ମୁକାବିଲାରେ ବ୍ୟସ୍ତ। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଆନ୍ତର୍ଜାତିକ ବାଣିଜ୍ୟରେ ଅସ୍ଥିରତା ସୃଷ୍ଟି କରୁଥିବା ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁଁ ତୈଳ ଯୋଗାଣରେ ଅନିଶ୍ଚିତତା, ତୈଳ ଦର ବୃଦ୍ଧି ଏବଂ ସେଥିଯୋଗୁଁ ଆମ ଆମଦାନୀ ବୋଝରେ ଅହେତୁକ ବୃଦ୍ଧି। ସେଥିଯୋଗୁଁ ଦେଶରେ ମୁଦ୍ରାସ୍ଫୀତି ମୁଣ୍ଡ ଟେକିବାର ସମ୍ଭାବନା ଇତ୍ୟାଦି।

ଏଇ ଦୁର୍ଦ୍ଦଶା ତାଲିକାରେ ଏବେ ଆଉ ଏକ ସମସ୍ୟା ଯୋଗ ଦେଇଛି, ତାହାହେଲା ମୌସୁମୀ ସମ୍ବନ୍ଧରେ ଭାରତର ପାଣିପାଗ ବିଭାଗ ଆଇଏମ୍‌ଡି ଦ୍ୱାରା ସଦ୍ୟ ପ୍ରକାଶିତ ପୂର୍ବାନୁମାନ। ଏହି ପୂର୍ବାନୁମାନ ଅନୁସାରେ ୨୦୨୬ରେ ଭାରତରେ ଘଟିବାକୁ ଯାଉଥିବା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବୃଷ୍ଟିପାତ ଏହାର ଦୀଘର୍କାଳୀନ ହାରାହାରି ମାତ୍ରାର ୯୦ ଶତାଂଶ ମଧ୍ୟରେ ସୀମିତ ରହିବ। ଏହା ମୌସୁମୀ ଋତୁକୁ ବିଗତ ଏଗାର ବର୍ଷ ମଧ୍ୟରେ ଦୁର୍ବଳତମ ମୌସୁମୀ ଋତୁରେ ପରିଣତ କରିବ। ଏକ ଦୁର୍ବଳ ମୌସୁମୀ କେବଳ ଆମର ଦୁର୍ଦ୍ଦଶାର ତାଲିକାକୁ ସଂପ୍ରସାରିତ କରିବ ନାହିଁ, ଏହା ମଧ୍ୟ ତାଲିକାରେ ଅନ୍ତର୍ଭୁକ୍ତ ଅନ୍ୟ ସମସ୍ତ ଦୁର୍ଦ୍ଦଶାମାନଙ୍କୁ ଆହୁରି ଅସହନୀୟ କରି ତୋଳିବାର ସମ୍ଭାବନା ବହନ କରିଥାଏ।

ଉପରୋକ୍ତ ୯୦ ଶତାଂଶ ପରିସଂଖ୍ୟାନ ଯଦି କାହାରିକୁ ଉଚ୍ଚ ମନେ ହେଉଥାଏ, ତେବେ 'ଆଇଏମ୍‌ଡି'ର ସ୍ପଷ୍ଟୀକରଣ ସେଇ ଭ୍ରମ ଧାରଣା ଦୂର କରିବାରେ ସହାୟକ ହେବ। ବର୍ଷା ଋତୁ ଚାରି ମାସରେ ଭାରତରେ ବିଗତ ୫୦ ବର୍ଷ ମଧ୍ୟରେ ଘଟିଥିବା ହାରାହାରି ମୌସୁମୀ ବୃଷ୍ଟିପାତର ମାତ୍ରା ହୋଇଛି ୮୭ ସେ.ମି. ବା ୩୫ ଇଞ୍ଚ। ଯେତେବେଳେ ଏକ ମୌସୁମି ଋତୁରେ ହାରାହାରି ବୃଷ୍ଟିପାତ ଏଇ ଦୀଘର୍କାଳୀନ ହାରାହାରି ମାତ୍ରାର ୯୬ରୁ ୧୦୪ ଶତାଂଶ ମଧ୍ୟରେ ହୋଇଥାଏ। ଆଇଏମ୍‌ଡି ତାହାକୁ ନର୍ମାଲ ବା ସ୍ୱାଭାବିକ ବୃଷ୍ଟିପାତ ରୂପେ ବିଚାର କରିଥାଏ। ଏଇ କାରଣରୁ ଦୀଘର୍କାଳୀନ ହାରାହାରିର ୯୦ ଶତାଂଶ ବୃଷ୍ଟିପାତ ବହନକାରୀ ମୌସୁମୀକୁ ଦୁର୍ବଳ ରୂପେ ଚିହ୍ନିତ କରାଯାଉଛି।

ଯେଉଁ ଏକ ଅଦମନୀୟ ଶକ୍ତି ମୌସୁମୀର ବଳ ହରଣ କରିବା ଯୋଗୁଁ ତାହା ଏପରି ଶକ୍ତିହୀନ ହେବାକୁ ଯାଉଛି ବୋଲି ବିଶ୍ୱାସ କରାଯାଉଛି, ତାହା ହେଉଛି ପ୍ରଶାନ୍ତ ମହାସାଗରରେ ଦାନା ବାନ୍ଧିବାକୁ ଆରମ୍ଭ କରିଥିବା- 'ଏଲ୍ ନିନୋ'। କିଛିଦିନ ପୂର୍ବରୁ ବିଶ୍ୱ ପାଣିପାଗ ସଂଗଠନ 'ଡବ୍ଲ୍ୟୁଏମ୍‌ଓ' ଦ୍ୱାରା ପ୍ରକାଶିତ ସତର୍କ ସୂଚନା ଅନୁସାରେ ଜୁନ୍‌ରୁ ଅଗଷ୍ଟ ମଧ୍ୟରେ ଏଲ୍ ନିନୋ ଆତ୍ମପ୍ରକାଶ କରିବାର ୮୦ ଶତାଂଶ ସମ୍ଭାବନା ଦେଖାଯାଉଛି। ଏଲ୍ ନିନୋ ହେଉଛି ପୂର୍ବ ଓ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ଜଳରାଶିର ଘଟୁଥିବା ସାମୟିକ ଉତ୍ତପ୍ତୀକରଣ। ଏଇ ପ୍ରକ୍ରିୟାର ଯେତେବେଳେ ଆବିର୍ଭାବ ଘଟେ, ତାହା ସାଧାରଣତଃ ପ୍ରାୟ ୯ରୁ ୧୨ ମାସ ପର୍ଯ୍ୟନ୍ତ ଲାଗି ରହିଥାଏ। ଏହା ବିଶ୍ୱ ପାଣିପାଗ ଓ ତାପମାନକୁ ଗୁରୁତର ଭାବେ ପ୍ରଭାବିତ କରିଥାଏ, ଯେଉଁଥିରେ ଅତିବୃଷ୍ଟିରୁ ଅନାବୃଷ୍ଟି ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ। ଭାରତରେ ଏହାକୁ ନିଅଣ୍ଟିଆ ବୃଷ୍ଟିପାତ ଓ ଉତ୍ତପ୍ତ ଗ୍ରୀଷ୍ମକାଳ ସହିତ ସଂଯୁକ୍ତ କରାଯାଇଥାଏ।

ପୃଥିବୀର ଜଳବାୟୁ ଉପରେ ଏଲ୍ ନିନୋ ପ୍ରଭାବକୁ ଏଭଳି ଗୁରୁତ୍ୱ ପ୍ରଦାନ କରାଯାଇଥାଏ ଯେ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମଧ୍ୟ ଏ ସଂର୍ପକରେ ଏକ ବିବୃତ୍ତି ପ୍ରଦାନ କରି ପୃଥିବୀବାସୀଙ୍କୁ ସାବଧାନ କରି ଦେଇଛନ୍ତି ଯେ ସେମାନେ ଏହାକୁ ଏକ ଜରୁରି ଜଳବାୟୁ ସର୍ତକ ସୂଚନା ରୂପେ ଗ୍ରହଣ କରି ତଦନୁଯାୟୀ ନିଜକୁ ପ୍ରସ୍ତୁତ କରନ୍ତୁ। ଅଗ୍ରଣୀ ଜଳବାୟୁ ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି ଯେ ଅତୀତରେ ଯେତେବେଳେ ଭାରତରେ ଗୁରୁତର ଅନାବୃଷ୍ଟି ଦେଖାଯାଇଛି, ସର୍ବଦା ତାହା ଏଲ୍ ନିନୋ ପ୍ରଭାବରେ ହୋଇଛି। ଏହା ଅବଶ୍ୟ ସୂଚନାଯୋଗ୍ୟ ଯେ କୃଷି ପାଇଁ ଯାହା ହେଉଛି ଗୁରୁତ୍ୱପୂର୍ଣ୍ଣ, ତାହା ଏକ ମୌସୁମୀ ଋତୁରେ ଘଟୁଥିବା ମୋଟ ବୃଷ୍ଟିପାତ ନୁହେଁ, ତାହା ହେଉଛି ଏଇ ବୃଷ୍ଟିପାତର



ଆଞ୍ଚଳିକବଣ୍ଟନ ଓ ସମୟ।

ଏକ ଦୁର୍ବଳ ମୌସୁମୀ କିଭଳି ସିଧାସଳଖ ଭାବରେ ଭାରତୀୟ ରୋଷେଇ ଘରକୁ ପ୍ରଭାବିତ କରିଥାଏ ତାହା କାହାକୁ ଅଜଣା ନୁହେଁ। ଅଳ୍ପ ବୃଷ୍ଟି ଯୋଗୁଁ ଖରିଫ୍ ଅମଳ ବାଧାପ୍ରାପ୍ତ ହେଲେ ଚାଉଳ, ଡାଲି, ଖାଇବା ତେଲ, ପନିପରିବା ଆଦିର ଦରଦାମରେ ତୀକ୍ଷ୍ଣ ବୃଦ୍ଧି ଘଟିଥାଏ। ଖାଦ୍ୟଦ୍ରବ୍ୟ ଦରରେ ବୃଦ୍ଧି ଘଟିଲେ ତାହା ପ୍ରଭାବରେ ଖାଉଟି ମୁଦ୍ରାସ୍ଫୀତିରେ ପ୍ରାୟ ୨୦-୨୫ ବେସିସ୍ ପଏ ବୃଦ୍ଧି ଘଟିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରୁଛନ୍ତି। ଯଦି ନିର୍ଦ୍ଦିଷ୍ଟ ଖାଦ୍ୟଦ୍ରବ୍ୟ ଉତ୍ପାଦନକାରୀ ଅଞ୍ଚଳରେ ଏଇ ବୃଷ୍ଟିହୀନତା ଅଧିକ ଗୁରୁତର ରୂପ ଧାରଣ କରେ, ତେବେ ଖାଦ୍ୟ ମୁଦ୍ରାସ୍ଫୀତି ତଥା ଖାଉଟି ମୁଦ୍ରାସ୍ଫୀତିରେ ବୃଦ୍ଧି ଆହୁରି ତୀକ୍ଷ୍ଣ ହେବ ବୋଲି ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପଶ୍ଚିମ ଏସିଆ ସଂକଟ ଯଦି ଲାଗିରହେ ଓ ତୈଳ ଦର ଅଣାୟତ୍ତ ହୁଏ, ତେବେ ମୁଦ୍ରାସ୍ଫୀତି ପରିସ୍ଥିତି ଆହୁରି ସଂଗୀନ ହେବା ଅନିବାର୍ଯ୍ୟ।

ଅର୍ଥନୈତିକ ଅଭିବୃଦ୍ଧି ହାର ସମ୍ଭବ ହେବାରେ ଗ୍ରାମ୍ୟ ଖାଉଟି ବ୍ୟୟର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହା ଦ୍ରୁତ ବିକ୍ରୟଶୀଳ ଖାଉଟି ଦ୍ରବ୍ୟମାନଙ୍କରୁ ଦୁଇଚକିଆ ଯାନ ଓ ଟ୍ରାକ୍ଟର ଆଦି ପର୍ଯ୍ୟନ୍ତ ବିକ୍ରୟକୁ ତ୍ୱରାନ୍ୱିତ କରିଥାଏ। ଏକ ଦୁର୍ବଳ ମୌସୁମୀ ସେଥିରେ ବାଧକ ସାଜିବ। ଏହାର ପ୍ରମାଣ ସ୍ୱରୂପ ୨୦୨୩ରେ ଏଲ୍ ନିନୋ ଜନିତ ଅନାବୃଷ୍ଟି ପରେ ଖାଦ୍ୟ ମୁଦ୍ରାସ୍ଫୀତିରେ ୧୧.୫ ଶତାଂଶ ବୃଦ୍ଧି ଘଟିବା ସହିତ ଟ୍ରାକ୍ଟର ବିକ୍ରୟରେ ଏକ ତୀକ୍ଷ୍ଣ ସ୍ଖଳନ ଓ ମନରେଗା ଗ୍ରାମ୍ୟ ନିଯୁକ୍ତି ଯୋଜନାର ଚାହିଦାରେ ୩୦ ଶତାଂଶ ବୃଦ୍ଧି ଘଟିବା ପରିଲକ୍ଷିତ ହୋଇଥିଲା।

ଯଦି ଭାରତକୁ କେବଳ ଏକ ଦୁର୍ବଳ ମୌସୁମୀର ମୁକାବିଲା କରିବାକୁ ପଡ଼ନ୍ତା, ତା'ହେଲେ ସେଥିପାଇଁ ଅତୀତ ତୁଳନାରେ ଭାରତୀୟ ଅର୍ଥନୀତି ବର୍ତ୍ତମାନ ଯେ ଅଧିକ ସମର୍ଥ ଏଥିରେ କୌଣସି ସନ୍ଦେହ ନାହିଁ। ରିଜର୍ଭ ବ୍ୟାଙ୍କ୍ ଅନୁସାରେ ଏଥିଯୋଗୁଁ ଭାରତୀୟ ଅର୍ଥନୀତି ଅର୍ଥାତ୍ ଜିଡିପି ଅଭିବୃଦ୍ଧି ହାରରେ ମାତ୍ର ପ୍ରାୟ ୨୦-୬୫ ବେସିସ୍ ପଏ କ୍ଷତି ଘଟନ୍ତା। କିନ୍ତୁ ପୂର୍ବ ବର୍ଣ୍ଣିତ ଅସ୍ଥିରତା ସୃଷ୍ଟିକାରୀ ବାହ୍ୟ କାରଣମାନ ମିଶିଯିବା ପରେ ଏକ ଦୁର୍ବଳ ମୌସୁମୀ ଆମ ପାଇଁ ଏକ ଘାତକ ରୂପ ଧାରଣ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଏହାର ମୁକାବିଲା ପାଇଁ ସମସ୍ତ ସମ୍ଭବ ପଦକ୍ଷେପ ନେବା ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ହେବ। ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ନିର୍ଭୁଲ୍ ପାଣିପାଗ ପୂର୍ବାନୁମାନ, ଖରିଫ୍ ବୁଣାବୁଣି ପାଇଁ ଜରୁରୀକାଳୀନ ଯୋଜନା ପ୍ରସ୍ତୁତି, ଖାଦ୍ୟଶସ୍ୟର ସକ୍ରିୟ ଷ୍ଟକ୍ ସୃଷ୍ଟି ଆଦି ଏଇ ପ୍ରସ୍ତୁତିର ଅଂଶ ହେବା ଆବଶ୍ୟକ। ମୌସୁମୀ ସର୍ତକ ସୂଚନାକୁ ସାମାନ୍ୟ ଅବହେଳା କରିବା ଆମ ପାଇଁ ଆକ୍ଷରିକ ଭାବରେ ମହଙ୍ଗା ସାବ୍ୟସ୍ତ ହେବ।

ମୋ: ୭୯୭୮୭୦୪୮୮୪

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

## ତିନିମାସ ତଳେ ପିତାଙ୍କୁ ହରାଇଥିବା ପୁଅ ସୁକେଶର ସଡକ ଦୁର୍ଘଟଣାରେ ମୃତ୍ୟୁ

# ପରିବାର ଉପରେ ଦୁଃଖର ପାହାଡ, ସରକାରୀ ସହାୟତା ପାଇଁ ଗୁହାରୀ



ବିଜେପୁର,୧୦।୬(ନି.ପ୍ର): ଭାଗ୍ୟର ବିଡମ୍ବନା। ଦୁଃଖ ପରେ ଦୁଃଖ। ତିନି ମାସ ତଳେ ପିତାଙ୍କୁ ହରାଇଥିବା ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଜାରିଂ ଗ୍ରାମର ସୁକେଶ ରଣାଙ୍କର ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇ ଯାଇଥିବା ବେଳେ ପରିବାର ଉପରେ ମାଡି ବସିଛି ଦୁଃଖର ପାହାଡ। ତିନି ଛୋଟ ପୁଅଙ୍କୁ ନେଇ କେମିତି ଜୀବନ ଅତିବାହିତ କରିବେ ସେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି ସୁକେଶଙ୍କ ପତ୍ନୀ। । ବୁଧବାର ଅପରାହ୍ନ ପ୍ରାୟ ୪.୩୦ ସମୟରେ ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ସାଲେପାଲି ଛକ ନିକଟରେ ସୁକେଶ ରଣା ନିଜ ମୋଟରସାଇକେଲ ଯୋଗେ ଯାଉଥିବା ବେଳେ ଏକ କୁକୁଡ଼ା ବୋଝେଇ ଗାଡ଼ି ସହ ଧକ୍କା ହୋଇଥିଲା। ଫଳରେ ସୁକେଶ ରଣାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଖବର ପାଇ ମେଲଛାମୁଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ଏକ ମାମଲା ରୁଜୁ କରି ଫେରାର ଗାଡ଼ି ଓ ଚାଳକଙ୍କ ସନ୍ଧାନରେ ତଦନ୍ତ ଚଳାଇଛି। ଏହି ଘଟଣା ଅତ୍ୟନ୍ତ ହୃଦୟବିଦାରକ। କାରଣ ସୁକେଶ ରଣାଙ୍କ ବାପାଙ୍କର ମଧ୍ୟ ପ୍ରାୟ ତିନି/ଚାରି ମାସ ପୂର୍ବରୁ ମୃତ୍ୟୁ ଘଟିଥିଲା। ଏହି ଦୁଃଖରୁ ପରିବାର ସମ୍ପୂର୍ଣ୍ଣ ବାହାରି ନଥିବା ବେଳେ ପୁଣି ସୁକେଶଙ୍କ ଅକାଳ ବିୟୋଗ ପରିବାରକୁ ଭାଙ୍ଗି ଦେଇଛି। ସୁକେଶ ରଣା ପତ୍ନୀ ଓ ତିନି ଜଣ ପୁଅଙ୍କୁ ଛାଡ଼ି ଯାଇଛନ୍ତି। ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର ଆର୍ଥିକ ସଙ୍କଟରେ ପଡ଼ିଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକେ ଓ ସମାଜସେବୀମାନେ ସରକାର ଓ ପ୍ରଶାସନଙ୍କୁ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ନିବେଦନ କରିଛନ୍ତି। ସୁକେଶଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଜାରିଂ ଗ୍ରାମ ସହ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବିଞ୍ଚଣା ଓ ଲଣ୍ଠନ ଦେଖାଇ ବିଦ୍ୟୁତ ଉପଭୋକ୍ତାଙ୍କ ନିଆରା ପ୍ରତିବାଦ



ଦଶପଲ୍ଲା,୧୦।୬(ନି.ପ୍ର): ଦଶପଲ୍ଲା ବ୍ଲକ ଓ ଏନଏସିରେ ଦିନକୁ ଦିନ ବିଦ୍ୟୁତ ସମସ୍ୟା ଜଟିଳ ହୋଇଚାଲିଛି। ଦିନକୁ ଅନ୍ୟୁନ ୨୦/୩୦ ଥର ବିଦ୍ୟୁତ କାଟ ହେଉଛି। ତତ ସହିତ ଯେତିକି ସମୟ ରହୁଛି ସେଥିରେ ପୁଣି ଲୋ ଭୋଲ୍ଟେଜ ସମସ୍ୟା। ଯଦ୍ଦ୍ୱାରା ଏସି, ଫ୍ରିଜ କୁଲର ଟିଭି ସବୁ ଚାଲିବା କାଠିକର ପାଠ। ତେବେ ଏ ନେଇ ସଙ୍ଘ ପକ୍ଷରୁ ଟିପିସିଓଡିଏଲ ଅଧିକାରୀଙ୍କୁ ଲିଖିତ ଜଣାଇ ଥିଲେ ମଧ୍ୟ ସେ ଏହାର ସମାଧାନ କରିବା ପରିବର୍ତ୍ତେ ସେ ଆକ୍ରୋଶ ମୂଳକ ଭାବେ ବିଭିନ୍ନ କେସ ଦେବା, ଫାଇନ ଆଦାୟ କରିବା ଆଦି ଦମନମୂଳକ କାର୍ଯ୍ୟକ୍ରମରେ ଦଶପଲ୍ଲା ଥାନା ଅଧିକାରୀ ହସ୍ତକ୍ଷେପ କରି ସମାଧାନ କରିବା କଥା ସଙ୍ଘ ତରଫରୁ ଅଭିଯୋଗ ହୋଇଛି। ଏ ସବୁ ସତ୍ତ୍ୱେ, ୫୦/୬୦ ଜଣ ଉପଭୋକ୍ତାଙ୍କ ନାମରେ ମଧ୍ୟ ମିଥ୍ୟା କେସ ରୁଜୁ କରାଯାଇଥିବା ଦରଖାସ୍ତରେ ଉଲ୍ଲେଖ କରିଛନ୍ତି। ସମସ୍ତ ଅତ୍ୟାଚାର ଜୁଲୁମ ହେବା ପରେ ଆଜି ରାଜରାସ୍ତାକୁ ଓହ୍ଲାଇ ବିଞ୍ଚଣା ଓ ଲଣ୍ଠନ ଦେଖାଇ ଭିନ୍ନ ପ୍ରତିବାଦ କରିଛନ୍ତି। ତେବେ ସଂଘ ପକ୍ଷରୁ ବିଭିନ୍ନ ଦାବିକୁ ନେଇ ଦଶପଲ୍ଲା ତହସିଲଦାରଙ୍କ ଅନୁପସ୍ଥିତ ଯୋଗୁଁ ଲିଖିତ ପତ୍ର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଦାବୀ ଗୁଡିକ ମଧ୍ୟରେ ଟାକରା ଗ୍ରୀଡ଼କୁ ଖୁ ଶୀଘ୍ର କାର୍ଯ୍ୟକ୍ଷମ କରିବା, ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା, ଲୋ ଭୋଲ୍ଟେଜ ସମସ୍ୟା ଦୂର କରାଯାଉ, ଟିପିସିଓଡିଏଲର ଆକ୍ରୋଶ ମୂଳକ କାର୍ଯ୍ୟକ୍ରମ ବନ୍ଦ କରିବା, ମିଥ୍ୟା ମକଦମାକୁ ପ୍ରତ୍ୟାହାର କରିବା ଆଦି ଦାବୀ ରଖାଯାଇଛି। ତେବେ ୧୫ ଦିନ ମଧ୍ୟରେ ସମାଧାନ କରା ନଗଲେ ଜୁନ ୩୦ ତାରିଖରେ ଦଶପଲ୍ଲା ବନ୍ଦ ରଖାଯିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ଏ ଦରଖାସ୍ତର ନକଲ କପି ବିଭାଗୀୟ ମନ୍ତ୍ରୀ, କନ୍ଧମାଳ ସାଂସଦ, ଦଶପଲ୍ଲା ବିଧାୟକ, ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ସଚିବ, ଜିଲ୍ଲାପାଳ ନୟାଗଡ଼, ଜିଲ୍ଲା ଆରକ୍ଷୀ ଅଧିକାରୀ ନୟାଗଡ଼, ଦଶପଲ୍ଲା ଥାନା ଅଧିକାରୀଙ୍କୁ ମଧ୍ୟ ଦରଖାସ୍ତ ଦେବା ଲାଗି ଉଲ୍ଲେଖ କରିଛନ୍ତି। ଏହି ସମସ୍ୟାର ସମାଧାନ କେବେ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଅବକାରୀ ଚଢାଉ ମଦ ଜବତ ୩ ଗିରଫ

ବୁଗୁଡା,୧୦।୬(ନି.ପ୍ର): ସ୍ଥାନୀୟ ଅବକାରୀ ବିଭାଗ ତରଫରୁ ବୁଧବାର ଦିନ ବୁଗୁଡା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୬୭ ଲିଟର ଦେଶୀ ମଦ ଜବତ ସହ ଗିରଫ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ତିନି ଜଣ ହେଲେ କୋଦଳା ଥାନା ଅନ୍ତର୍ଗତ ବେରୁହାଁବାଡିର ପ୍ରଦୀପ ବେହେରା, ବୁଗୁଡ଼ା ଥାନା ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମର ବାବୁଲା ପ୍ରଧାନ ଓ ଗୋଳାବନ୍ଧ ଗ୍ରାମର ଅକ୍ଷୟ ଜେନା। ସେମାନଙ୍କ ବିରୁଦ୍ଧରେ ଯଥାକ୍ରମେ କେସ୍ ନଂ ୩୮/୨୬, ୩୯/୨୬ ଓ ୪୦/୨୬ରେ ପୃଥକ୍ ଭାବେ ତିନୋଟି ମାମଲା ରୁଜୁ ହୋଇଥିବା ଅବକାରୀ ଥାନା ଅଧିକାରୀ ଜ୍ୟୋତି ରଞ୍ଜନ ସେନାପତିଙ୍କଠାରୁ ପ୍ରକାଶ । ବୁଗୁଡା ଥାନା ଅନ୍ତର୍ଗତ ଗୋଲିଆ ଗ୍ରାମ ଉପକଣ୍ଠରେ ପ୍ରଦୀପଙ୍କଠାରୁ ୨୫ ଲିଟର, ଠଣାପଲ୍ଲୀ ଗାଁ ନିକଟରେ ବାବୁଲାଠାରୁ ୨୦ ଲିଟର ଏବଂ ଗୋଳାବନ୍ଧ ଗାଁ ଶେଷମୁଣ୍ଡରେ ଅକ୍ଷୟଠାରୁ ୨୨ ଲିଟର ଦେଶୀ ଜବତ କରାଯାଇଥିଲା। ଉକ୍ତ ଚଢାଉରେ ଅବକାରୀ ଥାନା ଓଆଇସିଙ୍କ ସମେତ ନିରେନ୍ଦ୍ର ଶବର, ନିରଞ୍ଜନ ବେହେରା, ମନୋରଞ୍ଜନ ସେଠୀ ଓ କାମନା ରେଡ୍ଡି ପ୍ରମୁଖ ଅବକାରୀ କର୍ମଚାରୀ ସାମିଲ ଥିଲେ।

# ଅଗ୍ନିକାଣ୍ଡରେ ୩ ବଖର ଓ ସମ୍ପତ୍ତି ପୋଡି ପାଉଁଶ



ଦଶପଲ୍ଲା,୧୦।୬(ନି.ପ୍ର): ଦଶପଲ୍ଲା ବ୍ଲକ୍ ନଛିପୁର ପଞ୍ଚାୟତ ଅନ୍ତର୍ଗତ ବିଡ଼ାପାଜୁ ଗ୍ରାମରେ ବୁଧବାର ଦିନ ଅଗ୍ନିକାଣ୍ଡ ଘଟି କବିରାଜ ମୁଦୁଲି (୪୭)ଙ୍କ ତିନି ବଖରା ଚାଳଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ପରିବାରର ଲୋକ ଦିନ ଦିପହରେ ଶୋଇଥିବା ସମୟରେ ଘରେ ଅଚାନକ ଏହି ଅଗ୍ନିକାଣ୍ଡ ଘଟିଥିଲା। ପରିବାରର ସଦସ୍ୟଙ୍କ କାହାର କିଛି କ୍ଷୟକ୍ଷତି ଘଟିନି। କିନ୍ତୁ ଅଗ୍ନିକାଣ୍ଡରେ ନଗଦ ଟଙ୍କା ସମେତ ଘରେ ଥିବା ସମସ୍ତ କାଗଜପତ୍ର, ଧାନ, ଚାଉଳ ଓ ସମସ୍ତ ଜିନିଷ ଜଳିପୋଡ଼ି ଯାଇଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ଖବର ପାଇ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିବା ବେଳକୁ ସବୁ ଜଳି ଯାଇଥିଲା।

# ମଧଖଣ୍ଡ ପ୍ରିମିଅର୍ ଲିଗ୍: ଡିକେଟି ଡାଇନାମୋସ୍ ବିଜୟୀ



ଦଶପଲ୍ଲା,୧୦।୬(ନି.ପ୍ର): ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ମଧଖଣ୍ଡ ଠାରେ ରେଡ୍ ଷ୍ଟାର କ୍ରିକେଟ୍ କ୍ଲବ ଦ୍ୱାରା ଆୟୋଜିତ ମଧଖଣ୍ଡ ପ୍ରିମିଅର୍ ଲିଗ୍ ସିଜିନ୍ – ୯ରେ ଷଷ୍ଠ ଦିବସର ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ଡିକେଟି ଡାଇନାମୋସ୍ ୧୨ ଓଭରରେ ୪ ୱିକେଟ୍ ହରାଇ ୧୪୯ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ବ୍ଲୋମିଂ ବ୍ଲାଷ୍ଟରସ୍ ୧୨ ଓଭରରେ ୭ ୱିକେଟ୍ ହରାଇ ୯୪ ରନ୍ ସଂଗ୍ରହ କରିଥିଲେ। ଫଳରେ ଡିକେଟି ଡାଇନାମୋସ୍ ଦଳ ବିଜୟ ଲାଭ କରିଥିଲା। ଏହି ଦଳର ତପନ ବେହେରା (ପପୁ) ୨୫ ବଲରେ ୩୪ ରନ୍ ଏବଂ ଏସ୍ ରାଜା ୨୯ ବଲରେ ଧୂଆଁଧାର ୬୨ ରନ୍ ସଂଗ୍ରହ କରିଥିଲେ।ମଧଖଣ୍ଡ ପ୍ରିମିଅର୍ ଲିଗ୍ କମିଟି ର ଶ୍ରୀକାନ୍ତ କୁମାର ଦଳାଇ, ଅଜୟ ବାରିକି, ଜ୍ଞାନରଞ୍ଜନ ଦାଶ, ଦେବ ପ୍ରଧାନ, ସୁଶାନ୍ତ କୁମାର ପରିଡ଼ା, ଗୋବିନ୍ଦ ଚନ୍ଦ୍ର ନାୟକ, ବାବୁ ପ୍ରଧାନ, ଆଲୋକ ବେହେରା, ଶିବପ୍ରସାଦ ପଟ୍ଟନାୟକ, ଦିପୁ ମଲ୍ଲିକ, ବାବୁନି ବାରିକ, ଅରୁଣ କୁମାର ପ୍ରଧାନ, ବିଟନ୍ ଦଳେଇ, ବିଶ୍ୱନାଥ ପରିଡ଼ା ଓ ଦୁର୍ଯ୍ୟୋଧନ ବାରିକ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ ।

# କାଳବୈଶାଖୀ ତାଣ୍ଡବରେ ଉପୁଡିଲା ଗଛ, ଭାଙ୍ଗିଲା ଘର



ପାପଡାହାଣ୍ଡି,୧୦।୬(ନି.ପ୍ର): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଳପୁର ପଂଚାୟତ ସଦରରେ ବୁଧବାର ଦିନ କାଳବୈଶାଖୀର ପ୍ରଭାତ ଦେଖିବାକୁ ମିଳିଥିଲା । ଜୋରରେ ପବନ ବୋହିବରୁ ସ୍ଥାନୀୟ ସୁବ୍ରତ ସାହୁଙ୍କ ଘର ନିକଟରେ ଥିବା ଗୋଟିଏ ବିରାଟ କସି ଗଛ ଉପୁଡିଯିବା ଫଳରେ ଦୁଇଟି ପାଇଖାନା ଗୃହ ସମ୍ପୂର୍ଣ୍ଣ ନଷ୍ଟ ହେଇଯାଇଛି ଏବଂ ଆବାସ ଗୃହ ଆଂଶିକ କ୍ଷତି ହେଇଥିବା ଦେଖିବାକୁ ମିଳିଛି । ଛୋଟିଆ ପାନ ଦୋକାନ ରେ ଗୁଜୁରାଣ ମେଣ୍ଟାଉଥିବା ସୁବ୍ରତ ସାହୁ ଏବେ ଚିନ୍ତା ରେ ଭାଙ୍ଗି ପଡିଛନ୍ତି । ସରକାରୀ ସହାୟତା ମିଳିଲେ ପାଇଖାନା ଘର କରିବେ ବୋଲି ସରକାରଙ୍କୁ ଅନୁରୋଧ କରିଛନ୍ତି । କାଳବୈଶାଖୀର କ୍ଷତିପୂରଣ ବାବଦ ସରକାରୀ ସାହାଯ୍ୟ ଅପେକ୍ଷାରେ ସୁବ୍ରତ ସାହୁ ।

# ପୂଜକଙ୍କ ଘର ଭାଙ୍ଗିବା ଫସର ଫାଟିଲା ନିରାଶ ହୋଇ ଫେରିଗଲା ପ୍ରଶାସନ

ଗଞ୍ଜାମ,୧୦।୬(ନି.ପ୍ର): ଗଞ୍ଜାମ ସହର ତ୍ରିବେଣୀ ମଠ ଛକରେ ଦୀର୍ଘ ୭୦ ବର୍ଷ ହେବ ରହି ଆସୁଛନ୍ତି ପୂଜକ କନ୍ଧ ଶତପଥୀ ଓ ତାଙ୍କ ପରିବାର । ପୂଜକଙ୍କ ଘର ଉଚ୍ଛେଦ ପାଇଁ ଦୀର୍ଘ ବର୍ଷ ହେବ ପ୍ରୟାସ କରାଯାଉଥିଲେ ମଧ୍ୟ ଜଗନ୍ନାଥ ମନ୍ଦିର କର୍ତ୍ତୃପକ୍ଷ ଓ ଦେବୋତ୍ତର ବିଭାଗ ନିରାଶ ହୋଇଛନ୍ତି । ପୋଲିସ ଫୋର୍ସ ସହ ଦେବୋତ୍ତର ବିଭାଗ, ତହସିଲ ଓ ପୋଲିସ ପ୍ରଶାସନ ପ୍ରମୁଖ ପୂଜକଙ୍କ ଘର ପାଖରେ ପହଞ୍ଚି ଘର ଉଚ୍ଛେଦ ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି ଶୀଘ୍ର ଘର ଖାଲି କରିବାକୁ ପୂଜକଙ୍କ ପରିବାରଙ୍କୁ କହିଥିଲେ ।

ଏହା ଶୁଣିବା ପରେ ପୂଜକ ଶତପଥୀ ଓ ତାଙ୍କ ସ୍ତ୍ରୀ ଘର ଆଗରେ ବସି ରହିଥିଲେ । ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ଥିଲେ ମଧ୍ୟ ୨୦୧୬ରେ ସରକାର ଗ୍ରାମକଣ୍ଟକ ପଟ୍ଟା ପ୍ରଦାନ କାହିଁକି ପ୍ରଦାନ କରିଛନ୍ତି ବୋଲି ପୂଜକଙ୍କ ଓକିଲ ଦିଲ୍ଲୀପ କୁମାର ପଟ୍ଟନାୟକ ଯୁକ୍ତି କରିଥିଲେ । ଏହିସହ କିଛି ଦିନ ମହାଲତ ଦେବା ନିୟମ ଥିବା ଦାବି କରିଥିଲେ ପୂଜକଙ୍କ ଓକିଲ ଆଇନଜୀବୀ ପଟ୍ଟନାୟକ । ଓକିଲଙ୍କ ଯୁକ୍ତିକୁ ଯଥାର୍ଥ କହି କେମିତି ଘର ଭାଙ୍ଗିଦେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଏହାକୁ ନେଇ ପ୍ରଶାସନ ଠାରେ ଘୋର ବିରୋଧ କରିଥିଲେ । ଫଳରେ ସେଠାରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଅତିରିକ୍ତ ତହସିଲଦାର ଲିଲି କୁମାରୀ, ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ପାତ୍ର, ଏଡିସନାଲ ଆଇଆଇସି ଶୁଭଲକ୍ଷ୍ମୀ କଅଁର, ଏସ ଆଇ ଅନିରୁଦ୍ଧ ସ୍ବାଇଁ, ଏଏସଆଇ ସୁଦୀପ୍ତ କୁମାର ସାହୁ, ମହିଳା ଏଏସଆଇ ସୁପ୍ରଭା ସାହୁ ପ୍ରମୁଖ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଦୀର୍ଘ ସମୟ ଧରି ଦେବୋତ୍ତର ବିଭାଗ କର୍ମଚାରୀ, ତହସିଲ ଓ ପୋଲିସ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ପାରିନଥିଲା । ପରେ ଖବର ପାଇ ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ ଘଟଣାସ୍ଥଳରେ ପହଞ୍ଚି ହାଇକୋର୍ଟଙ୍କ ନୋଟିସ ଓ ପୂଜକଙ୍କ ଗ୍ରାମ କଣ୍ଟକ ଘର ପଟ୍ଟା ଦେଖିଥିଲେ। ତଥାପି କୌଣସି ନିଷ୍କର୍ଷ ନ ବାହାରିବା ଯୋଗୁଁ ପୂଜକଙ୍କ ଘର ନଭାଙ୍ଗି ଫେରି ଯାଇଥିଲେ ।

# ଚୋରା ବାଲି ପରିବହନ ସନ୍ଦେହରେ ଟ୍ରକ ଅଟକ



ବିଜେପୁର,୧୦।୬ (ନି.ପ୍ର): ବରଗଡ଼ ଜିଲ୍ଲା ବିଜେପୁର ଟି.ଗଣ୍ଡପାଲି ଛକ ନିକଟରେ ଆଜି ଏକ ବାଲି ବୋଝେଇ ଟ୍ରକକୁ ପ୍ରଶାସନ ପକ୍ଷରୁ ଅଟକ ରଖାଯାଇଛି। ସୂଚନା ଅନୁଯାୟୀ ପଦ୍ମପୁର ଉପଜିଲ୍ଲାପାଳ ଯାଞ୍ଚ ସମୟରେ ଅଟକାଇଥିଲେ। ଟ୍ରକରେ ବାଲି ପରିବହନ ସମ୍ପର୍କିତ କାଗଜପତ୍ର ଓ ଅନୁମତିପତ୍ର ଯାଞ୍ଚ କରାଯାଇଥିବା ବେଳେ କିଛି ଅନିୟମିତତା ସନ୍ଦେହରେ ଗାଡ଼ିକୁ ଜବତ କରାଯାଇଥିବା ଜଣାପଡ଼ିଛି। ପରବର୍ତ୍ତୀ ତଦନ୍ତ ପାଇଁ ଟ୍ରକଟିକୁ ବିଜେପୁର ଥାନାକୁ ନିଆଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଥାନା ପରିସରରେ ରଖାଯାଇଛି। ବାଲି ପରିବହନ ନିୟମ ଉଲ୍ଲଂଘନ ହୋଇଛି କି ନାହିଁ ଏବଂ ଆବଶ୍ୟକ ଦସ୍ତାବିଜ ସଠିକ୍ ରହିଛି କି ନାହିଁ, ସେନେଇ ପ୍ରଶାସନ ପକ୍ଷରୁ ଖୋଳତାଡ଼ ଚାଲିଛି। ଅବୈଧ ବାଲି ଚାଲାଣ ଓ ଖଣିଜ ସମ୍ପଦ ପରିବହନ ଉପରେ ପ୍ରଶାସନ କଡ଼ା ନଜର ରଖିଥିବା ବେଳେ ଏହି ଘଟଣାକୁ ମଧ୍ୟ ସେହି ଅଭିଯାନର ଏକ ଅଂଶ ବୋଲି ଦେଖାଯାଉଛି। ତଦନ୍ତ ରିପୋର୍ଟ ଆସିବା ପରେ ଗାଡ଼ି ମାଲିକଙ୍କ ବିରୋଧରେ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନକୁ ସାଧାରଣ ଲୋକ ସ୍ବାଗତ କରିଛନ୍ତି।

# ମଦ ଦୋକାନକୁ ମହିଳାଙ୍କ ବିରୋଧ ପୂର୍ବ ପ୍ରାୟୋଜିତ



ଯାଜପୁର,୧୦।୬(ନି.ପ୍ର): ଜଲ୍ଲାରେ ଠିପି ବନ୍ଦ ଓ ଠିପି ଖୋଲା ମଦ ଦୋକାନ ନିଲାମ ଲଟେରୀ ମାଧ୍ୟମରେ କରାଯାଇଥିଲା। ଏହା ବିରୋଧରେ ମହିଳାମାନଙ୍କ ଦ୍ୱାରା ଜିଲ୍ଲାପାଳଙ୍କ ଅଫିସ ଘେରାଉ ପ୍ରୟୋଜିତ ବୋଲି ଚର୍ଚ୍ଚା ହେଉଛି। ଯେଉଁ ସ୍ଥାନରେ ବିଦେଶୀ ମଦ ଦୋକାନ ପାଇଁ ନିଲାମ ହୋଇଥିବା ବେଳେ ସେହି ସ୍ଥାନର ମହିଳାମାନେ ବିରୋଧ କରୁନାହାନ୍ତି, ପରନ୍ତୁ ଦୁଇ କିଲୋମିଟର ଦୂର ମୋଟରଙ୍ଗାପାଳର ମହିଳାମାନେ ନିଲାମ ହୋଇଥିବା ମଦ ଦୋକାନକୁ ବିରୋଧ କରିବା ପଛରେ ରାଜନୈତିକ ସମର୍ଥନ ଥିବା ବାରି ହୋଇପଡୁଛି।

ଘଟଣା ଅନୁଯାୟୀ, ଜିଲ୍ଲା ପ୍ରଶାସନ ଦ୍ୱାରା ଯାଜପୁର ବ୍ଲକ ପଣସା ପଂଚାୟତ ଆଂକୁଲାରେ ବିଦେଶୀ ମଦ ଦୋକାନ ନିମନ୍ତେ ଲଟେରୀ ମାଧ୍ୟମରେ ଜଣେ ବ୍ୟକ୍ତି ଚୟନ ହୋଇଛନ୍ତି । ନିଲାମ ନେଇଥିବା ବ୍ୟକ୍ତି ଉକ୍ତ ସ୍ଥାନରେ ବିଦେଶୀ ମଦ ଦୋକାନ ନିମନ୍ତେ ସ୍ଥାନ ନିରୂପଣ କରି ନ ଥିବା ବେଳେ ସେହି ପଂଚାୟତର ଦୁଇ କିଲୋମିଟର ଦୂର ମୋଟରଙ୍ଗପାଳର ମହିଳାମାନେ ଆଙ୍କୁଲା ବିଦେଶୀ ମଦ ଦୋକାନ ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ କରିବା ପଛରେ ବିରୋଧୀ ଦଳର ହାତ ଥିବା ଅଭିଯୋଗ ହୋଇଛି। ଏପରିକି ବିଜେଡି ନେତାଙ୍କ ପ୍ରରୋଚନାରେ ମଦ ଦୋକାନକୁ ବିରୋଧ କରିବାକୁ ଆସିଛନ୍ତି ବୋଲି କେତେକ ମହିଳା କହିଛନ୍ତି। ମୋଟରଙ୍ଗାପାଳ ଠାରୁ ମାର୍କେଟ ଛକ ଓ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଅଧ କିଲୋମିଟର ଦୂରତାରେ ଦୁଇ ଦୁଇଟି ଠିପି ବନ୍ଦ ମଦ ଦୋକାନ ୨୦ ବର୍ଷ ହେଲା ଚାଲୁଛି। ତାକୁ ବିରୋଧ କରାଯାଉ ନାହିଁ। କେବଳ ଅଂକୁଲା ଠାରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ କରାଯିବା ପଛରେ ଅଭିସନ୍ଧି ରହିଁଛି ବୋଲି ଜଣାପଡୁଛି। ପୂର୍ବରୁ ଚୋରା ଦେଶୀ ମଦ ପିଇ ଲୋକେ ମୃତ୍ୟୁବରଣ କରିଥିବା ବେଳେ ବିଜେଡି ସରକାର କେଉଁଠି ଥିଲା ବୋଲି ସାଧାରଣରେ ପ୍ରଶ୍ନ ହେଉଛି।

# କୁଇ ସମାଜର ନୂତନ ସଭାଗୃହ ଉଦ୍‌ଘାଟନ



ଦଶପଲ୍ଲା,୧୦।୬(ନି.ପ୍ର): ଦଶପଲ୍ଲା ବ୍ଲକ ବାଣିଗୋଛା ପଞ୍ଚାୟତ ଅନ୍ତର୍ଗତ ଫାଲପାଜୁର ଗଜାତୋଟା ଠାରେ ସାତପଲ୍ଲୀ ଆଞ୍ଚଳିକ କୁଇ ସମାଜର ନୂତନ ସଭାଗୃହ ଶୁଭ ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବରେ ୯ ନଂ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନି, ବାଣିଗୋଛା ପଞ୍ଚାୟତର ସରପଞ୍ଚ ସସ୍ମିତା ମହାଖୁଡ଼, ସାତପଲ୍ଲୀ ଆଞ୍ଚଳିକ କୁଇ ସମାଜର ସକ୍ରିୟ ସଦସ୍ୟ ପବିତ୍ର ମାଝି, ବାଣିଗୋଛା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସଞ୍ଜିତ୍ କରଣ, ନଛିପୁର ପଞ୍ଚାୟତର ସମିତି ସଭ୍ୟ ପଦ୍ମଚରଣ ପ୍ରଧାନ, ଡିହଗାଁ ପଞ୍ଚାୟତର ସମିତି ସଭ୍ୟ ଧ୍ରୁବଚରଣ ପ୍ରଧାନ ଓ ନଛିପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ବେଣୁଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସାତପଲ୍ଲୀ ଆଞ୍ଚଳିକ କୁଇ ସମାଜର ୫୦୦ ରୁ ଉର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ।


**NOTICE**

By virtue of an affidavit sworn before Executive Magistrate, BHUBANESWAR, dated 8th June 2026 I, REHANSHI NAYAK, Address AT-NAYAKSAHI, NANDINI, PO PASARA, PS - CHAKAPAD, DIST-KANDHAMAL, ODISHA, PIN 762028 declare that I have changed my name from KALIA NAYAK to REHANSHI NAYAK. Henceforth, I shall be known as REHANSHI NAYAK for all purposes.

REHANSHI NAYAK

**NOTICE**

By virtue of an affidavit sworn before Executive Magistrate, KOTPAD, dated 06/09/2026, I, KAMALA BHUMIA, Address W/O-GAJENDRA BHUMIA, AT-S.B.NUAGAON PADARGUDA, VILLAGE-KHADAGAPUR,PO-SUNARBELLI,PS-KOTPAD, DIST-KORAPUT, STATE - ODISHA,PIN-764058, declare that I have changed my son's name from RAVINDRO BHUMIA to KARTIKA BHUMIA. Henceforth, he shall be known as KARTIKA BHUMIA for all purposes.

KAMALA BHUMIA

**AFFIDAVIT**

By virtue of an affidavit No. 71AA 254476, Dt.08.06.2026, sworn before the Executive Magistrate Dhamnagar, I, Bipin Kumar Pati, S/o-Golak Pati, Vill-Sodha, Po-Angeipal, Ps-Dhamnagar, Dist-Bhadrak, Odisha, Pin-756117 declare that I have changed my name from Bipini Kumar Pati (old name) to Bipin Kumar Pati (new name). Henceforth, I shall be known as Bipin Kumar Pati for all future purposes.

Bipin Kumar Pati
Deponent

**AFFIDAVIT**

By virtue of an affidavit No.1215, Dt-21.04.2026, sworn before the Executive Magistrate, Khordha, I, Kumudini Panda, 72yrs, W/o-Late Bhagaban Panda, Vill-Gopapuriapatapur, Po-Nalipada Arjunpur, Ps/Dist-Khordha, declared that my actual name is Kumudini Panda. But in my LIC Policy No.574549479 accouding to my Voter I. Card bearing no. OR/09/059/070508 my name has been wrongly recorded as Rama Debi. Kumudini Panda and Rama Debi being one and same person, this affdaviti is required to be produced before the concerned LIC Authority for necessary correction of my name as Kumudini Panda instead of Rama Debi.

Kumudini Panda
Deponent

**AFFIDAVIT**

By virtue of an affidavit No.960, Dt.08.06.2026, sworn before the Executive Magistrate, Delanga, I, PRASANT SWAIN, S/o-Late Laxmidhar Swain, At/Po-Khelaur, Ps-Pipili, Dist-Puri, Pin-752016 declare that I have changed the name of my minor son from PRAKASH SWAIN (old name) to PRAKASH KUMAR SWAIN (new name). Henceforth, he will be known as PRAKASH KUMAR SWAIN for all future purposes.

Prasant Swain
Deponent

**NOTICE**

I, Madhusudana Mahapatra, son of Dharanidhar Mohapatra , residing at Gurujanga, Malisahi, Khurda, and working as Store Keeper Cum Clerk in AIIMS, Bhubaneswar, Ministry of Health & Family welfare have changed my name to Madhusudan Mohapatra vide Deed no.2872 Changing Name dated 10 Jun 2026 executed before Notary Public, Khordha, Odisha. In future, I shall be known as Madhusudan Mohapatra for all purposes.

Madhusudan Mohapatra
Deponent

**AFFIDAVIT**

By virtue of an affidavit SL No.1668, Dt.09.06.2026, sworn before the Executive Magistrate, Phulbani, Kandhamal, I, Sri Draksi Kanhar, 44yrs, S/o-Late Suge Kanhar, Vill-Malla, Po-Panga, Ps-Phiringia, Dist-Kandhamal, State-Odisha, Pin-762011 declare that I have changed the name of my minor daughter from Shubhashree Kanhar (old name) to Subhadra Kanhar (new name). Henceforth, she will be known as Subhadra Kanhar for all purposes.

Draksi Kanhar
Deponent


# ଆଧୁନିକ ଯୁଗରେ ମଧ୍ୟ କମିନି ବାଉଁଶ ତଲାରୀର ଚାହିଦା

ଜଗନ୍ନାଥ ପ୍ରସାଦ,୧୦।୬(ନି.ପ୍ର): ବିଜ୍ଞାନ ଓ ପ୍ରଯୁକ୍ତିର ଦ୍ରୁତ ବିକାଶ ସହିତ କୃଷି କ୍ଷେତ୍ରରେ ଅନେକ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ବଢ଼ିଥିଲେ ମଧ୍ୟ ଚାଷୀଙ୍କ ବ୍ୟବହାର୍ଯ୍ୟ ବାଉଁଶରେ ନିର୍ମିତ ତଲାରୀର ଚାହିଦା ଆଜି ମଧ୍ୟ ଅବ୍ୟାହତ ରହିଛି। ଚାଷ କାର୍ଯ୍ୟ କରିବା ବେଳେ ଖରା ଓ ବର୍ଷାରୁ ରକ୍ଷାପାଇବା ପାଇଁ ଏହି ତଲାରୀ ଚାଷୀଙ୍କ ପାଇଁ ସୁବିଧା ହୋଇଥାଏ । ଏଣୁ ଚାଷ କାର୍ଯ୍ୟ ପୂର୍ବରୁ ଚାଷୀମାନେ ତଲାରୀ ଖୋଜିଥାନ୍ତି । ବଜରରେ ଏବେ ତଲାରୀ ବିକ୍ରି ଆରମ୍ଭ ହୋଇଗଲାଣି । କିଛି ବ୍ୟବସାୟୀ ଏହାକୁ ଗାଁ କୁ ଗାଁ ବୁଲି ବିକ୍ରିକରୁଥିବା ନଜରକୁ ଆସିଛି । ତଲାରୀ ଚାଷୀଙ୍କ ପାଇଁ ଏକ ଅପରିହାର୍ଯ୍ୟ ସାମଗ୍ରୀ ହୋଇ ରହିଛି। ଗ୍ରାମାଞ୍ଚଳର ବାଉଁଶ କାରିଗରମାନେ ପାରମ୍ପରିକ କୌଶଳ ମାଧ୍ୟମରେ ଏହି ତଲାରୀ ପ୍ରସ୍ତୁତ କରୁଛନ୍ତି। ସ୍ଥାନୀୟ ବଜାରରେ ଏହାର ଚାହିଦା ରହିଥିବାରୁ ଅନେକ ପରିବାର ଏହି କୁଟୀର ଶିଳ୍ପ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। କାରିଗରମାନଙ୍କ କହିବା ଅନୁଯାୟୀ, ଛତା, ରେଇନକୋଟ ଭଳି ବିଭିନ୍ନ ବିକଳ୍ପ ବଜାରରେ ଉପଲବ୍ଧ ଥିଲେ ମଧ୍ୟ ବାଉଁଶ ତଲାରୀର ହାଲୁକା ଓଜନ, ଦୃଢ଼ତା ଏବଂ ପରିବେଶ ଅନୁକୂଳ ଗୁଣ ଏହାକୁ ଅଧିକ ଲୋକପ୍ରିୟ କରିଛି। ଚାଷୀମାନେ ମଧ୍ୟ ତଲାରୀକୁ ନିଜ କାମ ପାଇଁ ସୁବିଧାଜନକ ବୋଲି କହିଛନ୍ତି। ପୂର୍ବରୁ ମାତ୍ର ୪୦/ ୫୦ ଟଙ୍କା ରେ ମିଳୁଥିବା ତଲାରୀର ମୂଲ୍ୟ ବଢି ଏବେ ୨୦୦ ଟଙ୍କାରେ ପଂହଁଚିଛି। ଏହି ସାମଗ୍ରୀ ଦୀର୍ଘ ଦିନ ଧରି ବ୍ୟବହାରଯୋଗ୍ୟ ହୋଇଥିବାରୁ ଏହାର ଆଦର କମିନାହିଁ। ବିଶେଷକରି ଧାନ ରୋଇବା, ତଳିପକାଇବା, ବାଛିବା ଭଳି କାର୍ଯ୍ୟ ସମୟରେ ତଲାରୀର ବ୍ୟବହାର ଅଧିକ ଦେଖିବାକୁ ମିଳୁଛି।

# ଗଞ୍ଜାମ ଏସପି ହରିଶ ବିସିଙ୍କୁ ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘରସୌଜନ୍ୟମୂଳକ ସାକ୍ଷାତ



ଭଞ୍ଜନଗର,୧୦।୬(ନି.ପ୍ର): ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘ, ଗଞ୍ଜାମ ଜିଲ୍ଲା ପକ୍ଷରୁ ଛତ୍ରପୁରସ୍ଥିତ କାର୍ଯ୍ୟାଳୟରେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ଏସପି) ହରିଶ ବିସିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।। ଏହି ଅବସରରେ ସାମ୍ବାଦିକତା, ସାମାଜିକ ସଚେତନତା, ଆଇନଶୃଙ୍ଖଳା ବ୍ୟବସ୍ଥା ଓ ଗଣମାଧ୍ୟମ-ପୋଲିସ ମଧ୍ୟରେ ସୁସମ୍ପର୍କ ସ୍ଥାପନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସଂଘର ପ୍ରତିନିଧି ଦଳ ପକ୍ଷରୁ ଏସ୍‌ପି ହରିଶ ବିସିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯିବା ସହ ତାଙ୍କର କାର୍ଯ୍ୟଦକ୍ଷତା, ଜନସାଧାରଣଙ୍କ ପ୍ରତି ସକାରାତ୍ମକ ଆଭିମୁଖ୍ୟ ଏବଂ ଜିଲ୍ଲାରେ ଶାନ୍ତି ଓ ଆଇନଶୃଙ୍ଖଳା ବଜାୟ ରଖିବା ଦିଗରେ ନେଉଥିବା ପଦକ୍ଷେପ ପାଇଁ ପ୍ରଶଂସା କରାଯାଇଥିଲା।

ଏହି ସାକ୍ଷାତକାରରେ ଓଡ଼ିଶା ଡିଜିଟାଲ ମିଡିଆ ମହାସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ମୀରାବାଇ ଦେଓ, ଗଞ୍ଜାମ ଜିଲ୍ଲା ସଭାପତି ଅମରେନ୍ଦ୍ର କୁମାର ପଟ୍ଟନାୟକ, ଉପସଭାପତି ସୁବ୍ରତ କୁମାର ଦାସ, ସମ୍ପାଦକ ବିନୋଦ କୁମାର ପଣ୍ଡା, ସହ-ସମ୍ପାଦକ ଜ୍ୟୋତିରଞ୍ଜନ ଗୌଡ଼ ଏବଂ ସଦସ୍ୟ ଲୋକନାଥ ମାହାନ୍ତି ଓ ଶେଫାଳି ପଟ୍ଟନାୟକ ଉପସ୍ଥିତ ରହିଥିଲେ। ପ୍ରତିନିଧି ଦଳ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟରତ ଡିଜିଟାଲ ମିଡିଆ ସାମ୍ବାଦିକମାନଙ୍କ ସମସ୍ୟା, ସାମ୍ବାଦିକ ସୁରକ୍ଷା, ଭୁଲ ଖବର ରୋକିବାରେ ଗଣମାଧ୍ୟମର ଭୂମିକା ଓ ସମାଜରେ ସଚେତନତା ସୃଷ୍ଟି ପାଇଁ ମିଳିତ ପ୍ରୟାସ ଉପରେ ଆଲୋଚନା କରାଯାଇଥିଲା। ଏସ୍‌ପି ଶ୍ରୀ ହରିଶ ବିସି ଗଣମାଧ୍ୟମକୁ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ମତ ପ୍ରକାଶ କରିବା ସହ ସଠିକ୍ ଓ ନିରପେକ୍ଷ ସମ୍ବାଦ ପରିବେଷଣ ମାଧ୍ୟମରେ ସମାଜରେ ସକାରାତ୍ମକ ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ କରିଥିଲେ।

ଏହି ସୌଜନ୍ୟମୂଳକ ସାକ୍ଷାତକାର ଉଭୟ ପକ୍ଷ ମଧ୍ୟରେ ପାରସ୍ପରିକ ସହଯୋଗ ଓ ସମନ୍ୱୟକୁ ଆହୁରି ସୁଦୃଢ଼ କରିବ ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ଭବିଷ୍ୟତରେ ଜନସ୍ୱାର୍ଥ ଓ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମରେ ପରସ୍ପର ସହଯୋଗ ଜାରି ରଖିବାକୁ ଉଭୟ ପକ୍ଷ ସହମତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମଟି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ଗଠନମୂଳକ ପରିବେଶରେ ସମାପ୍ତ ହୋଇଥିଲା।


ଭୂ-ଅର୍ଜନ ପ୍ରକୋଷ୍ଠ( ଜାତୀୟ ରାଜପଥ)

ତହସିଲଦାର-ତଥା-କ୍ଷମତାପର୍ଣ୍ଣ ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ-୫୩), ରିଆମାଳ

**ସର୍ବସାଧାରଣ ବିଜ୍ଞପ୍ତି**

ଜାତୀୟ ରାଜପଥ – ୫୩ (Budido to Reamal Bye pass Road) ନିର୍ମାଣ ସକାଶେ ଅଧିଗ୍ରହଣ ହୋଇଥିବା ଜମିର କ୍ଷତିପୂରଣ ରାଶି ପାଇବା ନିମନ୍ତେ ଜମି ମାଲିକ ଅଗ୍ରାହ୍ୟ କରିଥିବା ନିମନ୍ତେ ।

ଏତଦ୍ୱାରା ଜାତୀୟ ରାଜପଥ ୫୩ (Budido to Reamal Bye pass Road)ନିର୍ମାଣ ସକାଶେ ଅଧିଗ୍ରହଣ ହୋଇଥିବା ଜମିର କ୍ଷତିପୂରଣ ରାଶି ପାଇବା ନିମନ୍ତେ ଜମି ମାଲିକ/ଅଗ୍ରାହ୍ୟ ବ୍ୟକ୍ତିଙ୍କୁ ସୂଚିତ କରାଯାଉଅଛି ଯେ, ଜାତୀୟ ରାଜପଥ– ୫୩ (Budido to Reamal Bye pass Road) ନିର୍ମାଣ ପାଇଁ ଅଗ୍ରହଣ ହୋଇଥିବା ଜମି ଜାତୀୟ ରାଜପଥ ୧୯୫୬ ର ଧାରା ୩ (ଜି) ଅଧିନିୟମ ପ୍ରକାରେ କ୍ଷତିପୂରଣ ରାଶି ଆକଳନ କରାଯାଇ ଜାତୀୟ ରାଜପଥ ଅଧିକାରୀଙ୍କ ଅନୁମୋଦନ କରାଯାଇ କ୍ଷତିପୂରଣ ରାଶି ଅଧିକୃତ ଜମିର ମାଲିକ/ ଉତ୍ତରାଧିକାରୀ କ୍ରୟଲଭିଥିବା ବ୍ୟକ୍ତି ଅଗ୍ରାହ୍ୟବ୍ୟକ୍ତିଙ୍କୁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଉଅଛି ।

ଏଣୁ ଉକ୍ତ ଜମିର ମାଲିକ /ଉତ୍ତରାଧିକାରୀ /କ୍ରୟଲଭିଥିବା ବ୍ୟକ୍ତି / ଅଗ୍ରାହ୍ୟ ବ୍ୟକ୍ତି ଯଦି ସେମାନଙ୍କର ଜମି କ୍ଷତିପୂରଣ ରାଶି ସଂଗ୍ରହ କରିନାହାନ୍ତି (ସବିଶେଷ ନିମ୍ନରେ ଉଲ୍ଲେଖ କାରାଯାଇଛି), ୧୫ ଦିନ ମଧ୍ୟରେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ କ୍ଷତିପୂରଣ ରାଶି ଗ୍ରହଣ ନିମନ୍ତେ ଆବଶ୍ୟକ କାଗଜାତ ସହିତ ହାଜିର ହେବେ। ନଚେତ ଭୂ-ଅର୍ଜନ କ୍ଷମତାପ୍ରାପ୍ତ ପ୍ରାଧିକାରୀ ଜାତୀୟ ରାଜପଥ ଆଇନ ୧୯୫୬ ୟୁ/ଏସ୍ ୩(ଏଚ୍)(୪) ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବେ। ଧାର୍ଯ୍ୟ ସମୟ ସୀମା ପରବର୍ତ୍ତୀ କୌଣସି ଅଭିଯୋଗ ଗ୍ରହଣ ଯୋଗ୍ୟ ନୁହେଁ।

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ / ସର୍ଭେ ନଂ | ପ୍ରଜାଙ୍କ ନାମ | ପାଇବାକୁଥିବା ଅଧିକୃତ ରାଶି |
|---|---|---|---|---|
| ୦୧ | ୧୭୭ | ୧୫୪ | ମାର୍କଣ୍ଡ ଦେବ, ମଦନ ମୋହନ ଦେବ, ପି – ଜୟନାରାୟଣ ଦେବ, ମୌଜା-ବୁଡିଦୋ, PS- ରିଆମାଳ, ଜିଲ୍ଲା- ଦେବଗଡ, ଜା- କ୍ଷତ୍ରିୟ | ଟ. ୬୩,୧୬୮.୦୦ |
| ୦୨ | ୧୮୨ | ୧୦୬୮ | ମିଲୁଚରଣ ବେହେରା, ,ସମାରୁ ବେହେରା, ପି-ତୀର୍ଥ ବେହେରା,ମୌଜା-ବୁଡିଦୋ,PS-ରିଆମାଳ,ଜିଲ୍ଲା- ଦେବଗଡ, ଜା- ଚଷା | ଟ. ୮୪,୬୮୦ .୦୦ |
| ୦୩ | ୧୩୨ | ୧୧୬ | ବନ୍ଧୁରାମ ପ୍ରଧାନ , ମଧୁରାମ ପ୍ରଧାନ, ପି- ଶ୍ରୀ ଚନ୍ଦ୍ର ପ୍ରଧାନ ମୌଜା-ବୁଡିଦୋ, PS-ରିଆମାଳ, ଜିଲ୍ଲା- ଦେବଗଡ, ଜା- ଚଷା | ଟ. ୯,୬୪,୫୬୩.୦୦ |
| ୦୪ | ୨୨୬ | ୭୯ | ଶୁକଦେବ ପ୍ରଧାନ, ପି- ଅଇଁଠୁ ପ୍ରଧାନ, ମୌଜା-ବୁଡିଦୋ, PS-ରିଆମାଳ, ଜିଲ୍ଲା- ଦେବଗଡ, ଜା- ଚଷା | ଟ. ୪୬,୨୪୬ .୦୦ |
| ୦୫ | ୧୮୧ | ୧୭୨୪ | ଭଗବାନ ସାହୁ, ଅର୍ଜୁନ ସାହୁ, ମୁରଲୀ ସାହୁ, ରାମଚନ୍ଦ୍ର ସାହୁ , ପି- ବାଙ୍କୁରୁ ସାହୁ, ମୌଜା-ରିଆମାଳ,PS-ରିଆମାଳ, ଜିଲ୍ଲା- ଦେବଗଡ, ଜା- ଚଷା | ଟ. ୨,୬୨,୫୬୦ .୦୦ |
| ୦୬ | ୧୮୫ | ୨୮୦୭ | ଭୀମସେନ ସାହୁ , ପି- ଲେଣ୍ଡି ସାହୁ, ମୌଜା-ରିଆମାଳ, PS-ରିଆମାଳ, ଜିଲ୍ଲା- ଦେବଗଡ, ଜା- ଚଷା | ଟ. ୧୧,୫୬,୩୨୦ .୦୦ |
| ୦୭ | ୨୬୫ | ୨୮୨୪ | ସୁଗ୍ରୀ ପ୍ରଧାନ,ବିଜୁଳି ପ୍ରଧାନ, ସମାରୁ ପ୍ରଧାନ, ପି- ଶୀର ପ୍ରଧାନ, ମୌଜା-ରିଆମାଳ,PS-ରିଆମାଳ, ଜିଲ୍ଲା- ଦେବଗଡ, ଜା- ଚଷା | ଟ. ୧୦,୨୯,୩୦୦.୦୦ |
| ୦୮ | ୨୫୮ | ୧୭୯୮ | ଶିବ ସାହୁ, ପି- ଫକିର ସାହୁ, ମୌଜା-ରିଆମାଳ, PS-ରିଆମାଳ, ଜିଲ୍ଲା- ଦେବଗଡ, ଜା- ଚଷା | ଟ. ୧,୦୦,୨୧୪ .୦୦ |
| ୦୯ | ୧୨୦ | ୫୪୪ | ସରୋଜିନୀ ବେହେରା, ସ୍ୱା- ସହଦେବ ବେହେରା , ମୌଜା-ଧରମପୁର, PS-ରିଆମାଳ, ଜିଲ୍ଲା- ଦେବଗଡ, ଜା- ଚଷା | ଟ. ୧୧,୦୮,୯୯୦ .୦୦ |

ତହସିଲଦାର ତଥା କ୍ଷମତାପୂର୍ଣ୍ଣ
ଭୂ-ଅର୍ଜନ ଅଧିକାରୀ, ରିଆମାଳ

CAPTION NO. 24001/213/2627

# ଟିପିଗୁଡା ମଣ୍ଡିକୁ ଆସୁନି ଗାଡି: ପଡି ରହିଛି ୧୨୩୩୦ ବସ୍ତା ଧାନ



ଧର୍ମଗଡ଼,୧୦।୬(ନି.ପ୍ର): ଧର୍ମଗଡ଼ ବ୍ଲକ ଟିପିଗୁଡା ମଣ୍ଡିରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଧାନ ଉଠାଇବା ଦାୟିତ୍ୱରେ ଥିବା ୩ ଟି ମିଲର୍ସ ମାଁ ଜଗଦମ୍ବା, ଆର. କେ ଆଗ୍ରୋ ଓ ବାସୁଦେବ ମିଲର୍ସଙ୍କ ଗାଡି ଠିକ ସମୟରେ ଆସୁ ନଥିବାରୁ ଚାଷୀଙ୍କ ଧାନ ଉଠାଣ ହୋଇନପାରି ମଣ୍ଡିରେ ପଡ଼ିରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସୂଚନା ଅନୁସାରେ ଟିପିଗୁଡା ମଣ୍ଡିରେ ୧୧୨ ଜଣ ଚାଷୀଙ୍କ ୧୨୩୩୦ ବସ୍ତା ଧାନ ଉଠାଣ ନହୋଇ ପଡ଼ିରହିଛି। ଧାନ ବସ୍ତା ରଖିବା ପାଇଁ ଆବଶ୍ୟକ ସ୍ଥାନ ନଥିବାରୁ କିଛି ଧାନକୁ ମଣ୍ଡି ଫଡରେ ରଖାଯାଇଥିବାବେଳେ କିଛିଧାନକୁ ଅସୁରକ୍ଷିତ ଭାବେ ଫଡ ବାହାରେ ଜରିପାଳ ଘୋଡେଇ ରଖାଯାଇଥିବା ଦେଖିବାକୁ ମିଳିଛି । ଗୋଟିଏ ପଟେ ମିଲର୍ସଙ୍କ ଗାଡିକୁ ଚାଷୀ ଚାତକ ଭଳି ଅନାଇ ବସିଥିବାବେଳେ ଅନ୍ୟପଟେ ବର୍ଷାହେଲେ ଧାନକୁ କିଭଳି ସୁରକ୍ଷା କରିବ ସେନେଇ ଚିନ୍ତା ଘାରିଛି । ଗାଡି ଆସୁନଥିବାରୁ କେବଳ ଚାଷୀମାନେ ନିଜ ଧାନକୁ ଜଗି ବସିଥିବାବେଳେ ଦାୟିତ୍ୱରେ ଥିବା ଗୋପବନ୍ଧୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମାଁ ମାନେ ତଥା କମ୍ପୁଟର ପରିଚାଳକ ମଧ ଅନେକ ସମୟରେ ଅନୁପସ୍ଥିତ ରହୁଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥଳେ ଚାଷୀ ନିଜକଷ୍ଟ ଉପାର୍ଜିତ ଧାନକୁ କିଭଳି ବିକ୍ରି କରିବ ସେନେଇ ଚିନ୍ତିତ ଥିବାବେଳେ ବିଭାଗୀୟ ଅଧିକାରୀ ତଥା ଧର୍ମଗଡ଼ ଉପଜିଲ୍ଲାପାଳ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଏ ସି ଏସ ଓ ଧର୍ମଗଡ଼ ରାଜାରାମ ହୋତାଙ୍କୁ ପଚାରିବାରୁ ଆଗାମୀ ଦିନରେ ଆମେ ଏ ମଣ୍ଡିପାଇଁ ମିଲର୍ସ ସଂଖ୍ୟା ବାଇବାକୁ ଯାଉଛୁ ମଣ୍ଡିରେ ଥିବା ସବୁଧାନ ଉଠାଣ ହେବ ବୋଲି ପ୍ରକାଶ କରିଥିଲେ ।

## ମାର୍ଶାଘାଇ ମାର୍କେଟ୍ କମ୍ପ୍ଲେକ୍ସ ଆନ୍ଦୋଳନର ସଫଳତା

# ଦାବି ମାନିଲା ପ୍ରଶାସନ, ଅନଶନ ପ୍ରତ୍ୟାହାର କଲେ ତନୁଜ କୁମାର ଜେନା




କେନ୍ଦ୍ରାପଡା,୧୦।୬(ନି.ପ୍ର): ମାର୍ଶାଘାଇ ମାର୍କେଟ୍ କମ୍ପ୍ଲେକ୍ସରେ ରୁମ୍ ଆବଣ୍ଟନକୁ ନେଇ ଚାଲିଥିବା ଦୁଇଦିନିଆ ଆନ୍ଦୋଳନ ଓ ଅନଶନ ଆଜି ଦାବି ମାନିଲା ପ୍ରଶାସନ, ଅନଶନ ପ୍ରତ୍ୟାହାର କଲେ ତନୁଜ କୁମାର ଜେନା। ଦୀର୍ଘଦିନ ଧରି ନିଜର ନ୍ୟାୟସଙ୍ଗତ ଦାବି ନେଇ ସଂଗ୍ରାମ କରୁଥିବା ତନୁଜ କୁମାର ଜେନାଙ୍କୁ ଏକ ରୁମ୍ ଆବଣ୍ଟନ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେବା ପରେ ସେ ତାଙ୍କର ଅନିର୍ଦ୍ଧିଷ୍ଟକାଳୀନ ଅନଶନ ଓ ଧାରଣା ପ୍ରତ୍ୟାହାର କରିଛନ୍ତି। ଆଜି କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଡେପୁଟି କଲେକ୍ଟର ଏବଂ ମାର୍ଶାଘାଇ ବିଡିଓଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ହୋଇଥିଲା। ଆଲୋଚନା ପରେ ତନୁଜ କୁମାର ଜେନାଙ୍କ ଦାବିକୁ ବିଚାର କରି ତାଙ୍କୁ ଏକ ରୁମ୍ ଆବଣ୍ଟନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତନୁଜ କୁମାର ଜେନା ଦୀର୍ଘଦିନ ଧରି ମାର୍ଶାଘାଇ ମାର୍କେଟ୍ କମ୍ପ୍ଲେକ୍ସର ନିଲାମ ଓ ରୁମ୍ ଆବଣ୍ଟନ ପ୍ରକ୍ରିୟାରେ ହୋଇଥିବା କଥିତ ଅନିୟମିତତା, ପକ୍ଷପାତିତା ଏବଂ ପ୍ରକୃତ ଦାବିଦାରଙ୍କୁ ବଞ୍ଚିତ କରାଯାଇଥିବା ବିରୋଧରେ ଆନ୍ଦୋଳନ କରୁଥିଲେ। ଏହି ପ୍ରସଙ୍ଗରେ ସେ ପୂର୍ବରୁ ବିଭିନ୍ନ ପ୍ରଶାସନିକ ସ୍ତରରେ ଅଭିଯୋଗ କରିଥିଲେ ଏବଂ ଶେଷରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଅନଶନ ଆରମ୍ଭ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଆନ୍ଦୋଳନରେ ବହୁ ସଂଖ୍ୟକ ମହିଳା, ଗ୍ରାମବାସୀ, କ୍ଷୁଦ୍ର ବ୍ୟବସାୟୀ ଏବଂ ବିଭିନ୍ନ ସାମାଜିକ ଓ ଜନସଙ୍ଗଠନର କର୍ମକର୍ତ୍ତାମାନେ ସାମିଲ ହୋଇ ସମର୍ଥନ ଜଣାଇଥିଲେ। ଆନ୍ଦୋଳନ ଦ୍ୱିତୀୟ ଦିନରେ ମଧ୍ୟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିଲା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନ ଓ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। ତେବେ ଦ୍ୱିତୀୟ ଦିନ ଅପରାହ୍ନ ପ୍ରାୟ ୨ଟା ସମୟରେ ପ୍ରଶାସନ ସହ ହୋଇଥିବା ଆଲୋଚନା ସଫଳ ହେବା ପରେ ଆନ୍ଦୋଳନର ସକାରାତ୍ମକ ସମାଧାନ ହୋଇଥିଲା। ଏହି ଅନଶନ ଓ ଧାରଣା କାର୍ଯ୍ୟକ୍ରମରେ ଆମ୍ବେଦକର ସେବକ ସଂଘର ରାଜ୍ୟ ସଭାପତି ମନୋରଞ୍ଜନ ଜେନା, ରାଜ୍ୟ ମହିଳା ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ଆଇନଜୀବୀ ଅପୂର୍ବ ରଞ୍ଜନ ସେଠୀ, ଆମ୍ବେଦକର-ଲୋହିଆ ବିଚାର ମଞ୍ଚର ଜିଲ୍ଲା ସାଧାରଣ ସମ୍ପାଦକ ଦଶରଥ ମଲ୍ଲିକ, ପଟାମୁଣ୍ଡାଇ ଦଳିତ ସଂଘ ସଭାପତି କଳ୍ପତରୁ ମଲ୍ଲିକ, ସଂଯୋଜକ ଦିଲ୍ଲୀପ ମଲ୍ଲିକ, ଈଶ୍ୱର ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ମାର୍ଶାଘାଇ ସଭାପତି ସୁରେନ୍ଦ୍ର ମଲ୍ଲିକ ଏବଂ ଅନ୍ୟାନ୍ୟ ସାମାଜିକ କର୍ମୀ ଯୋଗଦେଇ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ପ୍ରଶାସନର ଏହି ସକାରାତ୍ମକ ପଦକ୍ଷେପ ପରେ ତନୁଜ କୁମାର ଜେନା ଓ ତାଙ୍କ ସମର୍ଥକମାନେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ମାର୍ଶାଘାଇ ବିଡିଓ ଏବଂ ସମଗ୍ର ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି। ସେମାନଙ୍କ କହିବା ଅନୁସାରେ, ଏହା କେବଳ ଜଣେ ବ୍ୟକ୍ତିଙ୍କ ଦାବିର ବିଜୟ ନୁହେଁ, ବରଂ ନ୍ୟାୟ, ସମାନ ଅଧିକାର ଏବଂ ଗଣତାନ୍ତ୍ରିକ ଆନ୍ଦୋଳନର ଏକ ଉଲ୍ଲେଖନୀୟ ସଫଳତା। ସାଧାରଣ ଲୋକଙ୍କ ଏକତା ଓ ସଂଗଠିତ ସଂଗ୍ରାମ ଆଗରେ ଶେଷରେ ପ୍ରଶାସନ ସକାରାତ୍ମକ ନିଷ୍ପତ୍ତି ନେବାକୁ ବାଧ ହୋଇଥିବା ସେମାନେ ମତ ପ୍ରକାଶ କରିଛନ୍ତି।

# ସଡ଼କ ଦୁର୍ଘଟଣା ଯୁବକ ମୃତ



ବୋଲଗଡ,୧୦।୬(ନି.ପ୍ର): ବୋଲଗଡ ଜାତୀୟ ରାଜପଥ ୫୭ର ଓଭର ବ୍ରିଜ ଉପରେ ଗତ ବିଳମ୍ବିତ ରାତ୍ରିରେ ଏକ ଅଜଣା ଗାଡି ଧକ୍କା ରେ ଜୀବନ କୁମାର ସାହୁ ନାମକ ଜଣେ ଯୁବକ ଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଜୀବନ ବୋଲଗଡରୁ କାମସାରି ଏକ ଲୁନା ମୋପେଡରେ ନିଜ ଗ୍ରାମ ମାଣିକାଗୋଡ଼ା ରାମଚନ୍ଦ୍ରପୁର ପାଟଣାକୁ ଫେରୁଥିଲେ। ଓଭରବ୍ରିଜ ଉପରେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଯୁବକର ମୃତ୍ୟୁ ଘଟିଥିଲା। ଏନେଇ ମୃତକ ର ଭାଇ ମହେଶ୍ୱର ସାହୁ ବୋଲଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତ ଯୁବକର ଶବ ଜବତ କରି ବ୍ୟବଚ୍ଛେଦ ନିମିତ୍ତ ଖୋର୍ଦ୍ଧା ପଠାଇଦେଇଛନ୍ତ। ଏନେଇ ଅଧିକ ତଦନ୍ତ ଜାରି ରହିଛି ଓ ଦୁର୍ଘଟଣାକାରୀ ଗାଡିକୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଥିବା ଥାନା ଅଧିକାରୀ ସୁକାନ୍ତ ଦଳେଇ ସୂଚନା ଦେଇଛନ୍ତି।

# କଳିଙ୍ଗା ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ



ଜି.ଉଦୟଗିରି,୧୦।୬(ନି.ପ୍ର): ଜି.ଉଦୟଗିରି ବ୍ଲକ ଅଧିନସ୍ଥ କଳିଙ୍ଗା ସ୍ଥିତ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହା ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷା ଭାବେ ଡ଼ଃ ନିବେଦିତା କର ଗତ ସୋମବାର ଜୁନ ମାସ ୮ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଡ଼ଃ ଦୀପକ କୁମାର ମହାନ୍ତିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀମତୀ କର ଏହା ପୂର୍ବରୁ ବ୍ରହ୍ମପୁର ସ୍ଥିତ D.P.I.A.S.E.ଶିକ୍ଷାନୁଷ୍ଠାନରେ ଆସିଷ୍ଟାଣ୍ଟ ପ୍ରଫେ ସର, ଉଦ୍ଭିଦ ବିଜ୍ଞାନ ବିଭାଗରେ ଶିକ୍ଷାଦାନ କରି ଆସୁ ଥିଲେ । ଶିକ୍ଷାନୁଷ୍ଠାନ ଭଳି ଏକ ପବିତ୍ର ଶିକ୍ଷା ମନ୍ଦିରରେରେ ଶିକ୍ଷକ ଏବଂ ଛାତ୍ର ଛାତ୍ରୀ ପରସ୍ପର ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱତେଣୁ, ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ରହିଲେ ଏକ ଉନ୍ନତମାନର ଶିକ୍ଷାନୁଷ୍ଠାନ ଭାବେ କଳିଙ୍ଗା ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ ନିଜର ପରିଚୟ ସୃଷ୍ଟି କରି ପାରିବ ବୋଲି ନିଜ ମତ ରଖିଛନ୍ତି ଅଧ୍ୟକ୍ଷା ଶ୍ରୀମତୀ କର ମହୋଦୟା ।

# ନିବେଦିତା ରଥଙ୍କୁ ଆମେରିକାର ୱାଶିଂଟନ୍ ଡିଜିଟାଲ୍ ୟୁନିଭରସିଟି ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ



ସୁବର୍ଣ୍ଣପୁର,୧୦।୬(ନି.ପ୍ର): ଓଡ଼ିଶାର ସୁବର୍ଣ୍ଣପୁର ଜିଲ୍ଲାର ପ୍ରତିଭାସମ୍ପନ୍ନ ଯୁବତୀ ନିବେଦିତା ରଥ ସାମାଜିକ, ପ୍ରଶାସନିକ ଓ ଆନ୍ତର୍ଜାତିକ କ୍ଷେତ୍ରରେ ନିଜର ଅସାଧାରଣ କାର୍ଯ୍ୟଦକ୍ଷତା ପାଇଁ ପୁଣି ଏକ ବଡ଼ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି । ମାତ୍ର ମାସକ ମଧ୍ୟରେ ରାଜ୍ୟ ସ୍ତରରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତିକସ୍ତର ପର୍ଯ୍ୟନ୍ତ ନିଜର ବିଜୟ ଯାତ୍ରା ଜାରି ରଖି ସେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ଆଜି ନୂଆଦିଲ୍ଲୀ ସ୍ଥିତ ପଞ୍ଚତାରକା ହୋଟେଲ 'ହୋଲିଡେ ଇନ୍' ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାର ପ୍ରତିଷ୍ଠିତ ୱାଶିଂଟନ୍ ଡିଜିଟାଲ୍ ୟୁନିଭରସିଟି ପକ୍ଷରୁ ତାଙ୍କୁ ସମ୍ମାନସୂଚକ 'ଡକ୍ଟରେଟ୍' ଉପାଧି ଏବଂ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି । ବିଶେଷ କଥା ହେଉଛି, ମାତ୍ର ୩୧ ବର୍ଷ ବୟସରେ ଏଭଳି ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ହାସଲ କରିବାରେ ସେ ଭାରତ ବର୍ଷରେ ପ୍ରଥମ ଓଡ଼ିଆ ଯୁବତୀ ହେବାର ଗୌରବ ଅର୍ଜନ କରିଛନ୍ତି । ଏହାସହ ନିବେଦିତାଙ୍କ ଜୀବନରେ ଏହା ହେଉଛି ତୃତୀୟ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ସ୍ତରର ବରିଷ୍ଠ ଅତିଥିମାନଙ୍କ ଗହଣରେ ତାଙ୍କୁ ଏହି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ସାମାଜିକ ଓ ପ୍ରଶାସନିକ ସେବା ସହିତ ନ୍ୟାୟିକ (ଲ') କ୍ଷେତ୍ରରେ ମଧ ନିବେଦିତାଙ୍କ ଅତୁଳନୀୟ ଅବଦାନ ଓ ସେବାକୁ ଏହି ଅବସରରେ ଉଚ୍ଚ ପ୍ରଶଂସା କରାଯାଇଛି । ତାଙ୍କର ଏହି ଅସାଧାରଣ କୃତି ଓ ପ୍ରତିଭାକୁ ଦେଖି ଆମେରିକାର ଏକାଧିକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ଉଚ୍ଚ ପଦବୀରେ ଚାକିରି କରିବା ପାଇଁ ମଧ ଆମନ୍ତ୍ରଣ ମିଳିଛି, ଯାହା ସମଗ୍ର ଓଡ଼ିଶା ତଥା ଦେଶ ପାଇଁ ଏକ ବଡ଼ ଗର୍ବର ବିଷୟ । ଏହି ସଫଳତା ପାଇଁ ନିବେଦିତା ରଥଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି ।

# ସରକାର ଉଦାସୀନ, ଫକୀରମୋହନ ନଗରବାସୀ ରାସ୍ତା କାମ କଲେ



ବାଲେଶ୍ୱର,୧୦।୬(ନି.ପ୍ର): ରାସ୍ତା ମରାମତି ପାଇଁ ବାରମ୍ବାର ନିବେଦନ କଲେ। ପ୍ରଶାସନକୁ ମଧ ଦାବିପତ୍ର ଦେଲେ। ହେଲେ ବାରମ୍ବାର ନିବେଦନ କରି ନିରାଶ ହେବା ପରେ ଏବେ ଲୋକେ ନିଜେ ରାସ୍ତା ମରାମତି କରିଛନ୍ତି। ଯାହା ଲୋକଙ୍କ ଏକତାକୁ ପ୍ରକାଶ କରୁଥିବା ବେଳେ ପ୍ରଶାସନିକ ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନ ମଧ ଛିଡ଼ା କରିଛି। ବାଲେଶ୍ୱର ସହରକୁ ଲାଗି ଫକୀରମୋହନ ନଗରରେ ଏହି ଦୃଶ୍ୟ ଆଜି ଦେଖିବାକୁ ମିଳିଛି। ବର୍ଷାକୁ ଦୃଷ୍ଟିରେ ରଖି ଶେଷରେ ନିଜ ରାସ୍ତା ଅଞ୍ଚଳବାସୀ ନିଜେ ମରାମତି କରିଛନ୍ତି। ସରକାର ଓ ପ୍ରଶାସନ ଦୃଷ୍ଟିର ଆଢୁଆଳରେ ରହିଯାଇଛି ବାଲେଶ୍ୱର ସହର ସହ ଲାଗିକି ରହିଥିବା ରେମୁଣା ବ୍ଲକ ଅନ୍ତର୍ଗତ କରଞ୍ଜିଆ ପଞ୍ଚାୟତର ଏହି ଫକୀରମୋହନ ନଗର। ୧୦୦୦ରୁ ଅଧିକ ପରିବାର ରହୁଥିବା ଏହି ଅଞ୍ଚଳରେ ଥିବା ରାସ୍ତାଗୁଡ଼ିକର ଅବସ୍ଥା ଅନେକ ବର୍ଷରୁ ଶୋଚନୀୟ ଅବସ୍ଥାରେ ରହିଛି। ସବୁଦିନ ଏହି ରାସ୍ତାରେ ହଜାର ହଜାର ଲୋକ ଯାତାୟତ କରୁଛନ୍ତି। କିନ୍ତୁ ଫକୀରମୋହନ ନଗରର ବିଭିନ୍ନ କଲୋନି ରାସ୍ତାର ଅବସ୍ଥା ମଧ ଶୋଚନୀୟ ଅବସ୍ଥାରେ ରହିଛି। କେବଳ କଲୋନିଗୁଡ଼ିକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଖରାପ ନାହିଁ, ମୁଖ୍ୟ ରାସ୍ତାର ଅବସ୍ଥା ମଧ ଯାତାୟାତ ଯୋଗ୍ୟ ହୋଇ ରହି ନାହିଁ। ଫକୀରମୋହନ ନଗରବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ ରାସ୍ତା ମରାମତି କରାଗଲା ନାହିଁ। ଆଗାମୀ ବର୍ଷାକୁ ଦୃଷ୍ଟିରେ ରଖି ଆଜି ଅଞ୍ଚଳବାସୀ ମିଶି ନିଜେ ରାସ୍ତା ମରାମତି କରିଛନ୍ତି। ତେବେ ତୁରନ୍ତ ସମ୍ପୂର୍ଣ୍ଣ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରଶାସନର ପ୍ରତିକ୍ରିୟା ମିଳିପାରିନଥିବା ବେଳେ ଉକ୍ତ ଅଞ୍ଚଳର ବରିଷ୍ଠ ନାଗରିକ ସୁନୀତା ଜେନା ଏ ସମ୍ପର୍କରେ ନିଜର ପ୍ରତିକ୍ରିୟା ରଖି କହନ୍ତି, ବୟସ ହେଲାଣି। ହସ୍ପିଟାଲ ଯିବାକୁ ହେଲେ ଘର ଯାଏଁ ଗାଡି ଆସେନି। ଷ୍ଟ୍ରେଚରରେ ବୋହି ନେବାକୁ ପଡେ। ମୁଁ ଭାବିଥିଲି ମରିବା ଆଗରୁ ଭଲ ରାସ୍ତାଟିଏ ଦେଖିବି। ରାସ୍ତାର ଦୂରବସ୍ଥା ବିଷୟରେ ସ୍ଥାନୀୟ ବିଧାୟକଠୁ ଆରମ୍ଭ କରି ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ କରାନଯିବାର ଅସନ୍ତୋଷ ବ୍ୟକ୍ତ କରନ୍ତି ଜନୈକ ବ୍ୟବସାୟୀ ରମେଶ ଚନ୍ଦ୍ର ସାହୁ, ପଞ୍ଚାୟତରୁ ବ୍ଲକ, ବ୍ଲକରୁ ବିଧାୟକ – ସମସ୍ତଙ୍କୁ କହିଲୁ। କେବଳ ପ୍ରତିଶ୍ରୁତି ମିଳେ, କାମ ହୁଏନି। ବର୍ଷା ଦିନେ ପିଲାଙ୍କୁ ସ୍କୁଲ ପଠାଇବା କଷ୍ଟ। ଆମ୍ବୁଲାନ୍ସ ଆସିପାରେନି। ବାଧ ହୋଇ ଆମେ ନିଜେ ମାଟି ପକାଉଛୁ।

# ଆଜବେଷ୍ଟସ୍ ଉଡ଼ିଲା ବର୍ତ୍ତିଗଲେ ପରିବାର ଲୋକେ

ଡୁଙ୍ଗୁରିପାଲି,୧୦।୬(ନି.ପ୍ର): ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଦ ପଂଚାୟତ ଅନ୍ତର୍ଗତ କାଇସକନ୍ଦା ଗ୍ରାମରେ ସୁରେଶ ମହନନ୍ଦ ତାଙ୍କର ପରିବାର ସହିତ ଘରେ ସୋଇଥିବା ବେଳେ ରାତ୍ର ତିନଟା ସମୟ ରେ ହଟାତ ଜୋରରେ ପବନ ବର୍ଷା ହେବାରୁ ଘର ର ଅରବେଷ୍ଟ ଉଡି ଯାଇ ଥିଲା। ଅଳ୍ପକେ ବର୍ତ୍ତୀ ଗଲେ ଗୋଟିଏ ପରିବାର ଘରେ ଥିବା ଖାଇବା ସାମଗ୍ରୀ



ସବୁ ନଷ୍ଟ ହୋଇ ଯାଇଥିଲା ସୁରେଶ ମହନନ୍ଦ ପରିବାର ଗରିବ ଶ୍ରେଣୀର ହୋଇଥିବା ରୁ ତାଙ୍କୁ ସରକାର ତୁରନ୍ତ ଯାଇ ସାହାଯ୍ୟ କରିବା ପାଇଁ ଦାବି ହେଉଛି।

# ଚଳନ୍ତା ଟ୍ରାକ୍ଟରରୁ ଖସିପଡ଼ି ନାବାଳକର ମୃତ୍ୟୁ



ଦାରିଙ୍ଗବାଡି,୧୦।୬(ନି.ପ୍ର): କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା, ବୁଧବାର ଦିନ ଗୋଟିଏ ଚଳନ୍ତା ଟ୍ରାକ୍ଟରରୁ ଖସି ପଡ଼ି ଜଣେ ନାବାଳକର ମୃତ୍ୟୁ ଘଟଣା ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି। ମୃତ ନାବାଳକ ଜଣକ ହେଲେ ବ୍ରାହ୍ମଣୀଗାଁ ଥାନା ତାଯୁଙ୍ଗିଆ ପଞ୍ଚାୟତ ର ପଦା ସାହି ନିବାସୀ ଅକ୍ଷୟ କୁମାର ମଲ୍ଲିକ ଙ୍କ ପୁଅ ଗ୍ରେସ କୁମାର୍ ମଲ୍ଲିକ (୧୫) । ପ୍ରାପ୍ତ ସୂଚନା ଅନୁଯାୟୀ ଗ୍ରେସ ରତୁଙ୍ଗିଆ ହାଇସ୍କୁଲରେ ପାଠ ପଢୁ ଥିଲେ, ସେ ୯ମ ଶ୍ରେଣୀ ପାସ୍ କରି ୧୦ମ ଶ୍ରେଣୀରେ ଜଇନ କରିଥିଲେ, ଖରାଛୁଟି କଟାଇବା ପାଇଁ ଘାରକୁ ଆସିଥିଲେ, ବୁଧବାର ଦିନ ବଡିଭୋର୍‌ରୁ ବାପା ବିଲରେ ହଳ କରିବାକୁ ଯାଇ ଥିବା ବେଳେ, ମା ଘର କାମରେ ବ୍ୟସ୍ତ ଥିଲେ, ସକାଳୁ ନିଜ ନିତ୍ୟ କର୍ମ ସାରି ଗ୍ରେସ୍ ଗାଁ ମୁଣ୍ଡରେ ବୁଲାବୁଲି କରୁଥିବା ବେଳେ ତାଯୁଙ୍ଗିଆରୁ ଏକ ଟ୍ରାକ୍ଟର ମହାଗୁଡ଼ି ଅଭିମୁଖେ ଯାଉଥିବା ଦେଖି ସେହି ଟ୍ରାକ୍ଟର ରେ ଚଢ଼ି ଯାଇଥିଲେ, ହେଲେ କିଛି ବାଟ ଆସିବା ପରେ ମହାଗୁଡ଼ି ପହଞ୍ଚିବା ପୂର୍ବରୁ ଟୁଙ୍ଗୁଡୁମହା ସାହି ନିକଟ ରେ ଥିବା ହମ୍ପସ ରେ ଗାଡ଼ି ବ୍ରେକ ମାରିବାରୁ ସେ ଟ୍ରାକ୍ଟରରୁ ଛିଟିକି ପଡ଼ି ଯାଇ ଥିଲେ, ରକ୍ତ ଜୁଡୁବୁଡୁ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବ୍ରାହ୍ମଣୀଗାଁ ମେଡିକାଲ୍ ରେ ଭର୍ତ୍ତି କରାଯାଇ ଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ବ୍ରାହ୍ମଣୀଗାଁ ଥାନା ଉପ ଆରକ୍ଷୀ ଅଧିକାରୀ ଭୋଳାନାଥ ପଣ୍ଡା ମେଡିକାଲ ରେ ଉକ୍ତ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ବେଳେ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ବିଜେପି ଯୁବ ମୋର୍ଚ୍ଚା ଉତ୍ତର ବାଲେଶ୍ୱର ଜିଲ୍ଲା କମିଟି ଘୋଷିତ

ଜଳେଶ୍ୱର,୧୦।୬(ନି.ପ୍ର): ଭାରତୀୟ ଜନତା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଓ ଭାରତୀୟ ଜନତା ପାର୍ଟି ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ,ଡ. ପ୍ରଦୀପ କୁମାର ପଣ୍ଡାଙ୍କ ଅନୁମୋଦନ କ୍ରମେ ଯୁବମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ ବିଜେପି ଯୁବମୋର୍ଚ୍ଚା ଟିମ୍ ଘୋଷଣା କରିଛନ୍ତି । ୧୨ଜଣ ଜିଲ୍ଲା ପଦାଧିକରୀ,୧୪ ଜଣ କାର୍ଯ୍ୟକାରିଣୀ ସଦସ୍ୟ,୧୯ ଜଣ ଯୁବମୋର୍ଚ୍ଚା ମଣ୍ଡଳ ସଭାପତି ଓ ୧୦ଜଣଙ୍କୁ ଜିଲ୍ଲା ପଦାଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରିଛନ୍ତି । ମନମୋହନ ଆଚାର୍ଯ୍ୟ, ବିପ୍ଳବ ପ୍ରଧାନ, ଗୋରାଚାନ୍ଦ ଦାସ ଅଧିକାରୀ ଓ ସଂଜୀବ ଦାସଙ୍କୁ ଉପସଭାପତି, ତପନ ପାତ୍ର ଓ ଦିଲ୍ଲୀପ ପାତ୍ରଙ୍କୁ ସାଧାରଣ ସମ୍ପାଦକ, ରଞ୍ଜିତ ପାତ୍ର, ପ୍ରତାପ ପ୍ରଧାନ, ଅଭିଜିତ ମହାନ୍ତି, ସତ୍ୟବ୍ରତ ପଣ୍ଡା, ଇଂ ଆକାଶ ବେହେରାଙ୍କୁ ସମ୍ପାଦକ ଓ ଦେବାଶିଷ କର୍ବିଙ୍କୁ ଜିଲ୍ଲା ଯୁବମୋର୍ଚ୍ଚା କୋଷାଧକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଭାରତୀୟ ଜନତା ଯୁବମୋର୍ଚ୍ଚା ଉତ୍ତର ବାଲେଶ୍ର ଜିଲ୍ଲାର ନବ ନିଯୁକ୍ତ ଜିଲ୍ଲା କମିଟି ଓ ଯୁବମୋର୍ଚ୍ଚା ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ ଉତ୍ତର ବାଲେଶ୍ୱର ଜିଲ୍ଲାରେ ବିଜେପି ଯୁବମୋର୍ଚ୍ଚା ଆହୁରି ସୁଦୃଢ ଓ ସଙ୍ଗଠିତ ହେବ ବୋଲି ସଭାପତି ଶ୍ରୀ ପାଣିଗ୍ରାହୀ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

# କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ପଲିଥିନ ବଣ୍ଟନ

ସୁବର୍ଣ୍ଣପୁର,୧୦।୬(ନି.ପ୍ର): ଗତ ୨୮ ତାରିଖରେ ସୋନପୁର ସହରରେ କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇ ଭଙ୍ଗା ମାଟି ଓ ଟିଣ ଛପର ଘରେ ବସବାସ କରୁଥିବା ସହରର ବିଭିନ୍ନ ୱାର୍ଡରେ ପୌର ପରିଷଦ ପକ୍ଷରୁ ପଲିଥିନ୍ ବଣ୍ଟନ କରା ଯାଇଥିବାବେଳେ ଆଜି ସନ୍ଧ୍ୟାରେ ସୋନପୁର ପୌର ପରିଷଦର ୱାର୍ଡ ନଂ ୧୧ ବନ୍ଧପଡ଼ା ଠାରେ ପୌରପରିଷଦ ପ୍ରଦତ୍ତ ୩୫ ଗୋଟି ପଲିଥିନ୍ ଭାଜପା ସୋନପୁର ନଗର ମଣ୍ଡଳ ଦ୍ୱାରା ବଣ୍ଟନ କରାଯାଇଛି। ବିଜେପି ମହିଳା ମୋର୍ଚ୍ଚା ନଗର ସଭାପତି ହେମଲତା ବକ୍ସି, ବୁଥ ସଭାପତି ଉତ୍ତମ ନାଏକ, ମଣ୍ଡଳ ସାଧାରଣ ସମ୍ପାଦକ ଦାଶରଥି ମେହେର, ବରିଷ୍ଠ କାର୍ଯ୍ୟକର୍ତ୍ତା ଦୀପକ ମହାପାତ୍ର ୧୧ ନମ୍ବର



ୱାର୍ଡ ବସ୍ତି ଅଞ୍ଚଳକୁ ପହଞ୍ଚି କ୍ଷତି ଘଟିଥିବା ଭଙ୍ଗା ମାଟି ଘର ସବୁ ବୁଲି ଦେଖିଥିଲେ ଓ ୩୫ରୁ ଉର୍ଦ୍ଧ୍ୱ ଘରକୁ ପଲିଥିନ ବଣ୍ଟନ କରିଥିଲେ । ଏହା ସହିତ ୱାର୍ଡ ଲୋକଙ୍କ ବାର୍ଦ୍ଧକ୍ୟ ଭତ୍ତା, ଆବାସ ଘର ନିର୍ମାଣର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ପୌରପରିଷଦ ଜରିଆରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଯୁବତୀକୁ ଦୁଷ୍କର୍ମ ଅଭିଯୋଗରେ ସମିତି ମେମ୍ବର ଥାନାରେ ଅଟକ

ବନ୍ଧୁଗାଁ,୧୦।୬(ନି.ପ୍ର): ବନ୍ଧୁଗାଁ ବ୍ଲକ କାନାଗାଁ ପଞ୍ଚାୟତ ସଦର ଜଣେ ୧୮ ବର୍ଷର ଝିଅକୁ ଦୁଷ୍କର୍ମ ହୋଇ ଥିବାରୁ ଅଭିଯୁକ୍ତା ଝିଅ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଝିଅର ଲିଖିତ ଅଭିଯୋଗ ଅନୁଯାୟୀ ମଙ୍ଗଳବାର ଦିନ ଝିଅ ଓ ମାଆ କୁଡ଼ିଆରେ ଶୋଇ ଥିବା ବେଳେ ରାତ୍ର ୩ ଘଣ୍ଟା ସମୟରେ ଝିଅ ପରିଶ୍ରା ଯିବା ପାଇଁ ବାହାରେ ବାହାରି ଥିଲେ। ଏହି ସମୟରେ ପୁଅ ସିନାଜି ପିଡ଼ିକା ବାହାରେ ଛୋକି ବସି ଝିଅକୁ ଉଠାଇ ନେଇ ପାଖ ଜଙ୍ଗଲରେ ଦୁଷ୍କର୍ମ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଥାନା ଆଇଆଇସି ସିନ୍ଧୁ ସାରାକା ଲିଖିତ ଅଭିଯୋଗ ପାଇବା ପରେ ପୁଅକୁ ଥାନାରେ ଆଣି ଅଟକ ରଖିଛନ୍ତି। ଅଧିକ ତଦନ୍ତ ପାଇଁ ଲକ୍ଷ୍ମୀପୁର ଏସଡିପିଓ ମୋନଜ କୁମାର ବେହେରା ପହଞ୍ଚି ଥିଲେ। ପରେ ଥାନା ଆଇଆଇସି ଝିଅକୁ ଲକ୍ଷ୍ମୀପୁର କୋର୍ଟକୁ ନେଇ ଥିବା ଜାଣିବାକୁ ମିଳିଛି। ଥାନା ଆଇଆଇସି ସିନ୍ଧୁଙ୍କୁ ଫୋନ କରିବାରୁ ଉଠାଇ ନ ଥିଲେ।

# ଅଚଳ ଷ୍ଟ୍ରିଟ୍ ଲାଇଟ, ଅନ୍ଧାରରେ ଯାତାୟାତ କରୁଛନ୍ତି ଲୋକେ



ଖୋର୍ଦ୍ଧା,୧୦।୬(ନି.ପ୍ର): ଖୋର୍ଦ୍ଧା ସହରର ମୁଖ୍ୟ ରାସ୍ତାରେ ଦୀର୍ଘ ଦିନ ଧରି ଅନେକ ଷ୍ଟ୍ରିଟ ଲାଇଟ୍ ଅଚଳ ହୋଇ ପଡ଼ିଥିବାରୁ ସନ୍ଧ୍ୟା ହେଲେ ରାସ୍ତାରେ ଅନ୍ଧାର ଛାଇଯାଉଛି। ଫଳରେ ପଥଚାରୀ, ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ରାତି ସମୟରେ ଦୁର୍ଘଟଣାର ଆଶଙ୍କା ବଢ଼ିବା ସହ ସାମାଜିକ ସୁରକ୍ଷା ନେଇ ମଧ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ସହରର ବିଭିନ୍ନ ପ୍ରମୁଖ ଛକ ଓ ରାସ୍ତାରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ଗତ କିଛି ମାସ ହେବ ଜଳୁନାହିଁ। ଏ ସମ୍ପର୍କରେ ପୌର ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁଛ ଅନ୍ଧାର ଯୋଗୁଁ ବୃଦ୍ଧ, ମହିଳା ଓ ଛାତ୍ରଛାତ୍ରୀମାନେ ଅଧିକ ସମସ୍ୟାରେ ପଡୁଥିବା ଅଭିଯୋଗ ହେଉଛି। ଏହା ସହିତ ସହରର ସୌନ୍ଦର୍ଯ୍ୟ ଓ ସ୍ମାର୍ଟ ସିଟି ଭଳି ବିକାଶମୂଳକ ଯୋଜନା ଉପରେ ମଧ ପ୍ରଶ୍ନ ଉଠିଛି। ଖୋରଧା ପୌର ପରିଷଦ ପକ୍ଷରୁ ତୁରନ୍ତ ଅଚଳ ଷ୍ଟ୍ରିଟ୍ ଲାଇଟ୍ଗୁଡ଼ିକର ମରାମତି କରି ସହରବାସୀଙ୍କୁ ଏହି ସମସ୍ୟାରୁ ମୁକ୍ତି ଦେବାକୁ ସାଧାରଣ ଲୋକ ଦାବି କରିଛନ୍ତି। ବର୍ଷା ଋତୁ ଆରମ୍ଭ ହୋଇଥିବା ବେଳେ ଏହି ସମସ୍ୟା ଆହୁରି ଗୁରୁତର ହୋଇପାରେ ବୋଲି ସହରବାସୀ ଆଶଙ୍କା ପ୍ରକାଶ କରିଛନ୍ତି।

# ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ନେତୃତ୍ୱର ସେଲିବ୍ରେସନ ଜଳେଶ୍ୱରରେ ଭବ୍ୟ ମହାଯଜ୍ଞ ଓ ସଂକଳ୍ପ ସଭା



ଜଳେଶ୍ୱର,୧୦।୬(ନି.ପ୍ର): ଭାରତ ବର୍ଷରେ ନରେନ୍ଦ୍ର ମୋଦିଜୀ ସର୍ବାଧିକ ସମୟ ଧରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଭାବେ ଗୌରବ ଅର୍ଜନ କରିଥିବା ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକର ଛମୌଜ ପାବନ କ୍ଷେତ୍ରଠାରେ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଭାରତୀୟ ଜନତା ପାର୍ଟି (ବିଜେପି) ତରଫରୁ ପ୍ରଧାନମନ୍ତ୍ରୀଙ୍କ ସୁସ୍ଥ ଶରୀର ଏବଂ ଦୀର୍ଘାୟୁ କାମନା କରି ଏକ ସାମୁହିକ ଦ୍ୱୀପଦାନ,ମହାଯଜ୍ଞ,ବିଶେଷ ପୂଜାର୍ଚ୍ଚନା ଏବଂ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱରର ପ୍ରସିଦ୍ଧ ଛମୌଜ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏହି ପବିତ୍ର ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସୂଚନା ଅନୁଯାୟୀ,ପ୍ରଧାନମନ୍ତ୍ରୀ ମୋଦିଜୀ ଦୀର୍ଘ ସମୟ ଧରି ଦେଶର ଦାୟିତ୍ୱ ତୁଲାଇ ଭାରତକୁ ବିଶ୍ୱ ଦରବାରରେ ଏକ ନୂତନ ଗୌରବ ଆଣିଦେଇଛନ୍ତି। ଏହି ଐତିହାସିକ ସଫଳତା ପାଇଁ ଭଗବାନଙ୍କ ନିକଟରେ କୃତଜ୍ଞତା ଜଣାଇବା ସହ ତାଙ୍କର ମଙ୍ଗଳ କାମନା କରି ଏହି ମହାଯଜ୍ଞ କରାଯାଇଥିଲା। ପୂଜାର୍ଚ୍ଚନା ଏବଂ ଯଜ୍ଞ ପୂର୍ଣ୍ଣାହୁତି ସମାପ୍ତ ହେବା ପରେ ସମସ୍ତ ଶ୍ରଦ୍ଧାଳୁ ,ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଫାଲଗୁନି ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସେବା ଓ ନେତୃତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ଡ.ପ୍ରଦୀପ କୁମାର ପଣ୍ଡା ଏବଂ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ନେତା ବ୍ରଜମୋହନ ପ୍ରଧାନ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ବାଲେଶ୍ୱର (ଉତ୍ତର) ବିଜେପି ଜିଲ୍ଲା ସମ୍ପାଦକ କାଳିଚରଣ ଦାସ ମଞ୍ଚ ଆହ୍ୱାନ କରିବା ସହ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଗଣେଷ ସରେନ୍,ଜିଲ୍ଲା ଉପସଭାପତି ରାଧାକାନ୍ତ ପ୍ରଧାନ,ନଗର ସଭାପତି ଶିବ ନାରାୟଣ ମହାପାତ୍ର,କାଉନସିଲର ଚନ୍ଦନ ଦାସ,ମଣ୍ଡଳ ସଭାପତି ସଞ୍ଜୀବ ସେନାପତି,ସଞ୍ଜୀବ ଜେନା ଏବଂ ବିଜୟ ସାମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ଏବଂ ଦଳୀୟ କର୍ମକର୍ତ୍ତା ବିପୁଳ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ବିକଶିତ ଓଡ଼ିଶା ଗାଁର ବିକଳ ଚିତ୍ର

# ବୁଟେଡ଼ିକୁ ଆଜି ପର୍ଯ୍ୟନ୍ତ ହୋଇପାରିଲାନି ଗ୍ରାମ୍ୟ ଉନ୍ନୟନ ସଡ଼କ

ଦାରିଙ୍ଗବାଡ଼ି, ୧୬।୬ (ନି.ପ୍ର): ସରକାର ବିକଶିତ ଗାଁ ଓ ସମୃଦ୍ଧ ଓଡ଼ିଶାର ଡିଣ୍ଡିମ ପିଟୁଥିବା ବେଳେ ଗ୍ରାମାଞ୍ଚଳର ବାସ୍ତବ ଚିତ୍ର କିଛି ଅଲଗା । ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ସଡ଼କ ଯୋଜନା ଗ୍ରାମବାସୀଙ୍କ ପାଇଁ ସାତସପନ ପାଲଟିଛି, ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଅଟୋ ମଧ ପହଞ୍ଚି ପାରୁନାହିଁ । ଗ୍ରାମରୁ ପ୍ରାୟ ଦୁଇ କିଲୋମିଟର ଆରଡି ରାସ୍ତା ପର୍ଯ୍ୟନ୍ତ ଗର୍ଭବତୀ ମହିଳା ହେଉ ଅବା ରୋଗୀ ଖଟିଆରେ ବୁହା ହୋଇ ଗଲାପରେ ଗାଡ଼ି ସୁଧା ମିଳୁଛି । ଅନେକ ସମୟରେ ଗର୍ଭବତୀ ମହିଳା ମାନେ ଅଧା ବାଟରେ ପ୍ରସବ କରୁଥିବା ବେଳେ ରୋଗୀ ମାନେ ଅକାଳ ମୃତ୍ୟୁ ର ଶୀକାର ହେଉ ଥିବା କହିଛନ୍ତି ଗ୍ରାମବାସୀ । ସାମାନ୍ୟ ବର୍ଷା ହେଲେ ରାସ୍ତା ପାଣି କାଦୁଅରେ ପରିପୂର୍ଣ୍ଣ ହୋଇଯାଉଛି ଏବଂ ପାହାଡ଼ିଆ ଅଞ୍ଚଳ



ହୋଇଥିବାରୁ ପାଦରେ ଚାଲି ଯିବା ମଧ ଅସମ୍ଭବ ହୋଇପଡୁଛି । ଏହି ରାସ୍ତା ଦେଇ ବାଇକ୍ କିମ୍ବା ସାଇକେଲରେ ଯିବା ସମୟରେ ଆରୋହୀମାନେ ଭାରସାମ୍ୟ ହରାଇ ପଡିଯାଇ ଖଣ୍ଡିଆ ଖାବରା ହେଉଥିବା ନଜିର ରହିଛି । ଏପରି ଏକ ଗ୍ରାମର ନଗ୍ନଚିତ୍ର ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ, ସରାମୁଳି ପଞ୍ଚାୟତର ବୁଟେଡି ଗ୍ରାମରେ । ବଣ ପାହାଡ଼ ଘେରା ଏହି ଗ୍ରାମ ରେ ଆଦିବାସୀ ସଂପ୍ରଦାୟର ୩୦ ପରିବାର ପ୍ରାୟ ୨୦୦ ଲୋକ କାହିଁ ଆଦିମ କାଳରୁ ବସବାସ କରୁଥିବା ବେଳେ ଏହା ବ୍ଲକ ସଦର ମହକୁମାରୁ ପ୍ରାୟ ୬୦ କିମି ଓ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ପ୍ରାୟ ୧୦ କିମି ଦୂରରେ ଅବସ୍ଥିତ । ହେଲେ ଅତୀ ଦୁଃଖର ବିଷୟ ସ୍ୱାଧୀନତାର ୭୯ ବର୍ଷ ପରେ ମଧ ପକ୍କା ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ । ଗ୍ରାମବାସୀ ମାନେ ପଞ୍ଚାୟତ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଠାରେ ବାରମ୍ବାର ଅଭିଯୋଗ କରିଥିଲେ ମଧ ଗୁହାରୀ ଶୁଣିବାକୁ କେହି ନାହିଁ । କନ୍ଧମାଳ ଜିଲ୍ଲାରେ ଅନେକ ଗ୍ରାମ ଅଛି ଯାହା ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଅଛି । ଗ୍ରାମକୁ ଯିବା ପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ, ସ୍ୱାଧୀନତା ପୂର୍ବରୁ ବସବାସ କରୁଥିବା ଗ୍ରାମ ରେ ଥିବା ପ୍ରାଥମିକ ବିଦ୍ୟାଳୟ ବନ୍ଦ ପଡ଼ିଛି । ଯାହା ଫଳରେ ରାସ୍ତା ଅଭାବରୁ ଛାତ୍ର ଛାତ୍ରୀ ମାନେ ବିଦ୍ୟାଳୟ ଯିବା ସମ୍ଭବ ହୋଇ ପାରୁ ନାହିଁ ବୋଲି ଗ୍ରାମବାସୀ ମାନେ କହିଛନ୍ତି । ସରକାରଙ୍କ ଉପରେ ଭରଷା କରୁଥିବା ଲୋକେ ଆଜିବି ଅଭିଶପ୍ତ ଜୀବନ ବିତାଉଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ, ଆମେ ବୁଟେଡ଼ି ଗ୍ରାମକୁ ଯାଇ ସର୍ଭେ କରିଛୁ । ବୁଟେଡି ଦେଇ ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁରକୁ ପ୍ରାୟ ୭ କିମି ରାସ୍ତା ସଂଯୋଗ ହୋଇପାରିବ । ଏଥିରେ ୬ ଗୋଟି ଗ୍ରାମବାସୀ ଉପକୃତ ହେବା ସାଥେ ସାଥେ କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାକୁ ସଂଯୋଗ ସହଜ ହେବ । ଏଣୁ ଆମ ସର୍ଭେ ରିପୋର୍ଟ ଉପର ଅଧିକାରୀଙ୍କୁ ପଠାଇବୁ ତାହା ମଞ୍ଜୁର ହେଲେ ଆମେ ଯଥାଶୀଘ୍ର କାମ ଆରମ୍ଭ କରିବୁ ବୋଲି କହିଛନ୍ତି । କେବେ ଏହି ସମସ୍ୟାର ସମାଧାନ ହେବ ତାହା ଦେଖିବାକୁ ବାକି ରହିଲା । ଏଣୁ ସରକାର ତଥା ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ବୁଟେଡ଼ି ଗ୍ରାମକୁ ତୁରନ୍ତ ଗ୍ରାମ୍ୟ ଉନ୍ନୟନ ସଡ଼କ ଯୋଜନାରେ ସାମିଲ କରି ଏକ ସ୍ଥାୟୀ ପିଚୁ ରାସ୍ତା ନିର୍ମାଣ କରି ଗ୍ରାମବାସୀଙ୍କୁ ଏହି ମରଣ ଯନ୍ତାରୁ ମୁକ୍ତି ଦିଅନ୍ତୁ ବୋଲି ଗ୍ରାମର ମିହିର ପ୍ରଧାନ, ସନ୍ତୋଷ ମୁଠାମାଝୀ, ରାମେଶ୍ୱର ପ୍ରଧାନ, ମୁକୁନ୍ଦ ମୁଠାମାଝୀ, ଜାଇଫୁଲ ମୁଠାମାଝୀ, ସାମଲତି ମୁଠାମାଝୀ, ଗଞ୍ଜେଲା ମୁଠାମାଝୀ, ଶୁଭ ମୁଠାମାଝୀ ସମେତ ସମସ୍ତ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ଟିକାବାଲି, ୧୦।୬ (ନି.ପ୍ର): ଟିକାବାଲି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ବିନୋଦ ବିହାରୀ ଦିଗାଳ ସ୍ଥାୟୀ ଭାବେ ଯୋଗଦାନ କରିବା ପରେ ତାଙ୍କୁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଛି । ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନେ ଉପସ୍ଥିତ ରହି ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ । ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ଗଣେଶ୍ୱର କହଁର ଓ ଶ୍ରୀମତୀ ବିନୋଦିନୀ ସାମଲଙ୍କ ତତ୍ତ୍ୱାବଧାନରେ ଏହି ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯୋଗଦାନ ପରେ ଶ୍ରୀ ଦିଗାଳ ନିଜ ଅଭିଭାଷଣରେ କହିଥିଲେ ଯେ, ସମସ୍ତଙ୍କ ସହଯୋଗ, ସକାରାତ୍ମକ ଚିନ୍ତାଧାରା, ସମୟାନୁବର୍ତ୍ତିତା ଏବଂ ଦାୟିତ୍ୱବୋଧ ମାଧ୍ୟମରେ ଟିକାବାଲି ବ୍ଲକ ଶିକ୍ଷା କ୍ଷେତ୍ରରେ ଜିଲ୍ଲା ଓ ରାଜ୍ୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ । ଟିକାବାଲି ବ୍ଲକରେ ସ୍ଥାୟୀ ଭାବେ ଯୋଗଦାନ କରିଥିବାରୁ ସେ ନିଜ ଖୁସି ବ୍ୟକ୍ତ କରିଥିଲେ । ଏହା ସହିତ ତାଙ୍କ କାର୍ଯ୍ୟକାଳର ପ୍ରଥମ ବ୍ଲକସ୍ତରୀୟ ମାସିକ ବୈଠକ ମଧ ଅନୁଷ୍ଠିତ ହୋଇଥିଲା ।

# ପୁରାତନ କବିଙ୍କ ରଚନାର ଗାୟନୋତ୍ସବ

ବାଲେଶ୍ୱର, ୧୦।୬ (ନି.ପ୍ର): ଓଡ଼ିଶା ଭାଷା ବିକାଶ ଆନ୍ଦୋଳନ (ଓବିବିଏ) ଆନୁକୂଲ୍ୟରେ ମାକଲପୁରସ୍ଥିତ ସ୍ରଷ୍ଟା ନାଟ୍ୟାଳୟରେ 'ପୁରାତନ କବିଙ୍କ ରଚନାର ଗାୟନୋତ୍ସବ' ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସଭାରେ ପୌରୋହିତ୍ୟ କରି ମତବ୍ୟକ୍ତ କରିଥିଲେ ଯେ ଓଡ଼ିଶାର ପୁରାତନ କବିମାନଙ୍କର କବିତା ଓ କାବ୍ୟସମୂହ କାଳୋତ୍ତୀର୍ଣ୍ଣ ଓ ଶାସ୍ତ୍ରୀୟ ଯେଉଁଥିପାଇଁକି କାଳ ପରେ କାଳ ବିତି ଯାଇଥିଲେ ମଧ ସେଗୁଡ଼ିକ ଓଡ଼ିଆଙ୍କ ମାନସପଟରୁ ଲିଭି ଯାଇନାହିଁ ଏବଂ ଯେପର୍ଯ୍ୟନ୍ତ ଓଡ଼ିଆ ଭାଷା ଥିବ ସେପର୍ଯ୍ୟନ୍ତ ଏସବୁ ଦୀପ୍ତିମନ୍ତ ସୂର୍ଯ୍ୟ ସମ ଉଦ୍ଭାସିତ ହେଉଥିବଛ ଏହି ଉତ୍ସବରେ କବି ମାର୍କଣ୍ଡ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଅଚ୍ୟୁତାନନ୍ଦ ଦାସ, ଜଗନ୍ନାଥ ଦାସ, ବଳରାମ ଦାସ, ଭୀମଭୋଇ, ମାଧବୀ ଦାସ, ବିଶ୍ୱନାଥ ଖୁଣ୍ଟିଆ, ବନମାଳୀ ଦାସ, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ସାଲବେଗ, ଭକ୍ତଚରଣ ଦାସ, ଦୀନକୃଷ୍ଣ ଦାସ, ଗୋପାଳକୃଷ୍ଣ ପଟ୍ଟନାୟକଙ୍କ କବିତାକୁ ଯଥାକ୍ରମେ ଚିନ୍ମୟୀ ପ୍ରିୟଦର୍ଶିନୀ ମିଶ୍ର, କୃଷ୍ଣା ପ୍ରଧାନ, ସ୍ନିଗ୍ଧା ସାମନ୍ତରାୟ, ଜ୍ୟୋସ୍ନା ରାୟ, ଅର୍ଚ୍ଚନା କର, ସଙ୍ଗୀତା ରଥ, ଅର୍ଚ୍ଚନା ନନ୍ଦୀ, ସଙ୍ଗୀତା ବାରିକ, ମାମିନା ମହାପାତ୍ର, ଅଞ୍ଜଳି ପଣ୍ଡା, ଅବନ୍ତୀ ପ୍ରଧାନ, ଜୁମରନାଥ ପାତ୍ର, ଶାନ୍ତିଲତା ପଣ୍ଡା, ବାସନ୍ତୀ ଦେ, କମଳିନୀ ଦାସ ପ୍ରମୁଖ ଗାୟନ କରିଥିଲେ । କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଯୁଗ୍ମସମ୍ପାଦକ ଜୁମରନାଥ ପାତ୍ର, ଶାନ୍ତିଲତା ପଣ୍ଡା ଏବଂ ଡ. ସାରଙ୍ଗଧର ତ୍ରିପାଠୀ ।

# ଦୁର୍ଗମ ଡିଗିପଦର ଗ୍ରାମକୁ ଜିଲ୍ଲାପାଳଙ୍କ ଗସ୍ତ

ହରଭଙ୍ଗା, ୧୦।୬ (ନି.ପ୍ର): ଘଞ୍ଚ ଜଙ୍ଗଲ ସାଙ୍ଗକୁ ପାହାଡ଼ିଆ ପଥୁରିଆ ରାସ୍ତା । ବିକାଶର ବାର୍ତ୍ତା ନେଇ ଏଭଳି ଏକ ଅପହଞ୍ଚ ଇଲାକାରେ ପାଦରେ ଚାଲି ଚାଲି ପହଞ୍ଚିଛନ୍ତି ଜିଲ୍ଲାର ମୁଖ୍ୟ ଜିଲ୍ଲାପାଳ । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ଗ୍ରାମ ପଞ୍ଚାୟତର ଦୁର୍ଗମ ଡିଗିପଦର ଗାଁରେ ଦେଖିବାକୁ ମିଳିଛି ଏଭଳି ଏକ ନିଆରା ଦୃଶ୍ୟ । ଆଦିବାସୀଙ୍କ ଦୁଃଖ ବୁଝିବା ପାଇଁ ନିଜେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଘଞ୍ଚ ଜଙ୍ଗଲ ଓ ପାହାଡ଼ ଚଢ଼ି ପହଞ୍ଚିଛନ୍ତି ଲୋକଙ୍କ ଗହଣରେ । ତାରିଛକ ମୁଖ୍ୟାଳୟ ପାଖରେ ଥାଇ ମଧ ଉପଯୁକ୍ତ ରାସ୍ତାଘାଟର ଅଭାବ ଯୋଗୁଁ ଏହି ଗ୍ରାମଟି ଦୀର୍ଘ ଦିନ ଧରି ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ହୋଇ ରହିଚି । ଗାଁରେ ମାତ୍ର ୧୧ଟି ପରିବାରର ୪୩ ଜଣ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି । ଜିଲ୍ଲାପାଳଙ୍କୁ ନିଜ ଗ୍ରାମରେ ପାଇ ଗ୍ରାମବାସୀମାନେ ଗମନାଗମନର ସୁବିଧା ପାଇଁ ହରିଡାବିଡା ଠାରୁ ରଙ୍ଗମାଟିଆ ଏବଂ ଆଡେଣିଗଡ ପର୍ଯ୍ୟନ୍ତ ପ୍ରାୟ ୧୧ କିଲୋମିଟର ଜଙ୍ଗଲ ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି । ଲୋକଙ୍କ ସମସ୍ୟା ଶୁଣିବା ପରେ ତୁରନ୍ତ ଆକ୍ସନ ମୋଡ୍ରୁ ଆସିଛନ୍ତି ଜିଲ୍ଲାପାଳ । ଗ୍ରାମରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପର ତୁରନ୍ତ ମରାମତି ଓ ଏହାକୁ ସଚଳ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଗାଁ ଲୋକଙ୍କ ଜୀବିକା, କୃଷି ଓ ଆୟବୃଦ୍ଧି ପାଇଁ ଉନ୍ନତ କୃଷି ପଦ୍ଧତି ଆପଣାଇବାକୁ ସେ ପରାମର୍ଶ ଦେଇଛନ୍ତି । ସରକାରଙ୍କ ରାସନ ଚାଉଳ, ସାମାଜିକ ସୁରକ୍ଷା ଭତ୍ତା ଏବଂ ଗ୍ରାମୀଣ ଆବାସ ଯୋଜନାର ସୁବିଧା ହିତାଧିକାରୀଙ୍କ ପାଖରେ ସଠିକ୍ ଭାବେ ପହଞ୍ଚୁଛି କି ନାହିଁ, ତାହାର ସିଧାସଳଖ ସମୀକ୍ଷା କରିଛନ୍ତି ଜିଲ୍ଲାପାଳ । ଏହି ଗସ୍ତ ସମୟରେ ହରଭଙ୍ଗା ତହସିଲଦାର କର୍ଣ୍ଣ ସୁନା, ବୌଦ୍ଧ ଡିଏଫଓ ରାଜେନ୍ଦ୍ର ଗୋଛାୟାତ ଏବଂ ଏବିଡିଓ ସତ୍ୟପ୍ରିୟ ସାହୁଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଗାଁ ଲୋକଙ୍କ ସହ କିଛି ସମୟ ଅତିବାହିତ କରି ସେମାନଙ୍କ ସୁଖ-ଦୁଃଖର ସାଥୀ ହୋଇଥିବାରୁ ଗ୍ରାମବାସୀମାନେ ତାଙ୍କୁ ଅଶେଷ କୃତଜ୍ଞତା ଜଣାଇଛନ୍ତି ।

## ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଅଧିବେଶନ

କେନ୍ଦ୍ରାପଡା, ୧୦।୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ୮୧ ତମ ଅଧିବେଶନ ସଭାପତି ଡ. ଉପେନ୍ଦ୍ର ନାଥ ପ୍ରଧାନଙ୍କ ସଭାପତିତ୍ୱରେ ଗୋପସ୍ଥିତ ରାମମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଭ୍ୟ ସ୍ୱର୍ଗତ ଅଭିମନ୍ୟୁ ତ୍ରିପାଠୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ ସଂପାଦକ କରୁଣାକର ଦାସ । ପୂର୍ବ କାର୍ଯ୍ୟକ୍ରମ ଗୁଡିକର ସମୀକ୍ଷାପରେ ନୂତନ କାର୍ଯ୍ୟକ୍ରମ ଯଥା- ବନମହୋତ୍ସବ ପାଳନ କରିବା, ବର୍ଷାଋତୁ ସମୟରେ ବୃକ୍ଷ ରୋପଣ ଓ ବୃକ୍ଷ ବଣ୍ଟନ କାର୍ଯ୍ୟକ୍ରମ ଜାରି ରଖିବା, କେନ୍ଦ୍ରାପଡା ମୁଖ୍ୟ ଓ ଶାଖା କେନାଲମାନଙ୍କ କୃଷିକ୍ଷେତ୍ରକୁ ଖରିଫ ଚାଷ ପାଇଁ ଜଳ ଯୋଗାଣର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳଙ୍କ ପାଖରେ ଦାବି ଉପସ୍ଥାପନ କରିବା ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ନିଷ୍ପତ୍ତିଗ୍ରହଣ କରାଗଲା । ଉକ୍ତ ଆଲୋଚନାରେ ଉପଦେଷ୍ଟା ପ୍ରାକ୍ତନ ଅଧ୍ୟକ୍ଷ ଅଜୟ କୁମାର ସାମଲ, ଡ. ଦିଲ୍ଲୀପ କୁମାର ମିଶ୍ର, ଧୀରେନ ବେହେରା, ଦୟାନିଧି ପାତ୍ର, ଅଜିତ କୁମାର ରାଉତ, ପ୍ରସନ୍ନ କୁମାର ସାହାଣୀ, ଡ.ଚୈତନ୍ୟ ଚରଣ ପରିଡା, ସଞ୍ଜୟ କୁମାର ଆଚାର୍ଯ୍ୟ, ଶ୍ରୀନିବାସ ପରିଡା, ବୈଷ୍ଣବ ଚରଣ ସ୍ୱାଇଁ, ସୁରେଶ ଚନ୍ଦ୍ର ପଟନାୟକ, ଗୁଣାକର ରାଉତ ଓ ଅନ୍ୟମାନେ ଭାଗନେଇଥିଲେ । ନୃସିଂହ ଚରଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରିଷ୍ଠ କଂଗ୍ରେସ ନେତା ସିମାଞ୍ଚଳ ଆଚାର୍ଯ୍ୟଙ୍କ ପରଲୋକ

ବାଲିଗୁଡା, ୧୦।୬ (ନି.ପ୍ର): କନ୍ଧମାଳ ଜିଲ୍ଲାର ଜଣାଶୁଣା ବରିଷ୍ଠ ପ୍ରତିଷ୍ଠିତ ବ୍ୟକ୍ତି, କଂଗ୍ରେସ ନେତା, ଠିକାଦାର, ବ୍ୟବସାୟୀ ତଥା ବାଲିଗୁଡା ସ୍ଥିତ ପାଟଖଣ୍ଡା ଫୁଏଲସର ପ୍ରତିଷ୍ଠାତା ସିମାଞ୍ଚଳ ଆଚାର୍ଯ୍ୟ (୭୦) ଙ୍କ ବୁଧବାର ସକାଳେ ବାଲିଗୁଡା ନିଜ ବାସ ଭବନରେ ପରଲୋକ ହୋଇଯାଇଛି । ଏହି ଦୁଃଖଦ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଏକା ଧାରରେ ଜଣେ ମେଳାପୀ, ପରୋପକାରୀ, ବନ୍ଧୁ ବତ୍ସଳ,ତଥା ବିଚକ୍ଷଣ ରାଜନୀତିଜ୍ଞ ଭାବେ ବେଶ ଜଣାଶୁଣା ଥିବା ସହ ତାଙ୍କ ରାଜନୀତି କ୍ୟାରିଅର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେ କଂଗ୍ରେସ ଦଳରେ ନିଷ୍ଠାପର ଭାବେ କାର୍ଯ୍ୟ କରି ରାଜ୍ୟ ତଥା ଜିଲ୍ଲା ସ୍ତରରେ ବିଭିନ୍ନ ପଦ ପଦବୀରେ ରହି ଆସିଥିଲେ । ତାଙ୍କ ବିୟୋଗରେ ପରିବାର, ସମ୍ପର୍କୀୟ ଓ ଶୁଭେଚ୍ଛୁ ମାନେ ଗଭୀର ମର୍ମାହତ ହୋଇଛନ୍ତି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ,ବୋହୂ, ନାତି, ନାତୁଣୀ ସମେତ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ମରଣ ଜନ୍ତା ପାଲଟିଛି ବିଳାଶୁଣୀ ମଝିଖଣ୍ଡ ମୁଖ୍ୟ ରାସ୍ତା

ନିଆଳି, ୧୦।୬ (ନି.ପ୍ର): ନିଆଳି ମଝିଖଣ୍ଡ ମୁଖ୍ୟରାସ୍ତା ଏବେ ମରଣ ଜନ୍ତା ପାଲଟିଛି । ବିଶେଷ କରି ଓଳାବ୍ ଗ୍ରାମର କୋର୍ଟ ନର୍ମାଣ ହେଉଥିବା ଗ୍ରାମ ନିକଟରେ ରାସ୍ତାର ଅବସ୍ଥା ସୋଚନୀୟ ହୋଇଥିବା ବେଳେ ଏଠାରେ ନିତିଦିନ ଛୋଟମୋଟ ଦୁର୍ଘଟଣା ଘଟୁଛି । ଫ୍ଲେବର ବ୍ଲକ ଗୁଡିକ ଉଠି ଯିବାରୁ ରାସ୍ତାର ବିପଦଜନକ ଅବସ୍ଥା ଉପୁଜିଛି । ପଥଚାରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ରାସ୍ତାରେ ପକାଯାଇଥିବା ଫ୍ଲେବର ବ୍ଲକ ଗୁଡିକ ଉପରକୁ ସମ୍ପୂର୍ଣ ଉଠିଯାଉଥିବାରୁ ରାସ୍ତାର ଉଭୟ ପାର୍ଶ୍ ରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଯାହା କୌଣସି ବଡ଼ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି । ସୂଚନା ଥାଉ କି ଉକ୍ତ ରାସ୍ତାଟି



ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ କରାଯାଇଥିଲା । ରାସ୍ତା ମରାମତିର ସମୟ ସୀମା ଥିବା ବେଳେ ସମ୍ପୃକ୍ତ ଠିକାଦାର ଏହାକୁ ମରାମତି କରୁନାହାନ୍ତି । ରାସ୍ତା ନିର୍ମାଣର କିଛି ଦିନ ମଧରେ ଏଭଳି ପରିସ୍ଥିତି ଉପୁଜିଥିବାରୁ କାର୍ଯ୍ୟ ନିମ୍ନମାନର ଏବଂ ପ୍ରଶାସନିକ ଉଦାସୀନତାକୁ ପଦାରେ ପକାଇଛି । ରାତି ସମୟରେ ଏହି ରାସ୍ତାରେ ମରଣ ସହ ଖେଳିବା ସଦୃଶ ହୋଇପଡିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ର ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଏହି ରାସ୍ତା ପ୍ରତି ଦୃଷ୍ଟି ଦେବା ସହ ଯଥାଶୀଘ୍ର ମରାମତି କରିବା ନିମନ୍ତେ ସାଧାରଣ ରେ ଦାବି ହେଉଛି । ଏ ନେଇ ବିଭାଗୟ ଅଧିକାରୀଙ୍କୁ ପଚାରିବାରୁ ଉକ୍ତ ଜାଗା ଗୁଡିକର ମାଟି ଦବୁ ଥିବାରୁ ଏଭଳି ସମସ୍ୟା ଉପୁଜୁଛି ।

## ଆଚାର୍ଯ୍ୟ ଦେବଙ୍କ ଶୁଭ ଆବିର୍ଭାବ ଦିବସ ପାଳିତ

କେନ୍ଦ୍ରାପଡା, ୧୦।୬ (ନି.ପ୍ର): କେନ୍ଦ୍ରାପଡା ସଦର ଥାନା ଅବସ୍ଥିତ ସାହସପୁର ଗ୍ରାମରେ ପରମପୂଜ୍ୟପାଦ ଆଚାର୍ଯ୍ୟ ଦେବ ଆଶ୍ରୀବାଦ ପୁଷ୍ଟ ସତସଙ୍ଗ କେନ୍ଦ୍ର ମାଧ୍ୟମରେ ମହାସମାରୋହରେ ଆଚାର୍ଯ୍ୟ ଦେବଙ୍କ ପୁଣ୍ୟ ୫୯ ତମ ଶୁଭ ଜନ୍ମଲଗ୍ନ ପ୍ରାତଃ ୪ଟା ରେ ଘୋଷଣା ସହ ଉଷା କୀର୍ତ୍ତନ ବିନତୀ ପ୍ରାର୍ଥନା ସହ ସଦଗ୍ରନ୍ଥ ପାଠ ସହ ନାମ ଧ୍ୟାନ,ଭଜନ କୀର୍ତ୍ତନ ସହ ସକାଳ କାର୍ଯ୍ୟକ୍ରମ ସଂପନ୍ନ ହେବା ସହ ସଂଧ୍ୟା ବିନତି ପ୍ରାର୍ଥନା ଓ ସତସଙ୍ଗ ସଭାଲୋଚନା ନିରଞ୍ଜନ ବେହେରା ସଭାପତି ଋତ୍ୱିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭଜନ କୋରସ କୀର୍ତ୍ତନରେ ଦୁର୍ଯ୍ୟୋଧନ ଘଡାଇ, ଗଜେନ୍ଦ୍ର ସାମଲ, ଭରତ ଚନ୍ଦ୍ର ଦାସ, ଯାଜକ କେଦାର ପତ୍ରୀ ଯୋଗ ଦେବା ସହ ଆଲୋଚନା ଅବସରରେ ଅତିରିକ୍ତ ଏସ୍.ପି ସୁରେଶ ଚନ୍ଦ୍ର ଘୋଷ, ମୁରଲୀଧର ପାତ୍ର ଭାଗ ନେଇଥିଲେ । ଉପସ୍ଥିତ ଗୁରୁଭାଇ ଓ ମା ମାନେ ଆନନ୍ଦ ଲାଭ କରିଥିଲେ । ଉତ୍ସବ ସଭାପତି ଅବସର ପ୍ରାଧ୍ୟାପକ ସହପ୍ରତି ଋତ୍ୱିକ ବିଜୟ କେତନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉତ୍ସବଟି ସରସ ସୁନ୍ଦର ଭାବରେ ସଂପନ୍ନ ହୋଇଥିଲା ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା, ୧୦।୬ (ନି.ପ୍ର): ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ରାଜ୍ୟ ସଂଘର ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀଙ୍କ ନେତୃତ୍ୱରେ ନୂତନ ଭାବେ ଯୋଗ ଦେଇଥିବା ଗୋଷ୍ଠି ଶିକ୍ଷା ଅଧିକାରୀ ମୋନାଲିସା ନାୟକଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘ ତରଫରୁ ନୂତନ ଭାବେ ଯୋଗ ଦେଇଥିବା ଅଧିକାରିଣୀଙ୍କ ସହିତ ଆଲୋଚନା କରଯାଇଥିଲା ।

## ପାନୀୟଜଳ ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇଲେ ଜନସାଧାରଣ

ଓଡ଼ାପଡ଼ା, ୧୦।୬ (ନି.ପ୍ର): ଓଡ଼ାପଡ଼ାରେ ପାନୀୟଜଳ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ମାନେ ଚୁପ୍ ରହିବା ଘଟଣାକୁ ନେଇ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇ ଥିବା ଦେଖିବାକୁ ମିଳିଛି । ଓଡ଼ାପଡ଼ା ବ୍ଲକ ବଦାଳୁ ପଞ୍ଚାୟତ ଅନ୍ତର୍ଗତ ଦାଳୁ, ହାଣ୍ଡିଫୁଟା, ନରହରିପୁର, ମାଝୁଆ ନୂଆସାହି ସହିତ ଅନ୍ୟାନ୍ୟ ଗ୍ରାମର ଲୋକମାନେ ରାଜ ରାସ୍ତାକୁ ଓହ୍ଲାଇ ଆଜି ହିନ୍ଦୋଳ ଗୁଡିଆକାଟେଣି ରାସ୍ତା ଅବରୋଧ କରିଛନ୍ତି । ରାଜ୍ୟରେ ଜନସାଧାରଣ ଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଥିବା ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରସରକାରଙ୍କ ପର୍ଯ୍ୟନ୍ତ ମନ୍ତ୍ରୀ ଓ ନେତାମାନେ କହୁଥିବା ବେଳେ ବାସ୍ତବରେ ତାହା ଦେଖିବାକୁ ମିଳିନଥାଏ । ଓଡ଼ାପଡ଼ା ବ୍ଲକ ଏକ ଶିଳ୍ପ ସମୃଦ୍ଧ ଓ ଖଣିଖାଦାନ ଭରା ବ୍ଲକ । ଏହି ବ୍ଲକର ଜନସାଧାରଣ ବିଶୁଦ୍ଧ ପାନୀୟଜଳ ଅଭାବରୁ ନାନା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାପଡିଛି । କଳକାରଖାନା ଓ ଖଣିଖାଦାନ ନିକଟବର୍ତ୍ତୀ ୧୦ ଗୋଟି ପଞ୍ଚାୟତର ଲୋକ ମାନେ ବିଶୁଦ୍ଧ ପାନୀୟଜଳ ଅଭାବରୁ ପ୍ରତ୍ୟେକ ବର୍ଷ ଶତାଧିକ ଲୋକ କିଡିନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବାବେଳେ ଶତାଧିକ ଲୋକ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ଲଢେଇ କରୁଥିବା ଦେଖିବାକୁ ମିଳିଛି । ଓଡ଼ାପଡ଼ା ବ୍ଲକରେ ଅନେକ ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି । କିନ୍ତୁ ସେଥି ମଧ୍ୟରୁ ଅଧାରୁ ଅଧିକ ଅଚଳ ହୋଇ ପଡିଥିବା ଅଭିଯୋଗ ହୋଇଛି । ଯେଉଁ ସ୍ଥାନରେ ଠିକ ଅଛି ସେହି ଗ୍ରାମର ସମସ୍ତ ଲୋକଙ୍କ ପାଖରେ ପାଣି ପହଞ୍ଚି ପାରୁନାହିଁ।ନିମ୍ନ ମାନର ଯନ୍ତ୍ରାଂଶ ଓ ପାଇପ୍ ବ୍ୟବହାର କରାଯାଇଥିବା ଯୋଗୁଁ କେଉଁ ଠାରେ ପାଇପ୍ ଫାଟି ପାଣି ରାସ୍ତାରେ ଯାଉଛି । ଗୋଟିଏ ସ୍ଥାନରେ ପାଇପ୍ ଫାଟି ପାଣି ବାହାରକୁ ବୋହି ଯାଉଥିବା ଏବଂ ଫଟା ପାଇପ୍ ଉପରେ ସିମେଣ୍ଟ କଂକ୍ରିଟ ଢାଳି ପ୍ୟାଚ ପକା ଯାଉଥିବାର ଫଟୋ ଉଠାଇବା ଲେ ସେଠାରେ କାର୍ଯ୍ୟ ରତ କର୍ମଚାରୀ ସାମ୍ବାଦିକ ଙ୍କୁ ଧମକ ଦେଇଥିଲେ ଏ ସମ୍ପର୍କରେ ଢେଙ୍କାନାଳ ଉପଖଣ୍ଡ ଅଧିକାରୀ ଅମ୍ରି କୁମାର ସେଠୀ ଙ୍କୁ ପଚାରିରୁ ସେ ମହାଶୟ କହିଛନ୍ତି କି ଆପଣ ଯାହା କରିବା କଥା କରନ୍ତୁ । ଏ ସମ୍ପର୍କରେ ମେଗା ପାନୀୟଜଳ ପ୍ରକଳ୍ପ ନର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀ ସିଦ୍ଧାର୍ଥ ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି କି ସେମାନେ ଆପଣଙ୍କୁ ଚିହ୍ନି ନାହାନ୍ତି । ଏପରି ଆଉ କେବେ ହେବ ନାହିଁ ବୋଲି କହିଛନ୍ତି, ଓଡ଼ାପଡ଼ା ପାନୀୟଜଳ ବିଭାଗ ଯନ୍ତ୍ରୀଙ୍କୁ ସୁପ୍ରିୟା ପ୍ରଧାନଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ ।

# ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ଫୁଲବାଣି, ୧୦।୬ (ନି.ପ୍ର): ଜିଲ୍ଲାର ବିଭିନ୍ନ ସମସ୍ୟା ଗୁଡିକୁ ଆଖି ଆଗରେ ରଖି ଲୋକ ହିତ ଉଦ୍ଦେଶ୍ୟରେ ଦାବି ପତ୍ର ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଓଡିଶା ଲୋକ ଦଳର ରାଜ୍ୟ ସଭାପତିଙ୍କ ସଭାପତିତ୍ୱରେ ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଏକ ପଦ ଯାତ୍ରା ବାହାରି ଜିଲ୍ଲା ପାଳଙ୍କ କାର୍ଯାଳୟରେ ପହଞ୍ଚି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବି ମଧରେ ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖାଲି ପଡ଼ିଥିବା ପଦବୀକୁ ଅତିଶୀଘ୍ର ଭର୍ତ୍ତି, ସରକାରୀ ବିଦ୍ୟାଳୟ ଗୁଡିକରେ ଶ୍ରେଣୀ ଗୃହ ନିର୍ମାଣ ସହ ବିଷୟ ଅନୁଯାୟୀ ଶିକ୍ଷକ ନିଯୁକ୍ତି , ଅଚଳ ପଡିଥିବା ଅଲଟ୍ରାସାଉଣ୍ଡ ମେସିନ କାର୍ଯ୍ୟକ୍ଷମ କରିବା, ଜିଲ୍ଲାର ବିଭିନ୍ନ ଗ୍ରାମ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା, ଜିଲ୍ଲାରେ ରେଳପଥ ସଂଯୋଗୀ କରଣ କରିବା,ଜିଲ୍ଲାର



ଏମପିଲୋମେଣ୍ଟ ଏକ୍ସଚେଞ୍ଜ ପୁର୍ଣ ଭାବେ କାର୍ଯ୍ୟକ୍ଷମ ଦାବି ଗୁଡାକ ମୁଖ୍ୟତଃ ଉଲ୍ଲେଖ ରହିଥିଲା । ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସଭାପତି ସନ୍ତୋଷ ନାରାୟଣ, ଅଭିଶେକ ଦାଶ ରାଜ୍ୟ ସଭାପତି, ଓଡିଶା ଛାତ୍ର ସଂଗଠନ ଦିବାକର ପୁଟେଲ ଉପସଭାପତି ଛାତ୍ର ସଂଗଠନ,ତପନ ସାହୁ ଯୁବ ସଭାପତି , ବରି ଓଡିଶା ଲୋକ ଦଳ, ସୋନମ ଖାନ,କିରଣ ଭୋଇ,ବିନୋଦ ସିଂହ ଓଡିଶା ଲୋକ ଦଳର ସଦସ୍ୟ ମୁଖ୍ୟ ରୂପେ ଉପସ୍ଥିତ ଥିଲେ ।

# ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜୋରଦାର

ଧାମନଗର, ୧୦।୫ (ନି.ପ୍ର): ଧାମନଗର ବ୍ଲକରେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏଆଆର)- ୨୦୨୬ ଭୋଟର ତାଲିକା ସଂଶୋଧନ ଅତିରିକ୍ତ ଉପ ଜିଲ୍ଲାପାଳ ତାପସ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଚାଲୁ ରହିଛି । ବ୍ଲକର ବିଭିନ୍ନ ପ୍ରମୁଖ ରାଜନୈତିକ ଦଳର ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ମାନଙ୍କୁ ନେଇ ଏକ ବ୍ୟାପକ ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଭୋଟର ତାଲିକାରୁ ତ୍ରୁଟି ସଂଶୋଧନ, ନୂତନ ନାମ ପଞ୍ଜୀକରଣ ଏବଂ ଦାବି ଓ ଆପତ୍ତିର ସଠିକ୍ ପରିଚାଳନା ନେଇ ଶିବିରରେ ବିଡ଼ିଓ ବନ ବିହାରୀ ଦିଣ୍ଡା ବିସ୍ତୃତ ଆଲୋଚନା କରିଛନ୍ତି । ନିର୍ବାଚନ ମଣ୍ଡଳୀର ବିଭିନ୍ନ ଜୋନକୁ ଆଧାର କରି ଭିନ୍ନ ଭିନ୍ନ ସ୍ଥାନରେ ଏହି ପ୍ରଶିକ୍ଷଣ ଶିବିରମାନ ଆୟୋଜିତ ହୋଇଥିଲା । ଗତ ୮ ତାରିଖ ଦିନ ଅସୁରାଳିସ୍ଥିତ ଅଞ୍ଚଳିକ ମହିଳା ମହାବିଦ୍ୟାଳୟଠାରେ ଧୂଷୁରୀ ଓ ଅସୁରାଳି ଜୋନର ବିଏଲଏ



ମାନଙ୍କର ଓ ୯ ତାରିଖ ଦିନ ବ୍ଲକ ସମ୍ମିଳନୀ କକ୍ଷରେ ଧାମନଗର, ଦୋବଲ ଜୋନ୍ ଏବଂ ଧାମନଗର ଏନଏସିର ବିଜେପି ବିଏଲଏ ମାନଙ୍କୁ ବିଡିଓ ବନବିହାରୀ ଦିଣ୍ଡା ଏବଂ ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେହିପରି ବିଜେଡିର ବିଏଲଏ ମାନଙ୍କ ପାଇଁ ୯ ତାରିଖ ଦିନ ଧୂଷୁରୀ ପୂଜ୍ୟପୂଜା ସଂସଦଠାରେ ତହସିଲଦାର ଜ୍ଞାନରଞ୍ଜନ ସାହୁ ଏବଂ ୧୦ ତାରିଖ ଦିନ କରଦା କଲ୍ୟାଣ ମଣ୍ଡପଠାରେ ବିଡିଓ ବନବିହାରୀ ଦିଣ୍ଡା ଏବଂ ଜିପିଇଓ ନୃସିଂହ ଦତ୍ତ ପ୍ରମୁଖ ଉପସ୍ଥିତ ରହି ଭୋଟର ତାଲିକା ପ୍ରସ୍ତୁତିର ସମସ୍ତ ବୈଷୟିକ ଦିଗ ଉପରେ ଆଲୋକପାତ କରିଥିଲେ । ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଧାମନଗର ବ୍ଲକର ୩୧ ଟି ଗ୍ରାମ ପଞ୍ଚାୟତ ଓ ଏନଏସି ଅଞ୍ଚଳ ଅନ୍ତର୍ଭୁକ୍ତ ରହିଛି । ଏଠାରେ ଥିବା ସର୍ବମୋଟ ୧୮୯ ଟି ମୁଖ୍ୟ ମତଦାନ କେନ୍ଦ୍ରରେ କାର୍ଯ୍ୟ କରୁଥିବା ବୁଥ୍ ସ୍ତରୀୟ ଅଧିକାରୀ (ବିଏଓ) ଯେପରିକି ବାସନ୍ତୀ ସ୍ୱାଇଁ, ମିନତୀ ଦାସ ଏବଂ ପ୍ରେମାନନ୍ଦ ଜେନାଙ୍କ ଭଳି ଅଙ୍ଗନବାଡ଼ି କର୍ମୀ ଓ ଶିକ୍ଷକ ମାନଙ୍କ କାର୍ଯ୍ୟର ସୁପରଭିଜନ ପାଇଁ ସ୍ୱତନ୍ତ୍ର ସୁପରଭାଇଜରମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଭୋଟର ଗଣନା ଫର୍ମ (ଏଫ) ର ସଠିକ୍ ବଣ୍ଟନ ଓ ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ କଡ଼ା ଏସଓପି ଜାରି କରାଯାଇଛି । ସମସ୍ତ ବିଏଲଓ ପ୍ରତିଦିନ ଅପରାହ୍ନ ୩ ଟା ରୁ ୪ ଟା ପର୍ଯ୍ୟନ୍ତ ବାଧ୍ୟତାମୂଳକ ଭାବେ ନିଜ ନିଜ ମତଦାନ କେନ୍ଦ୍ରରେ ଉପସ୍ଥିତ ରହିବେ । ସଂଗୃହିତ ଫର୍ମଗୁଡ଼ିକୁ ସେମାନେ 'ୟୁ' (ଅନ ମେପଡ), 'ମେପଡ' ଏବଂ 'ଏଲ' (ଲଜିକାଲ ଏରର) ଆଦି ତିନୋଟି ଶ୍ରେଣୀରେ ଚିହ୍ନିତ କରି ପୃଥକ ବଣ୍ଡଲ ପ୍ରସ୍ତୁତ କରିବେ । ବିଶେଷ କରି ନାମ, ଲିଙ୍ଗ କିମ୍ବା ବୟସଗତ ଅସଙ୍ଗତି (ଏଲ- ଏ) ଏବଂ ପିତା-ମାତାଙ୍କ ସହ ବୟସର ବ୍ୟବଧାନ ଜନିତ ତ୍ରୁଟି (ଏଲ- ବି) କୁ ଚିହ୍ନଟ କରି ପଞ୍ଚନାମା କିମ୍ବା ସଂଶୋଧିତ ଦସ୍ତାବିଜ ସଂଗ୍ରହ କରିବାକୁ କୁହାଯାଇଛି ।

# ପେଟ୍ରୋଲିୟମ ସାମଗ୍ରୀ ଯୋଗାଣ ଓ ଉପଲବ୍ଧତା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା



କେନ୍ଦୁଝର,୧୦।୬(ନି.ପ୍ର): କେନ୍ଦୁଝର ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ, ବଣ୍ଟନ ଏବଂ କଳାବଜାରୀ ରୋକିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧକ୍ଷତାରେ ଜିଲ୍ଲା ସଙ୍କଟ ପରିଚାଳନା ଗୋଷ୍ଠୀର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ଭଳି ଜରୁରୀ ପେଟ୍ରୋଲିୟମ ସାମଗ୍ରୀର ସାମ୍ପ୍ରତିକ ସ୍ଥିତି ଓ ଉପଲବ୍ଧତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ବଜାରରେ ଏହି ସବୁ ସାମଗ୍ରୀର ଯେପରି କୌଣସି କୃତ୍ରିମ ଅଭାବନ ସୃଷ୍ଟି ନହୁଏ ଏବଂ ଗ୍ରାହକମାନେ ଯେପରି ସହଜରେ ପେଟ୍ରୋଲିୟମ ସାମଗ୍ରୀ ପାଇପାରିବେ ସେଥିପାଇଁ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ସଠିକ୍ ଉପଲବ୍ଧତା ନିଶ୍ଚିତ କରିବା ଏବଂ କଳାବଜାରୀ କିମ୍ବା ବେଆଇନ୍ ମହଜୁଦ ରୋକିବା ପାଇଁ ପ୍ରଶାସନ ସର୍ବଦା ସତର୍କ ରହିଛି । ଯଦି କୌଣସି ଅଞ୍ଚଳରେ ଏହି ସାମଗ୍ରୀର ଅଭାବ ଦେଖାଦିଏ କିମ୍ବା କଳାବଜାରୀ ହେଉଥିବାର ସୂଚନା ମିଳେ, ତେବେ ତୁରନ୍ତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ କିମ୍ବା ବେସାମରିକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବା ପାଇଁ ନିବେଦନ କରାଯାଇଛି । ବୈଠକରେ ବିଶେଷ ଭାବେ ହରିଚନ୍ଦନପୁର, ବାଂଶପାଳ ଏବଂ ତେଲକୋଇ ବ୍ଲକରେ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୋଲିସ ବିଭାଗ, ସିଭିଲ ସପ୍ଲାଇ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ପ୍ରତିନିଧି ଏବଂ ତେଲ କମ୍ପାନୀ (ଆଇଓସିଏଲ, ବିପିସିଏଲ, ଏଚ୍‌ପିସିଏଲ(ର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ପେଟ୍ରୋଲିୟମ ସମଗ୍ରୀର ସୁବିଧାଜନକ ବଣ୍ଟନକୁ ସୁନିଶ୍ଚିତ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# ଆମ ଗ୍ରାମରେ ଆମ ତହସିଲ କାର୍ଯ୍ୟକ୍ରମ



ଚମ୍ପୁଆ,୧୦।୬(ନି.ପ୍ର): ସରକାରଙ୍କ ପକ୍ଷରୁ ତୃଣମୂଳ ସ୍ତରରେ ଲୋକଙ୍କୁ ଦୁଆର ମୁହଁରେ ରାଜସ୍ୱ ସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ଆଜି ଝୁମ୍ପୁରା ତହସିଲ ଅଧିନସ୍ଥ ଅର୍ଶଳା ପଂଚାୟତର ଅନ୍ଧାରୀ ଖମଣ ଗ୍ରାମରେ ଆମ ଗ୍ରାମରେ ଆମ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡା, ତହସିଲଦାର ରୋହିତ କୁମାର ବାଗ, ରାଜସ୍ୱ ନିରୀକ୍ଷକ ସୁଶାନ୍ତ କୁମାର ଦିବେଦୀ, ସରକାରୀ ରାଜସ୍ୱ ନିରୀକ୍ଷିକା ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ରାଜସ୍ୱ ବିଭାଗର କାର୍ଯ୍ୟ ଉପରେ ଅଭିଯୋଗ ଶୁଣିବା ସହ ସମାଧାନ କରିଥିଲେ । ବିଶେଷ ଭାବରେ ସଂସୋଧନ, ଚିହ୍ନଟ, ଜବରଦଖଲ, ବାର୍ଦ୍ଧକ୍ୟ ଭତ୍ତା, ଏସ ଆଇ ଆର ସଚେତନତା, ପ୍ରମାଣପତ୍ର ବଂଟନ ସହିତ ଅଭିଯୋଗ ଗ୍ରହଣ କରାଯାଇଥିଲା । ଏହା ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ଜନସାଧାରଣ ଘରେ ଜମିଜମା ସଂକ୍ରାନ୍ତୟ ସେବା ପାଇପାରିବେବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି ।

# ସାର, ବିହନକୁ ନେଇ ଚିନ୍ତାରେ ଚାଷୀ



ଚମ୍ପୁଆ,୧୦।୬(ନି.ପ୍ର): କଥାରେ ଅଛି ଚାଷ ତରତର ବଣିଜ ମଠ । ମାତ୍ର ଚମ୍ପୁଆ ଲ୍ୟାଂପସରେ ଏହାର ବିପରିତ ପ୍ରତିଫଳନ ପାଇଁ ଚାଷିଙ୍କ ମଧ୍ୟରେ ଅସନ୍ତୋଷ ବଢିରାଲିଛି । ଦୂର ଦୂରାନ୍ତରୁ ଚାଷୀ ଚମ୍ପୁଆ ଲ୍ୟାମ୍ପ୍ସ ଆସି ହତାଶ ହେଉଛନ୍ତି । ଧାନ ଚାଷ ଚାଷୀର ଆର୍ଥିକ ମାନଦଣ୍ଡର ପ୍ରମୁଖତା ବହନ କରୁଥିବା ବେଳେ ଅକ୍ଷୟ ତୃତୀୟା ଠାରୁ ଅକ୍ଷୀମୁଠିର ଅନୁକୁଳ କରିଥିବା ଚାଷୀ ଧାନ ଚାଷ ପାଇଁ ଜମି ଅନୁକୁଳ କରିସାରିଥିଲେ ମଧ ଚମ୍ପୁଆ ଲ୍ୟାମ୍ପ୍ସରେ ଧାନ ବିହନ ଓ ସାରର ଦେଖା ନାହିଁ । ଫଳରେ ଚାଷୀ ସନ୍ଦିହିନ ହୋଇପଡିଥିବା ଦେଖାଯାଇଛି । ନିୟମିତ ବ୍ୟବଧାନରେ ଲ୍ୟାମ୍ପ୍ସ ଦୌଡି ଦୌଡି ଚାଷୀ ନୟାନ୍ତ ହେଉଥିବା ବେଳେ ବିଭାଗ ପକ୍ଷରୁ ସଠିକ ଉତ୍ତର ମିଳିପାରୁନାହିଁ । ସୂଚନା ଅନୁସାରେ ଚମ୍ପୁଆ ଲ୍ୟାମ୍ପ୍ସ ଅଧିନରେ କଂରଜିଆ, ଜାମୁଦଲକ ଓ ରିମୁଳି ଲ୍ୟାମ୍ପ୍ସ ଅଧିନରେ ୧୨ହଜାର ଚାଷୀ ରହିଛନ୍ତି । ଏହି ଚାଷୀ ମାନଙ୍କୁ ଲ୍ୟାମ୍ପ୍ସ ପକ୍ଷରୁ ପ୍ରତ୍ୟେକ ବର୍ଷ ସାର,ବିହନ ଯୋଗାଇ ଦିଆଯାଉଥିବା ବେଳେ ଚଳିତ ବର୍ଷ ବର୍ତମାନ ସୁଦ୍ଧା ବିହନ ଓ ସାର ଆସିନଥିବା ଏବଂ ବିଳମ୍ବରେ ବିଭାଗ ପକ୍ଷରୁ ଆବଶ୍ୟକତା ପଠାଯାଇଥିବା ଜଣାଯାଇଛି । ବିଶେଷ ଭାବରେ ଚାଷୀ ସହଭାଗି, ଏମଟିୟୁ ୧୧୫୬,୭୦୨୯, କଳାଚମ୍ପା, ଲଲାଟ, ସି.ଆର ୩୦୭ ଓ ପ୍ରତୀକ୍ଷା ଆଦି ବିହନ ଉପରେ ନିର୍ଭର କରିବା ସହ ଅଧିକ ଅମଳ ପାଇଁ ୟୁରିଆ, ପଟାସ ଏବଂ ଡିଏପି ଉପରେ ନିର୍ଭର କରିଥାନ୍ତି । ଜମି ବେଉସଣ କରି ଚାଷୀ ସାର ବିହନ ଆସିବାର ବାଟକୁ ଚାହିଁ ବସିଛନ୍ତି । ଏନେଇ ଚମ୍ପୁଆ ଲ୍ୟାମ୍ପ୍ସ ଏମଡି ରଂଜନ ନାଏକଙ୍କୁ ପଚାରିବାରୁ ବିଳମ୍ବକୁ ସ୍ୱୀକାର କରିବା ସହିତ ୨ରୁ ୩ ଦିନ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି ସୂଚନା ଦେଇଛନ୍ତି ।

# କୁଡ଼ଖଣମ ଗ୍ରାମରେ ୧୫୦.୫୦ ଏକର ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା



ପାଟଣା,୧୦।୬(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଯମୁନାପଶି ପଂଚାୟତର କୁଡ଼ଖଣମ ଗ୍ରାମରେ ବୁଧବାର ଦିନ ପ୍ରସ୍ତାବିତ ଜିନ୍ଦଲ-ପୋସ୍କୋ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପ ପାଇଁ ୧୫୦.୫୦ ଏକର ଜମି ଅଧିଗ୍ରହଣ ସମ୍ବନ୍ଧୀୟ ଗ୍ରାମସଭା ଅନୁଷ୍ଠିତ ହୋଇଛି। ଗତ କିଛି ଦିନ ଧରି ଗ୍ରାମସଭା ପ୍ରକ୍ରିୟାର ବିଳମ୍ବକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଚର୍ଚ୍ଚା ହେଉଛି। ଆୟୋଜିତ ଗ୍ରାମସଭା ସ୍ଥାନୀୟ ସରପଂଚ ଶଶିଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ରକୁମାର ପ୍ରଧାନ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ବିଡିଓ ମାନସ ରନ ଦଣ୍ଡପାଟ, ଇଡକୋ ଜମି ଅଧିଗ୍ରହଣ ଅଧିକାରୀ ଜୟ କିଶୋର ପାତ୍ର, ୱାର୍ଡ ସଦସ୍ୟମାନେ ଏବଂ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଗ୍ରାମସଭାରେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ, କ୍ଷତିପୂରଣ, ପୁନର୍ବାସ, ନିଯୁକ୍ତି ସୁଯୋଗ ଓ ସ୍ଥାନୀୟ ଅଂଚଳର ବିକାଶ ସଂପର୍କରେ ଆଲୋଚନା ହୋଇଥିଲା। ଏହିଅବସରରେ ଗ୍ରାମବାସୀମାନେ ନିଜର ବିଭିନ୍ନ ସମସ୍ୟା ଓ ଦାବି ସଂପର୍କରେ ପ୍ରଶାସନଙ୍କୁ ଅବଗତ କରାଇଥିଲେ। ମୋଟ ୪୮ଟି ଦାବିପତ୍ର ଗ୍ରାମବାସୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଜଣାପଡ଼ିଛି। ପ୍ରକଳ୍ପକୁ ନେଇ ଦୀର୍ଘଦିନ ଧରି ଅପେକ୍ଷା କରୁଥିବା ସ୍ଥାନୀୟ ଲୋକମାନେ ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସଂପର୍କିତ ଦାବି ଉଠାଇଥିଲେ। ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ଦାବିଗୁଡ଼ିକୁ ବିଚାର କରାଯିବା ସହ ଆଇନ ଅନୁଯାୟୀ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଜିନ୍ଦଲ-ପୋସ୍କୋ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପ ପାଇଁ ଗତ ଦୁଇ ବର୍ଷ ଧରି ବିଭିନ୍ନ ପର୍ଯ୍ୟାୟରେ ଗ୍ରାମସଭା ପ୍ରକ୍ରିୟା ଚାଲିଥିଲେ ମଧ୍ୟ ଏହାର ଅଗ୍ରଗତି ମନ୍ଥର ରହିଥିଲା। ଫଳରେ ସ୍ଥାନୀୟ ଅଂଚଳରେ ଅସଂୋଷ ଦେଖାଦେଇଥିଲା। ତେବେ କୁଡ଼ଖଣମ ଗ୍ରାମରେ ଗ୍ରାମସଭା ଆୟୋଜନ ହେବା ପରେ ପ୍ରକଳ୍ପ ସମ୍ପର୍କିତ ପ୍ରକ୍ରିୟା ପୁଣିଥରେ ଗତିଶୀଳ ହୋଇଥିବା ମନେ କରାଯାଉଛି। ସ୍ଥାନୀୟ ବାସିନ୍ଦାଙ୍କ ମତରେ, ଅବଶିଷ୍ଟ ପ୍ରଭାବିତ ଗ୍ରାମଗୁଡ଼ିକରେ ମଧ୍ୟ ଶୀଘ୍ର ଗ୍ରାମସଭା ସଂପନ୍ନ କରାଯାଇ ସମସ୍ତ ଆଇନଗତ ଓ ପ୍ରଶାସନିକ ପ୍ରକ୍ରିୟା ତ୍ୱରାନ୍ୱିତ କରାଗଲେ ବହୁ ପ୍ରତୀକ୍ଷିତ ଏହି ଶିଳ୍ପ ପ୍ରକଳ୍ପ ଅଂଚଳର ଆର୍ଥିକ ଓ ଶିଳ୍ପ ବିକାଶରେ ନୂଆ ଦିଗ ଖୋଲିପାରିବ।

# କଥା ସରୀତରେ ଗୀତି ତରଙ୍ଗ ପୁସ୍ତକ ଉନ୍ମୋଚିତ

ହାଟଡିହି,୧୦।୬(ନି.ପ୍ର): ହାଟଡିହି ବ୍ଲକ ସଢା ପଂଚାୟତ ମିଠିଗାଁ ଠାରେ କବୟିତ୍ରୀ ଅନ୍ନପୂର୍ଣ୍ଣା ଜେନାଙ୍କ ଲିଖିତ 'କଥା ସରୀତରେ ଗୀତି ତରଙ୍ଗ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ସାହିତ୍ୟିକ ତଥା କବି ଚତୁର୍ଭୁଜ ପହିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ପାଲା ଗାୟକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକା' ନାୟକ, ସମ୍ମାନିତ ଅତିଥି ଭାବେ ଗଣେଶ ପ୍ରସାଦ କରଶର୍ମା, କୀର୍ତ୍ତନ ଚରଣ ନାୟକ, ଜଗନ୍ନାଥ ପାତ୍ର, ମୋହନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଦୃଢ଼ ଇଛାଶକ୍ତି ହିଁ ସଫଳତା ପାଇଁ ଆଗକୁ ବାଟ କଢାଏ ବୋଲି ମତବ୍ୟକ୍ତ କରିଥିଲେ। ଯାହାକି ଅନ୍ନପୂର୍ଣ୍ଣା ଜେନାଙ୍କ ଭଳି ଗ୍ରାମାଂଚଳର ଜଣେ ଗୃହିଣୀ ପରିବାର ଜାଲ ଭିତରେ ରହି ମଧ୍ୟ ଜଗନ୍ନାଥଙ୍କ ଉଦେଶ୍ୟରେ ଅନେକ କବିତାକୁ ଏହି ପୁସ୍ତକ ମାଧ୍ୟମରେ ପରି ପ୍ରକାଶ କରିପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କବି ଦାଶରଥି ଜେନା ଓ ରମାକାନ୍ତ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ନାରାୟଣ ସାହୁ, ହେମନ୍ତ ନାୟକ, ନରହରି ପାତ୍ର, ଶଙ୍ଖାଳି ଚରଣ ରାଉଳ, ରବି ନାରାୟଣ ବିଶ୍ୱାଳ, ଜ୍ୟୋତ୍ସ୍ନା ସାହୁ, ବିଜୟା ବେହେରା, ହରିହର ସାମଲ, ପ୍ରତାପ ସେଠୀ, ଉମା ମଣି ପାଢ଼ୀ, ଭାଗବତ ସାହୁ, କୃଷ୍ଣ ଚନ୍ଦ୍ର ପଣ୍ଡା, ଶିବ ନାରାୟଣ ବିଶ୍ୱାଳ, ଅନନ୍ତ ମୁଦୁଲି, କୈଳାସ ବେହେରା, କୃପାସିନ୍ଧୁ ପଣ୍ଡିତ ପ୍ରମୁଖ କବି ଓ କବୟିତ୍ରୀ ମାନେ ନିଜ ନିଜ ସ୍ୱରଚିତ କବିତା ଆବୃତ୍ତ କରିଥିଲେ। ବିଜୟ କୁମାର ଧଳ ମଞ୍ଚ ଆବାହନ କରିଥିବା ବେଳେ ରମାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସୂର୍ଯ୍ୟ ନାରାୟଣ ଜେନା, ଜ୍ୟୋତି ରନ ଜେନା, ଦେବଶ୍ରୀ ଜେନା, ସସ୍ମିତା ଜେନା, ଶାଶ୍ୱତୀ ଜେନା, ମଳୟ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାପଘର ଲୋକଙ୍କ ଦାବି ପରେ ଡାକ୍ତରଖାନାରୁ ଫେରିଲା ମହିଳାଙ୍କ ଶବ

ହାଟଡିହି,୧୦।୬(ନି.ପ୍ର):ବାପଘର ଲୋକଙ୍କ ଦାବି ପରେ ଡାକ୍ତରଖାନାରୁ ଘରକୁ ଆସିଥିବା ମହିଳାଙ୍କ ଶବ ପୁନର୍ବାର ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ଯିବା ନନ୍ଦିପଦା ଥାନା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାରୁ ଜଣା ଯାଇଛି ଯେ ଅଁରା ପଂଚାୟତ ତୁମ୍ବାବଣୀ ପାଟଣା ଗ୍ରାମର ଭୀମସେନ ରାଉତଙ୍କ ଝିଅ ଉଷାରାଣୀ ରାଉତ କଳିଗାଁ ପଂଚାୟତ ଶାଳକଣିଆଁ ଗ୍ରାମର ଚତୁର୍ଭୁଜ ରାଉତଙ୍କ ପୁଅ ପ୍ରଦୀପକୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୧୭ବର୍ଷର ପୁଅ ଓ ୧୫ ବର୍ଷର ଝିଅ ମଧ୍ୟ ଅଛି। ଗତକାଲି କୌଣସି କାରଣରୁ ଉଷାରାଣୀ ବିଷ ପିଇଦେଇ ଥିବା କହି ପରିବାର ଲୋକେ ତାଙ୍କୁ ପ୍ରଥମେ ଶାଳଣିଆଁ ଡାକ୍ତରଖାନା ଓ ପରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନା ନେଇଯାଇ ଥିଲେ। ଚିକିତ୍ସାଧିନ ଅବସ୍ଥାରେ ଆଜି ଉଷାରାଣୀର ମୃତ୍ୟୁ ଘଟିଥିଲା। ଆଜି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ନକରି ଶବକୁ ଶାଳକଣିଆଁ ଗାଁକୁ ଆଣି ତରବରିଆ ଭାବେ ସତ୍କାର କରାଯାଉଥିବା ଶୁଣି ଉଷାରାଣୀଙ୍କ ମା ଜୟନ୍ତୀଲତା ରାଉତ ନନ୍ଦିପଦା ଥାନାକୁ ଆସି ଅଭିଯୋଗ କରିଥିଲେ। ଏପରିକି ତୁମ୍ବାବଣୀ ପାଟଣା ଗ୍ରାମର ଅନେକ ଲୋକ ଶାଳକଣିଆଁ ଗାଁରେ ପହଂଚି ପାଟିତୁଣ୍ଡ କରିଥିଲେ। ଯାହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତାଙ୍କ ଝିଅକୁ ତାର ସ୍ୱାମୀ ଓ ଦିଅର ଅନେକ ସମୟରେ ମାରପିଟି କରୁଥିବାରୁ ଝିଅର ଏପରି ମୃତ୍ୟୁକୁ ନେଇ ମା' ଜୟନ୍ତୀ ସନ୍ଦେହ ପ୍ରକାଶ କରିବା ସହିତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଂଚି ମୃତଦେହକୁ ଜବଦ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛନ୍ତି।

# ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ ପାଳିତ

କରଞ୍ଜିଆ,୧୦।୬(ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଗଣମାଧ୍ୟମ ଓ ସୂଚନା ବିଭାଗ ବିଶ୍ୱ ସମ୍ବାଦ କେନ୍ଦ୍ର, ରାଇରଙ୍ଗପୁର ଖଣ୍ଡ ପକ୍ଷରୁ କରିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଦେବର୍ଷି ନାରଦ ଜୟନ୍ତୀ ପାଳିତ ହୋଇଯାଇଛି। ସହଜିଲ୍ଲା ପ୍ରଚାର ପ୍ରମୁଖ ସତ୍ୟନାରାୟଣ ମାଝୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ କରିଆ ପ୍ରେସ କ୍ଲବ ସଂପାଦକ କର୍ଣ୍ଣାର୍ଜୁନ ସାହା ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ ସମ୍ମାନୀତ ଅତିଥି ଏବଂ ଆରଏସଏସ୍‌ର ଓଡ଼ିଶା ସହପ୍ରାନ୍ତ ପ୍ରଚାର ପ୍ରମୁଖ ମନୀନ୍ଦ୍ର ସୁନ୍ଦର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବକ୍ତାମାନେ ସମାଜ ଗଠନରେ ଗଣମାଧ୍ୟମର ଭୂମିକା, ନିଷ୍ପକ୍ଷ ସାମ୍ବାଦିକତା ଏବଂ ସଠିକ୍ ସୂଚନା ପ୍ରସାରଣର ଗୁରୁତ୍ୱ ଉପରେ ମତ ରଖିଥିଲେ। ଶୁଭମ ପରିଡା ସଂଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଭାଗବତ ଚନ୍ଦ୍ର ଦାସ, ଜିତେନ୍ଦ୍ର ରାଜ, ପାର୍ଥପ୍ରସନ୍ନ ମିଶ୍ର, ଉଦିପ୍ତ ବେହେରା, ସୁମନ୍ତ ପାତ୍ର ଏବଂ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ପ୍ରଚାର ପ୍ରମୁଖ ଅଙ୍କିତ ପାଢିଆ ଓ ଅଧ୍ୟାପକ ସିପୁନ୍ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୃଷକ ଓ ଶିଳ୍ପୀଙ୍କ ପାଇଁ ଆର୍ଥିକ ସାକ୍ଷରତା




ହାଟଡିହି,୧୦।୬(ନି.ପ୍ର): ଜଣସାଧାରଣଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ତରଫରୁ କେନ୍ଦୁଝର ଜିଲ୍ଲାର ହାଟଡ଼ିହି ଠାରେ କୃଷକ ଏବଂ ଶିଳ୍ପୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱରର ମହାପ୍ରବନ୍ଧକ ଅନିତା ପଟ୍ଟନାୟକ ବ୍ୟାଙ୍କ ଅଫ ଇଣ୍ଡିଆ ଅଂଚଳ ପ୍ରମୁଖ ଅମିତ କୁମାର ପାଲ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଅଞ୍ଚଳ ପ୍ରମୁଖ ସିତ କୁମାର ମିଶ୍ର, ଓଡିଶା ଗ୍ରାମୀଣ ବ୍ୟାଙ୍କ ଅଞ୍ଚଳ ପ୍ରମୁଖ ସତ୍ୟବ୍ରତ ନନ୍ଦ, କୃଷକ ସୂଚନା ଓ ପରାମର୍ଶ କେନ୍ଦ୍ରର ସହକାରୀ କୃଷି ଅଧିକାରୀ ଶ୍ରୀମତୀ ଅନନ୍ୟା ସିନ୍ଧୁପ୍ରିୟା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଶ୍ରୀମତୀ ପଟ୍ଟନାୟକ ନିଜ ଅଭିଭାଷଣରେ ଉପସ୍ଥିତ କୃଷକ ଏବଂ ଶିଳ୍ପୀ ବୃନ୍ଦଙ୍କୁ ନୋମିନେସନ, ଦାବିହୀନ ଜମା, ପୁନଃ-କେୱାଇସି, ସାଇବର ଠକେଇ ଇତ୍ୟାଦି ଉପରେ ଆଲୋକପାତ କରିଥିଲେ ଏବଂ ସଚେତନତା ଅବଲମ୍ବନ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ । ଏହା ସହିତ ସେ ବ୍ୟାଙ୍କ ଅଧିକାରୀ ମାନଙ୍କୁ ମଧ୍ୟ ଗ୍ରାହକଙ୍କୁ ସଠିକ ଭାବେ ସହଯୋଗ ପ୍ରଦାନକରି କାର୍ଯ୍ୟକୁ ସରଳୀକରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଓଡିଶା ଗ୍ରାମୀଣ ବ୍ୟାଙ୍କର ଅଞ୍ଚଳ ପ୍ରମୁଖ ମାନେ ଉପସ୍ଥିତ ଜନସାଧାରଣଙ୍କୁ ବିଭନ୍ନ ପ୍ରକାରର ବ୍ୟାଙ୍କ ସୁବିଧା ବିଷୟରେ ଅବଗତ କରାଇଥିଲେ। କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ (ଏଲ.ଡି.ଏମ.) ହିରାଲାଲ ମହାମଲିକ, ଅଗ୍ରଣୀ ଜିଲ୍ଲା ଅଧିକାରୀ ନିଳାଞ୍ଚଳ ସୁବୁଦ୍ଧି ଏବଂ ଜିଲ୍ଲା ବିକାଶ ପ୍ରବନ୍ଧକ (ନାବାର୍ଡ) ଡାଃ କୁରେଶ କୁମାର ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଉପସ୍ଥିତ ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ଗୁଡିକ ଉପରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ହାଟଡ଼ିହି ବ୍ଲକ ଏବଂ ଏହାର ଆଖପାଖ ଅଞ୍ଚଳର ୧୦୦ ଜଣ କୃଷକ, ଏବଂ ଶିଳ୍ପୀ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀ ମାନଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ବିଭିନ୍ନ ଆର୍ଥିକ ସଚେତନତା ବାର୍ତା ପତ୍ରିକା ମଧ୍ୟ ବଣ୍ଟନ କରଯାଇଥିଲା । ଏହା ସହ ପଞ୍ଚାୟତର ସମସ୍ତ ବ୍ୟାଙ୍କ ଶାଖା ପରିଚାଳକ ମାନେ ମଧ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଦର ଏନଜିଓର ଆନନ୍ଦପୁର ସି.ଏଫ.ଏଲ ସେଣ୍ଟର ମଧ୍ୟ ସହଯୋଗ କରିଥିଲା ।

# ଅଣ ଆବାସିକ କୃଷକ ସଚେତନତା



ରାମଚନ୍ଦ୍ରପୁର,୧୦।୬(ନି.ପ୍ର): ଘସିପୁରା ବ୍ଲକ୍ କେଶଦୁରାପାଳ ଗ୍ରାମରେ କୃଷି ବିଭାଗ ପକ୍ଷରୁ ଏକ ଅଣ ଆବାସିକ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ଶୁଭଶ୍ରୀ ନାୟକ,ସହକାରୀ କୃଷି ଅଧିକାରୀ ଶୁଭମଜ୍ୟୋତି ସାହୁ ଯୋଗ ଦେଇ ଉପସ୍ଥିତ କୃଷକ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଅବଗତ କରାଇବା ସହ ସମନ୍ୱିତ ଖାଦ୍ୟ ସାର ପରିଚାଳନା ଉପରେ ଚାଷୀ ମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ । ଅତିଥି ଭାବେ ସ୍ଥାନୀୟ ସରପଂଚ ମାନସୀ ମହାରଣା,ପୂର୍ବତନ ସରପଂଚ ପର୍ଶୁରାମ ମହାରଣା ସରକାରଙ୍କ ପକ୍ଷରୁ କୃଷି ଉପରେ ଦିଆଯାଉଥିବା ବିଭିନ୍ନ ରିହାତି ତଥା ଯୋଜନା ସଂପର୍କରେ ଅଧିକାରୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୁଖ୍ୟତଃ ଧାନ ପରବର୍ତ୍ତି ପର୍ଯ୍ୟାୟରେ ବିରି ଚାଷ ର ଉପାଦେୟ ତଥା ରୋଗ ପୋକ ସମ୍ବନ୍ଧରେ ଉପସ୍ଥିତ ଚାଷୀ ମାନଙ୍କୁ ସଚେତନ କରାଯାଇଥିଲା। ଭିଏଡବ୍ଲୁ ଜୟନ୍ତୀ ସାହୁଙ୍କ ତତ୍ତ୍ୱାବଧାନରେ ଶିବିରରେ ଅଗ୍ରଣୀ ଚାଷୀ ଉପେନ୍ଦ୍ର ସେନାପତି, ଚିଂାମଣି ସୁତାର, ଅଭିମନ୍ୟୁ ଓଝା, କୃଷ୍ଣଚନ୍ଦ୍ର ଓଝା, ପ୍ରାଣବନ୍ଧୁ ପରିଡା, ଦମଦାର ସୁତାର, ଗଣେଶ୍ୱର ଦିଆଣି, ଭଗବାନ ଓଝା, ନବ ମହାଳିକ, ଚିନ୍ତାମଣି ଓଝା, ନିର୍ମଳ ଆଚାର୍ଯ୍ୟ, ବସନ୍ତ ସେଠୀ,ତପସ୍ୱିନୀ ଓଝା, କନକଲତା ରାମ, ରଜନୀ ମହାରଣା ସସ୍ମିତା ଓଝା, ଭାରତୀ ସାହୁ,କେସଲ ଯେନା ସମେତ ଶତାଧିକ ମହିଳା ଓ ପୁରୁଷ ଚାଷି ଯୋଗ ଦେଇ ବିଭିନ୍ନ ଯୋଜନା ସଂପର୍କରେ ଅବଗତ ହୋଇଥିଲେ।

# ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍ୱାଗତ

ରାମଚନ୍ଦ୍ରପୁର,୧୦।୬(ନି.ପ୍ର): ସ୍ଥାନୀୟ ସାଇଁକୁଳ ନେହେରୁ ହାଇସ୍କୁଲରେ ଯୋଗଦାନ କରିଥିବା ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋର୍ତିମୟୀ ସିଂଙ୍କୁ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଛି। ଶ୍ରୀମତୀ ସିଂ ସାହାରପଡାସ୍ଥିତ ବିର୍ଲା ହାଇସ୍କୁଲର ସହକାରୀ ଶିକ୍ଷୟତ୍ରୀରୁ ଓଡିଶା ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ ଦ୍ୱାରା ପଦୋନ୍ନତି ପାଇ ସାଇଁକୁଳ ନେହେରୁ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଭାବେ ଅବସ୍ଥାପିତ ହୋଇଛନ୍ତି। ଆଜି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲିଲିମା ଖୁଣ୍ଟିଆଙ୍କ ଠାରୁ ନୂତନ କାର୍ଯ୍ୟଭାର ଗ୍ରହଣ କରିଛିଁ । ଦୀର୍ଘଦିନ ହେବ ଖାଲିଥିବା ବିଦ୍ୟାଳୟ ର ଏହି ପ୍ରଧାନ ଶିକ୍ଷୟିତ୍ରୀ ପଦବୀ ପୂରଣ ହୋଇଥିବାରୁ ଗାଁର ବୁଦ୍ଧିଜୀବୀ ଅନନ୍ତ ଚରଣ ସ୍ୱାଇଁ, ବ୍ରହ୍ମାନନ୍ଦ ପଟନାୟକ, ମାର୍କଣ୍ଡ ସାମଲ, ଗୋପାଳ ଚନ୍ଦ୍ର ପରିଡା, ଡ ସନତ୍ କୁମାର ରଥ, ଅଶୋକ କୁମାର ଘଡେଇ, ଦୈତାରୀ ବିଶ୍ୱାଳ ଏବଂ ତ୍ରିଲୋଚନ ପରିଡା ଖୁସି ବ୍ୟକ୍ତ କରିବା ସହ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି। ଏହି ଅବସରରେ ଅନ୍ୱେଷା ସାହିତ୍ୟ ସଂସଦ ର ସଭାପତି ଶିକ୍ଷାବିତ ଧରଣୀଧର ମହାପାତ୍ର ପଞ୍ଚସଖା ଶିକ୍ଷାସେତୁ ର ସଭାପତି କାଳନ୍ଦୀ ଚରଣ ପଟ୍ଟନାୟକ ଓ ଅବସର ପ୍ରାପ୍ତ ସୁବାଦାର ସନ୍ତୋଷ କୁମାର ସ୍ୱାଇଁ ବିଦ୍ୟାଳୟ କାର୍ଯ୍ୟାଳୟ ରେ ଉତ୍ତରୀୟ ଏବଂ ପୁଷ୍ପଗୁଛ ଦେଇ ସ୍ୱାଗତ କରିଥିଲେ। ଶ୍ରୀମତୀ ସିଂ ବିଦ୍ୟାଳୟର ପୂର୍ବ ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ସହ ବିଦ୍ୟାଳୟରେ ଶୈକ୍ଷିକ ପରିବେଶକୁ ଅଧିକ ଶୃଙ୍ଖଳିତ ଓ ମନୋଜ୍ଞ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଭୋଟର ସତ୍ୟାପନ କାର୍ଯ୍ୟକ୍ରମ



ପାଟଣା,୧୦।୬(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ରାଜନଗର ଗ୍ରାମରେ ଭୋଟର ତାଲିକାର ସଠିକତା ଏବଂ ଅଦ୍ୟତନ ପ୍ରକ୍ରିୟାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ରନ କୁମାର ନାଏକଙ୍କ ଦ୍ୱାରା ଭୋଟର ସତ୍ୟାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଇଖଡ଼ ରନ କୁମାର ନାଏକ ଗ୍ରାମର ବିଭିନ୍ନ ସାହି ଓ ୱାର୍ଡ ବୁଲି ଭୋଟରମାନଙ୍କ ସହ ସାକ୍ଷାତ କରିଥିଲେ। ସେ ଭୋଟର ତାଲିକାରେ ଥିବା ନାମ, ବୟସ, ଠିକଣା ଏବଂ ଅନ୍ୟାନ୍ୟ ବିବରଣୀର ଯାଞ୍ଚ କରିବା ସହ ନୂତନ ଯୋଗ୍ୟ ଭୋଟରମାନଙ୍କ ନାମ ଅନ୍ତର୍ଭୁକ୍ତି, ମୃତ ଭୋଟରଙ୍କ ନାମ ବାଦ ଏବଂ ତଥ୍ୟ ସଂଶୋଧନ ସଂପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଭୋଟର ତାଲିକାରେ କୌଣସି ତ୍ରୁଟି ନ ରହିବା ଏବଂ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ତାଲିକାରେ ସାମିଲ ହେବାକୁ ନିଶ୍ଚିତ କରିବା ପାଇଁ ଏହି ସତ୍ୟାପନ କାର୍ଯ୍ୟକ୍ରମ କରାଯାଇଥିବା ସେ କହିଥିଲେ। ଏଥିସହ ଭୋଟରମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାଗ ନେବା ଏବଂ ନିଜର ଭୋଟର ପରିଚୟପତ୍ର ସଂପର୍କିତ ସମସ୍ୟା ଥିଲେ ବିଏଲ୍‌ଓଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। ଗ୍ରାମବାସୀମାନେ ମଧ୍ୟ ଭୋଟର ସତ୍ୟାପନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଏବଂ ଆବଶ୍ୟକ ଦଲିଲପତ୍ର ଦେଖାଇ ସଠିକ ତଥ୍ୟ ପ୍ରଦାନ କରିଥିଲେ। ଏହି ପଦକ୍ଷେପ ଦ୍ୱାରା ଭୋଟର ତାଲିକା ଅଧିକ ସ୍ୱଚ୍ଛ ଓ ନିର୍ଭୁଲ ହେବ ବୋଲି ଆଶା କରାଯାଉଛି।

# ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା

ରାମଚନ୍ଦ୍ରପୁର,୧୦।୬(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨ ବର୍ଷ ଶାସନ କାଳ ପୂର୍ତ୍ତୀ ଅବସରରେ ମନ୍ଦିର ରେ ପୂଜାର୍ଚ୍ଚନା ସହ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଏହି ପୂଜାର୍ଚନା କରାଯାଇଥିବା ପ୍ରକାଶ କରିଛନ୍ତି ଶ୍ରଦ୍ଧାଳୁ। ବିକଶିତ ଭାରତ ଓ ଆତ୍ମନିର୍ଭର ଭାରତର ପରିକଳ୍ପନା ମୋଦୀ ଙ୍କୁ ଯଶସ୍ୱୀ କରିଛି। ଭାରତକୁ ବିଶ୍ୱ ସ୍ତରରେ ପରିଚିତ କରାଇବା ସହିତ ଭବିଷ୍ୟତରେ ବିଶ୍ୱ ଗୁରୁରେ ପରିଣତ କରିବାର ମୋଦୀଙ୍କ ଆଶା ଭଗବାନ ପୂରଣ କରନ୍ତୁ ବୋଲି ଆଶା ରଖିଛନ୍ତି କର୍ମୀ ମାନେ। ଏସବୁକୁ ନେଇ ଘସିପୁରା ବ୍ଲକ କଇଁଷିଆରୀ ପୁରାତନ ଗୌଡିୟ ମଠ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ପୂଜାର୍ଚନା କରିଛନ୍ତି ଶ୍ରଦ୍ଧାଳୁ।

# ବାଘ ଆକ୍ରମଣରେ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା

କରଞ୍ଜିଆ,୧୦।୬(ନି.ପ୍ର): ମୟୂରଭ ଜିଲ୍ଲାରେ କଲରା ପଡ଼ିଆ ବାଘ ଆକ୍ରମଣରେ ପ୍ରାଣ ହରାଇଥିବା ସାଧୁ ନାୟକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ସୁରକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ମୃତକଙ୍କ ପରିବାର ଓ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ କିଛିଟା ଆଶ୍ୱସ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ଗତ ଜୁନ ୧ ତାରିଖରେ ସାଧୁ ନାୟକଙ୍କ ମୃତ୍ୟୁ ଘଟିଥିଲା। ପ୍ରଥମେ ମ୍ୟତ୍ୟୁର କାରଣ ନେଇ ବିଭିନ୍ନ ଆଲୋଚନା ହୋଇଥିବା ବେଳେ ପରବର୍ତ୍ତି ସମୟରେ ବନବିଭାଗର ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ, ତାଙ୍କର ମୃତ୍ୟୁ ବ୍ୟାଘ୍ର ଆକ୍ରମଣ ଯୋଗୁଁ ହୋଇଛି। ବନବିଭାଗ ପକ୍ଷରୁ ଏହି ସତ୍ୟତା ପ୍ରକାଶ ପାଇବା ପରେ କ୍ଷତିପୂରଣ ଦାବି ଜୋର ଧରିଥିଲା। ଗତ ସୋମବାର ଦିନ ଅଞ୍ଚଳବାସୀ ଏବଂ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ବନବିଭାଗ କାର୍ଯ୍ୟାଳୟ ଘେରାଉ କରି ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ଜଙ୍ଗଲ ନିକଟବର୍ତ୍ତି ଗ୍ରାମଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି କରିଥିଲେ। ଲୋକଙ୍କ ଦାବି ଏବଂ ପରିସ୍ଥିତିର ଗୁରୁତ୍ୱକୁ ବିଚାରକୁ ନେଇ ରାଜ୍ୟ ସରକାର ଏହି କ୍ଷତିପୂରଣ ଘୋଷଣା କରିଛନ୍ତି। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ, ମୃତକଙ୍କ ପରିବାରକୁ ନିୟମ ଅନୁଯାୟୀ ସମୁଦାୟ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ। ସେଥିମଧ୍ୟରୁ ତୁରନ୍ତ ସହାୟତା ସ୍ୱରୂପ ୧ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ବାରିପଦା ଆଞ୍ଚଳିକ ମୁଖ୍ୟ ବନ୍ୟ ସଂରକ୍ଷକ (ଆରସିସିଏଫ୍)ଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯିବ। ଅବଶିଷ୍ଟ ଅର୍ଥ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସାରେ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ଏହି ଘଟଣା ପରେ ଜଙ୍ଗଲ ସଂଲଗ୍ନ ଅଂଚଳର ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନ୍ୟଜନ୍ତୁଙ୍କ ଚଳପ୍ରଚଳ ବୃଦ୍ଧି ପାଉଥିବାରୁ ଗ୍ରାମବାସୀମାନେ ସୁରକ୍ଷା ନେଇ ଚିନ୍ତା ପ୍ରକାଶ କରିଛନ୍ତି। ବନ୍ୟଜନ୍ତୁ ଆକ୍ରମଣ ରୋକିବା, ପାଟ୍ରୋଲିଂ ବୃଦ୍ଧି କରିବା, ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଏବଂ ସମ୍ବେଦନଶୀଳ ଅଂଚଳରେ ନିରନ୍ତର ନଜରଦାରୀ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ଘଟଣା ପୁଣିଥରେ ମଣିଷ ଓ ବନ୍ୟଜନ୍ତୁ ମଧ୍ୟରେ ବଢୁଥିବା ସଂଘର୍ଷ ପ୍ରସଙ୍ଗକୁ ସାମ୍ନାକୁ ଆଣିଛି। ବନବିଭାଗ ପକ୍ଷରୁ ମଧ୍ୟ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

# ପୂର୍ବତଟ ରେଳପଥ ଦ୍ୱାରା ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ

**ଆପଣଙ୍କ ପ୍ରିୟଜନ ଆପଣଙ୍କ ଅପେକ୍ଷାରେ ବାର୍ତ୍ତା ପ୍ରସାରଣ**




ଭୁବନେଶ୍ୱର,୧୦।୬(ନିପ୍ର): ପୂର୍ବତଟ ରେଳପଥ ପକ୍ଷରୁ ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ପାଳନ କରାଯାଇଛି। ସଚେତନତା ଅଭିଯାନର ସ୍ଲୋଗାନ ଆଜି ସତର୍କ, କାଲି ସୁରକ୍ଷିତ ସହିତ ଏହି ଦିବସ ପାଳନ କରାଯାଇଥିଲା। ଯେଉଁଥିରେ ରେଳ କ୍ରସିଂଗୁଡ଼ିକରେ ସତର୍କତା, ଧୈର୍ଯ୍ୟ ଏବଂ ଦାୟିତ୍ୱବାନ ଆଚରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାସହିତ ସମଗ୍ର ଜୋନରେ ଥିବା ଲେଭଲ୍ କ୍ରସିଂ ଗେଟ୍, ରେଳ ଷ୍ଟେସନ, ଶିକ୍ଷାନୁଷ୍ଠାନ ଏବଂ ନିକଟବର୍ତ୍ତୀ ଜନବସତିଗୁଡ଼ିକରେ ବ୍ୟାପକ ସୁରକ୍ଷା ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ରେଳବାଇ ଟ୍ରାକ୍ ଓ ଲେଭଲ୍ କ୍ରସିଂ ପାର ହେବା ସମୟରେ ସୁରକ୍ଷିତ ଅଭ୍ୟାସ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ରେଳବାଇ ଅଧିକାରୀ, ସୁରକ୍ଷା ପରାମର୍ଶଦାତା, ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀ, କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଗାଡ଼ି ଚାଳକ, ପଦଯାତ୍ରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ସାର୍ବଜନୀନ ଘୋଷଣା, ସୁରକ୍ଷା ପୁସ୍ତିକା (ପାମ୍ପଲେଟ୍) ବଣ୍ଟନ, ପୋଷ୍ଟର ପ୍ରଦର୍ଶନ, ପରାମର୍ଶ ଶିବିର, ସଚେତନତା ଶୋଭାଯାତ୍ରା, ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ବ୍ୟବହାରକାରୀଙ୍କୁ ଚେତାବନୀ ସଙ୍କେତ ଓ ଗେଟ୍ ବ୍ୟାରିୟର ମାନିବା, ରେଳ ଧାରଣା ପାର ହେବା ପୂର୍ବରୁ ଅଟକିବା, ବେଆଇନ ଭାବେ ଟ୍ରାକ୍ ପାର ନ ହେବା ଏବଂ କ୍ରସିଂ ନିକଟକୁ ଆସିବା ସମୟରେ ମୋବାଇଲ୍ ଫୋନ୍ କିମ୍ବା ଇୟରଫୋନ୍ ବ୍ୟବହାର ନ କରିବା ପାଇଁ ଶିକ୍ଷା ଦିଆଯାଇଥିଲା। ଏହି ଅଭିଯାନରେ ଆପଣଙ୍କ ପ୍ରିୟଜନ ଆପଣଙ୍କ ଅପେକ୍ଷାରେ ବାର୍ତ୍ତାକୁ ପ୍ରମୁଖ ଭାବରେ ପ୍ରସାରିତ କରାଯାଇଥିଲା। ଟ୍ରେନ୍ ହଠାତ୍ ଅଟକି ପାରିବ ନାହିଁ ଏବଂ ଦୁର୍ଘଟଣା ରୋକିବା ତଥା ଜୀବନ ରକ୍ଷା କରିବା ପାଇଁ ସୁରକ୍ଷା ନିୟମର କଠୋର ଅନୁପାଳନ ଅତ୍ୟନ୍ତ ଜରୁରୀ ବୋଲି ମନେପକାଇ ଦିଆଯାଇଥିଲା।

## ଦିଶା ବୈଠକରେ ବିକାଶମୂଳକ ପ୍ରକଳ୍ପର ସମୀକ୍ଷା

# ଶିକ୍ଷା,ସ୍ୱାସ୍ଥ୍ୟ ଓ ଯୋଗାଯୋଗ ଉପରେ ଗୁରୁତ୍ୱ




ରାୟଗଡ଼ା,୧୦।୬(ନିପ୍ର): ରାୟଗଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା) ବୈଠକ କୋରାପୁଟ ଲୋକସଭା ସାଂସଦ ତଥା କମିଟିର ସଭାପତି ସପ୍ତଗିରିଶଙ୍କର ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା, ଗୁଣପୁର ଓ ବିଷମକଟକ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲ୍ଲୀପ, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା, ପୌରାଧ୍ୟକ୍ଷ, ସରପଞ୍ଚ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସାଂସଦ ଶ୍ରୀ ଉଲାକା ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ପୂର୍ବତଟ ରେଳବାଇ ଅଧୀନରେ ଚାଲିଥିବା ଗୋପାଳପୁର--ରାୟଗଡ଼ା ନୂତନ ବ୍ରଡଗଜ୍ ପ୍ରକଳ୍ପ, ନୂଆପଡ଼ା--ଗୁଣପୁର--ଥେରୁବାଲି ଦ୍ୱୈତ ରେଳପଥ ପ୍ରକଳ୍ପ ଏବଂ କୋରାପୁଟ--ସିଙ୍ଗାପୁର ରୋଡ ଦ୍ୱୈତ ରେଳପଥ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ରାମନାଗୁଡ଼ା ପରିବର୍ତ୍ତେ ଗୁଡ଼ାରିରୁ ଟ୍ରେନ ଆରମ୍ଭ କରିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ନୂତନ ଗୁଣପୁର ରେଳ ଷ୍ଟେସନ, ସାଇ ଇଣ୍ଟରନ୍ୟାସନାଲ ନିକଟରେ ଓଭରବ୍ରିଜ ନିର୍ମାଣ, ରାୟଗଡ଼ା ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥର ବିକାଶ ଓ ଷ୍ଟେସନ ଭିତରେ ଦିବ୍ୟାଙ୍ଗ ଓ ବୟସ୍କ ଯାତ୍ରୀଙ୍କ ପାଇଁ ଇ-ଭେଇକଲ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଜାତୀୟ ରାଜପଥ-୩୨୬ ଅନ୍ତର୍ଗତ ରାୟଗଡ଼ା ସହର ଓ ଜେକେପୁର ବାଇପାସ ପ୍ରକଳ୍ପର ସ୍ଥିତି ସମୀକ୍ଷା କରାଯାଇଥିଲା। ନାଗାବଳୀ ଉପରେ ସେତୁ ନିର୍ମାଣ, ରାୟଗଡ଼ା-ଲକ୍ଷ୍ମୀପୁର ରାସ୍ତା ପ୍ରଶସ୍ତୀକରଣ, ୬୬ ଟି ବିଏସଏନଏଲ୍ ୪ଜି ଟାୱାର ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଓ ନେଟୱର୍କ, ଡେଙ୍ଗୁ ସ୍ଥିତି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଖାଲିଥିବା ଡାକ୍ତର ଓ ଆଶା କର୍ମୀ ପଦବୀ ଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।ଖାଲି ଶିକ୍ଷକ ପଦବୀ, ବଦଳି ପ୍ରକ୍ରିୟା, ଶିକ୍ଷକ ନିଯୁକ୍ତି, ପାଠପଢ଼ା ଇତ୍ୟାଦି ଉପରେ ସମୀକ୍ଷା କରାଯାଇଥିଲା। ଏହାସହିତ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ, ପିଏମ୍-ଜନମନ ପ୍ରକଳ୍ପ, ପାନୀୟ ଜଳ ସଙ୍କଟର ମୁକାବିଲା, ବୃକ୍ଷରୋପଣ, ସୋଲାର ଗ୍ରାମ, ବିଦ୍ୟୁତୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ଦିଆଯାଇଥିଲା। ସରକାରୀ ଯୋଜନାରେ ଋଣ ପ୍ରଦାନ, ଗ୍ରାମାଞ୍ଚଳରେ ବ୍ୟାଙ୍କ ଶାଖା ଓ ଏଟିଏମ୍ ସୁବିଧାର ଉପଲବ୍ଧ ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

# ଭତ୍ତା ପ୍ରଦାନ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ନାଉଗାଁ (୧୦/୦୬/୨୬): ନାଉଗାଁ ବରିଷ୍ଠ ନାଗରିକ, ବୃଦ୍ଧ ବୃଦ୍ଧା, ବିଧବା ମହିଳା ଓ ଭିନ୍ନକ୍ଷମ ଲୋକମାନଙ୍କୁ ଦୁଇ ମାସର ବକେୟା ଭତ୍ତା ତୁରନ୍ତ ପ୍ରଦାନ କରିବା ସହିତ ନୂତନ ଆବେଦନକାରୀଙ୍କୁ ଭତ୍ତା ସାଙ୍କସନ କରିବା ଦାବିରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି ସୁନୀଲ କୁମାର ମାଟିଆଙ୍କ ନେତୃତ୍ୱରେ ଏହି ଦାବିପତ୍ରଟି ଜଗତସିଂହପୁର ଜିଲ୍ଲା ପାଳଙ୍କ ଜରିଆରେ ମୋହନ ଚରଣ ମାଝୀ ଙ୍କ ନିକଟକୁ ପ୍ରେରଣ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅନୁସାରେ, ଜଗତସିଂହପୁର ସହିତ ସାରା ଓଡିଶାରେ ବହୁ ବରିଷ୍ଠ ନାଗରିକ, ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ଲୋକମାନେ ଦୀର୍ଘଦିନ ଧରି ଭତ୍ତା ପାଇ ପାରୁନାହାନ୍ତି। ବର୍ତ୍ତମାନର ପ୍ରବଳ ଗ୍ରୀଷ୍ମ ପ୍ରଭାବରେ ସେମାନେ ଜୀବନଯାପନରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ସହିତ, ନୂତନ ଭତ୍ତା ପାଇଁ ଆବେଦନ କରିଥିବା ଅନେକ ଲୋକଙ୍କ ଆବେଦନ ଏପର୍ଯ୍ୟନ୍ତ ଅନୁମୋଦନ ନହୋଇଥିବାରୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ଦାବିପତ୍ରରେ କୁହାଯାଇଛି। ଶ୍ରୀ ମାଟିଆ କହିଛନ୍ତି ଯେ, ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଜଗତସିଂହପୁର ଜିଲ୍ଲା ଗସ୍ତ ନିର୍ଦ୍ଧାରିତ ଥିବାରୁ ଏହି ଦାବିଗୁଡିକୁ ଗୁରୁତ୍ୱ ସହ ବିଚାର କରି ତୁରନ୍ତ ପୂରଣ କରିବାକୁ ସେ ଅନୁରୋଧ କରିଛନ୍ତି। ଏହା ସହିତ ଜିଲ୍ଲାରେ ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ଏବଂ ସେଥିପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ମଧ୍ୟ ଦାବି କରାଯାଇଛି। ଦାବିଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରାଯିବ ବୋଲି ସେ ସଚେତନ କରିଛନ୍ତି।

# ଭତ୍ତା ବନ୍ଦ, ବେକାରୀ ଓ ଦରବୃଦ୍ଧି ପ୍ରତିବାଦରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ



ଜୟପୁର,୧୦।୬ (ନିପ୍ର): ଭତ୍ତା ବନ୍ଦ, ଦରବୃଦ୍ଧି, ବେକାରୀ ସମସ୍ୟା ଓ ଯୁବପିଢ଼ିର ଭବିଷ୍ୟତ ପ୍ରତି ଅବହେଳା ବିରୋଧରେ ଜୟପୁରରେ କଂଗ୍ରେସ ପକ୍ଷରୁ ଏକ ବିରାଟ ଗଣବିକ୍ଷୋଭ ଓ ଉପଜିଲ୍ଲାପାଳ ଅଫିସ ଘେରାଉ କରାଯାଇଥିଲା। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଆହ୍ୱାନକ୍ରମେ ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ହଜାର ହଜାର କଂଗ୍ରେସ କର୍ମୀ, ଯୁବକ, ଛାତ୍ରଛାତ୍ରୀ, ମହିଳା ଓ ସାଧାରଣ ଜନତା ଏଥିରେ ସାମିଲ ହୋଇଥିଲେ। ବିକ୍ଷୋଭକାରୀମାନେ ଜୟପୁର ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସରକାରଙ୍କ ଜନବିରୋଧୀ ନୀତି ଓ ପ୍ରଶାସନିକ ବିଫଳତା ବିରୋଧରେ ନାରାବାଜି କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।ବକ୍ତାମାନେ ଅଭିଯୋଗ କରିଥିଲେ ଯେ ତିନି ମାସ ହେଲା ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ହିତାଧିକାରୀଙ୍କ ଖାତାକୁ ଯାଉନି। ଫଳରେ ଭତ୍ତା ଉପରେ ନିର୍ଭରଶୀଳ ଅନେକ ବୃଦ୍ଧ, ଭିନ୍ନକ୍ଷମ ଓ ବିଧବା ମହିଳା ଆର୍ଥିକ ସଙ୍କଟରେ ଜୀବନଯାପନ କରୁଛନ୍ତି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ସାଧାରଣ ଲୋକଙ୍କ ଉପରେ ଅତିରିକ୍ତ ବୋଝ ସୃଷ୍ଟି କରିଥିବା ବେଳେ ବେକାରୀ ସମସ୍ୟା ଯୁବପିଢ଼ିଙ୍କୁ ଚିନ୍ତାରେ ପକାଇଛି। ନିଯୁକ୍ତି ପ୍ରକ୍ରିୟାରେ ଅବ୍ୟବସ୍ଥା, ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଯୁବ ସମାଜର ବିଶ୍ୱାସକୁ ଦୁର୍ବଳ କରିଦେଇଛି। କଂଗ୍ରେସ ନେତାମାନେ କହିଥିଲେ ଯେ, ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ସରକାର ଉଦାସୀନ ମନୋଭାବ ପ୍ରଦର୍ଶନ କରୁଛନ୍ତି। ବିଧାୟକ ଶ୍ରୀ ବାହିନୀପତିଙ୍କ ନେତୃତ୍ୱରେ ଉପଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ବୃକ୍ଷରୋପଣ କରି ପରିବେଶ ଦିବସ ପାଳିଲା ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍

ସମ୍ବଲପୁର,୧୦।୬(ନିପ୍ର): ଜେଏସଡବ୍ଲ୍ୟୁ ଜେଏଫଇ ଷ୍ଟିଲ୍ ଲିମିଟେଡ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ--୨୦୨୬ ଅବସରରେ ବୃକ୍ଷରୋପଣ, ସଚେତନତା ଓ ସ୍ଥାୟୀ ବିକାଶମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜୁନ୍ ୧ରୁ ୫ ତାରିଖ ପର୍ଯ୍ୟନ୍ତ କାରଖାନା ପରିସର, ଟାଉନଶିପ୍ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେଉତ୍ସବ ପାଳନ କରା ଯାଇଥିଲା। ଏଥିରେ କର୍ମଚାରୀ,




ଛାତ୍ରଛାତ୍ରୀ ଓ ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରିଥିଲେ। ପରିବେଶ ସୁରକ୍ଷା ଓ ସଚେତନତା ବୃଦ୍ଧି ଲକ୍ଷ୍ୟରେ କୁଇଜ୍, ଚିତ୍ରାଙ୍କନ, ସ୍ଲୋଗାନ ଲେଖନ ଓ ପୋଷ୍ଟର ପ୍ରତିଯୋଗିତା ଆୟୋଜନ କରା ଯାଇଥିଲା। 'ଏକ ପେଡ଼ ମା' କେ ନାମ' ଅଭିଯାନରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କର୍ମଚାରୀ ଓ ସ୍ଥାନୀୟ ଲୋକେ ସହଯୋଗ କରିଥିଲେ। ସମାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁରସ୍ଥ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ଏସ୍‌ଏନ୍ ନନ୍ଦ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ସାମୂହିକ ପ୍ରୟାସ ଓ ସ୍ଥାୟୀ ଜୀବନ ଶୈଳୀ ଆପଣାଇବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଜୁନ୍ ୪ରେ 'ସ୍ଥାୟୀ କୃଷି ପ୍ରୟୋଗରେ ଶିଳ୍ପ ଉପଉତ୍ପାଦର ବ୍ୟବହାର' ଶୀର୍ଷକ ଏକ ବୈଷୟିକ କର୍ମଶାଳା ଆୟୋଜିତ ହୋଇଥିଲା। କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଡ. ରୁବିନା ଖାନମ ମୁଖ୍ୟ ବକ୍ତା ଭାବେ ଓ ପ୍ରଧାନ ବୈଜ୍ଞାନିକ ଡ. ପ୍ରତାପ ଭଟ୍ଟାଚାର୍ଯ୍ୟ ଭର୍ଚୁଆଲ୍ ମାଧ୍ୟମରେ କୃଷି କ୍ଷେତ୍ରରେ ଶିଳ୍ପ ଉପଉତ୍ପାଦର ଉପଯୋଗିତା ଓ ସମ୍ବଳର ସଦୁପଯୋଗ ନେଇ ଆଲୋଚନା କରିଥିଲେ । ଏହି ପଦକ୍ଷେପ 'ଆତ୍ମନିର୍ଭର ଭାରତ' ଅଭିଯାନ ସହ ସାମଞ୍ଜସ୍ୟ ରଖି ସାର ଆମଦାନୀ ହ୍ରାସ, ବୈଦେଶିକ ମୁଦ୍ରା ସଂରକ୍ଷଣ, ଚକ୍ରାକାର ଅର୍ଥନୀତିର ପ୍ରୋତ୍ସାହନ ଏବଂ ପରିବେଶୀୟ ସ୍ଥିରତା ବୃଦ୍ଧିରେ ସହାୟକ ହେବ ବୋଲି ବକ୍ତାମାନେ କହିଥିଲେ।

# ପାଣି ପାଇଁ ତାତିଲେ ମହିଳା ଗରା ହାଣ୍ଡି ଧରି ରାସ୍ତା ଅବରୋଧ



ଲକ୍ଷ୍ମୀପୁର,୧୦।୬ (ନିପ୍ର): କୋରାପୁଟ ଜିଲ୍ଲା ନାରାୟଣପାଟଣା ସଦର ଅଞ୍ଚଳ ଖଣ୍ଡିଆ ସାହିରେ ଦୀର୍ଘ ଦିନ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟାକୁ ସୃଷ୍ଟି ହୋଇଥିବା ଅସନ୍ତୋଷ ତୀବ୍ର ହୋଇଛି। ଜଳ ଯୋଗାଣରେ ଅବହେଳା ଏବଂ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ସ୍ଥାୟୀ ସମାଧାନ ନ ହେବା ପ୍ରତିବାଦରେ ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ଗରା, ହାଣ୍ଡି ଓ ବାଲ୍ଟି ଧରି ଶତାଧିକ ମହିଳା ରାସ୍ତା ଅବରୋଧ କରିଛନ୍ତି। ଫଳରେ ଦୀର୍ଘ ସମୟ ଧରି ଯାତାୟାତ ବ୍ୟାହତ ହେବା ସହିତ ଉଭୟ ପାର୍ଶ୍ୱରେ ଗାଡ଼ିମୋଟରର ଲମ୍ବା ଧାଡ଼ି ଲାଗିଥିଲା। ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନ ଧରି ଅଞ୍ଚଳରେ ପାନୀୟ ଜଳ ସଙ୍କଟ ଲାଗି ରହିଛି। ମହିଳାମାନେ ଦୂରଦୂରାନ୍ତରୁ ପାଣି ସଂଗ୍ରହ କରୁଛନ୍ତି। ଖବର ପାଇ ବିଭାଗୀୟ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପ୍ରତିବାଦକାରୀଙ୍କ ସହ ଆଲୋଚନା କରିଥିଲେ। ଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଅବରୋଧ ପ୍ରତ୍ୟାହାର କରିଥିଲେ। ତେବେ ପାଣି ଭଳି ମୌଳିକ ସୁବିଧା ପାଇଁ ରାସ୍ତାକୁ ଓହ୍ଲାଇବାକୁ ପଡ଼ୁଥିବା ଘଟଣା ପ୍ରଶାସନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପିଏମ୍ ସୁରକ୍ଷିତ ମାତୃତ୍ୱ ଅଭିଯାନ

# ୧୦୦ ମହିଳାଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ



ନାଉଗାଁ,୧୦।୬(ନିପ୍ର): ଜଗତସିଂହପୁର ଜିଲ୍ଲା ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ୧୦ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡାକ୍ତର ଚିଦ୍ ଭୂଷଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏ.ଡି.ପି.ଏଚ୍.ଓ ଡାକ୍ତର ପ୍ରମୋଦ କୁମାର ବାରିକ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ମୁଖ୍ୟ ବିଶେଷତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବି.ପି.ଏମ୍ ତନ୍ମୟ କୁମାର ପରିଡ଼ା ସୁଚାରୁ ରୂପେ ପରିଚାଳନା କରିଥିଲେ।ଏହି ଅବସରରେ ପ୍ରାୟ ୧୦୦ ଜଣ ଗର୍ଭବତୀ ମହିଳା ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ ଏବଂ ସେମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ବିଷୟରେ ସାଧାରଣ ଜନତା ଏବଂ ଗର୍ଭବତୀ ମହିଳାମାନଙ୍କୁ ସଚେତନ କରିବା ପାଇଁ ପାଲା ପରିବେଷଣ ମାଧ୍ୟମରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇଥିଲା।

# ୨୦୦୪ମାଟ୍ରିକ ବ୍ୟାଚ ପକ୍ଷରୁ ବନ୍ଧୁ ମିଳନ



ଜଗତସିଂହପୁର ,୧୦/୬(ନି ପ୍ର )ବାଲିକୁଦା ବ୍ଲକ ମୁଲୁଗାଁ ସ୍ଥିତ ମୁକ୍ତେଶ୍ୱର ପଞ୍ଚାୟତ ରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୦୪ମାଟ୍ରିକ ବ୍ୟାଚ ପକ୍ଷରୁ ବନ୍ଧୁ ମିଳନ ଉତ୍ସବ ମହାସମାରୋହ ଅନୁଷ୍ଠିତ ହୋଇଯାଇଛି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଦାସ ଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ଏଥିରେ ପୁରାତନ ଶିକ୍ଷକ ପ୍ରତାପ ପରିଡା , ମହେନ୍ଦ୍ର ରାଉତ, ମନୋରଞ୍ଜନ ସାହୁ, ପୀତବାସ , ଭଗବାନ ନାୟକ, ଅରୁଣ ମହାରଣା, ଶିବପ୍ରସାଦ ରାଉତ,ପ୍ରମୁଖ ଙ୍କୁ ପୁରାତନ ଛାତ୍ର ଛାତ୍ରୀ ମାନଙ୍କ ତରଫରୁ ଉତ୍ତରୀୟ,ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଥିଲା ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ପୁରାତନ ଛାତ୍ର ଛାତ୍ରୀମାନଙ୍କ ର ସ୍ନେହ, ଶ୍ରଦ୍ଧା, ଏବଂ ଭଲ ପାଇବାର ଗୁରୁ ଶିଷ୍ୟ ପରମ୍ପରା ଏବଂ ଚରିତ୍ର ଗଠନ ସମ୍ପର୍କ ରେ ଉଦବୋଧନ ଦେଇଥିଲେ ଏହି କାର୍ଯ୍ୟକ୍ରମ କୁ ବାପି,ସିଲୁ, ଜିତୁ, ଆଲୋକ, ସଞ୍ଜୟ, ଜଗନ,ଫେଲୁ,ସୁଧିର, ରଞ୍ଜନ,ମହନ୍ତ,ପିଙ୍କି,ମାମା, ଲିଲି,ପିଲୁ,ମିନା, ରୋଜି, ରୁନି, ଜଗନ୍ନାଥ, ସୁର୍ଯ୍ୟ କାନ୍ତ,ବୁଲୁ, ପପୁ,ଚିନୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ବଣଭୋଜି ବେଳେ ଡାଳ ପଡ଼ି ମହିଳାଙ୍କ ମୃତ୍ୟୁ

କୋରାପୁଟ,୧୦।୬(ନିପ୍ର): କୋରାପୁଟରେ ବଣଭୋଜି ବେଳେ ଘଟିଛି ଏକ ଦୁଃଖଦ ଅଘଟଣ। କାଳବୈଶାଖୀ ଯୋଗୁଁ ଗଛର ଏକ ବଡ଼ ଡାଳ ଭାଙ୍ଗି ପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି।ର ସାହୁଙ୍କ ପରିବାର ଆଜି ଅପରାହ୍ଣରେ ଦୟାନିଧିଗୁଡ଼ା ନିକଟ ଜଙ୍ଗଲକୁ ବଣଭୋଜି ପାଇଁ ଯାଇଥିଲେ। ଖାଇବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ହଠାତ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ହୋଇ ଏକ ବିରାଟ ଡାଳ ଭାଙ୍ଗି ସୁଶାନ୍ତ କୁମାର ସାହୁଙ୍କ ସ୍ତ୍ରୀ ଅମ୍ବିକା ସାହୁ(୩୫)ଙ୍କ ଉପରେ ପଡ଼ିଥିଲା। ଅମ୍ବିକା ଅଚେତ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ କୋରାପୁଟ ହସପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏଭଳି ଅଘଟଣ ପରିବାରବର୍ଗଙ୍କୁ ସ୍ତବ୍ଧ କରିଦେଇଛି। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ କାଉନସିଲର ସନ୍ଧ୍ୟାରାଣୀ ଜେନା ହସ୍ପିଟାଲ ଯାଇ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଶୋକ ବ୍ୟକ୍ତ କରିଛନ୍ତି।

# ଘୁଟନାରେ ଖୋଲିଲା ନୂଆ ଅଙ୍ଗନବାଡି କେନ୍ଦ୍ର



ରାୟଗଡ଼ା:୧୦।୦୬(ନି.ପ୍ର): ଦୁଇ ଦୁଇଟି ବିଡିଓଙ୍କ ଅମଳ ରେ ଯାହା ସମ୍ଭବ ହୋଇ ପାରି ନଥିଲା ସେହି କାର୍ଯ୍ୟ କୁ ବାସ୍ତବତା ର ରୂପ ଦେବାରେ ସକ୍ଷମ ହୋଇଛନ୍ତି ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପଟନାୟକ ଏବଂ ତାଙ୍କ ବୈଷୟିକ ଦଳ ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଦାୟିତ୍ୱ ଗ୍ରହଣ କରିବା ପରେ ଅଙ୍ଗନବାଡି କେନ୍ଦ୍ର ଗୁଡିକର ସମୀକ୍ଷା ସହ ଜିଲ୍ଲା ମଧ୍ୟରେ ଅସମ୍ପୂର୍ଣ ତଥା ଆଦୌ କାମ ନ ହୋଇ ପଡିରହିଥିବା କେନ୍ଦ୍ର ଗୁଡିକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ ଯାହାପରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ ଏଭଳି ଗୁରୁତ୍ୱ ପୁର୍ଣ ପ୍ରକଳ୍ପ ଗୁଡିକର ଯଥା ସ୍ଥିତି ସମ୍ପର୍କୀୟ ବିବରଣୀ ନିୟମିତ ଭାବେ ସମୀକ୍ଷା କରି ଯୁଦ୍ଧ କାଳୀନ ଭିତ୍ତି ରେ ପ୍ରକଳ୍ପ କାମ ସବୁ ସାରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି ଯାହାର ପରିଣାମ ସ୍ୱରୂପ ୨୦୨୧-୨୨ ଆର୍ଥିକ ବର୍ଷ ରେ ବିଷମକଟକ ବ୍ଲକ ସ୍ଥିତ ରାସକୋଲା ପଞ୍ଚାୟତ ଅନ୍ତର୍ଗତ ଘୁଟନା ଗ୍ରାମ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ରେ ଅନୁମୋଦିତ ହୋଇଥିବା ଅଙ୍ଗନୱାଡି ପ୍ରକଳ୍ପ ଟି ଆଜି ସମ୍ପୂର୍ଣ ହୋଇପାରିଥିବା ଜଣାପଡିଛି ଏହି ଅବସରରେ ବିଷମକଟକ ବିଡିଓ ଶିବ ପଟନାୟକ, ସିଡିପିଓ ସାଗରୀକା ସାହୁ, ଅତିରିକ୍ତ ସହକାରୀ ଯନ୍ତ୍ରୀ ରମେଶ ସାହୁ, ଯନ୍ତ୍ରୀ ସାଗର ଗୌଡ଼ ସରପଞ୍ଚ ରିତା ବ୍ରେଡ଼େକା, ଏବଂ ଅନ୍ୟାନ୍ୟ ପଞ୍ଚାୟତ ପ୍ରତିନିଧି ଙ୍କ ଉପସ୍ଥିତି ରେ ଏହାର ଶୁଭ ଉଦ୍‌ଘାଟନ କରାଯାଇଥିଲା

# ବିଜାତଳା ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା




ରାଇରଙ୍ଗପୁର/ବିଜାତଳା,୧୦/୬(ନିପ୍ର): ମୟୂରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ବିଜାତଳା ଲ୍ୟାମ୍ପର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଅନିରୁଦ୍ଧ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଏସଏ ଆର୍‌ସିଏସ ମନୋରଞ୍ଜନ ବେହେରା, ସମ୍ମାନୀୟ ଅତିଥି ଭାବେ ମୟୂରଭଞ୍ଜ ସମବାୟ ବ୍ୟାଙ୍କ ବିଶୋଇ ଶାଖାର ପରିଚାଳକ ମାନସ ରଞ୍ଜନ ଘୋଷ, ଲ୍ୟାମ୍ପ ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ବେଶ୍ରା ପ୍ରମୁଖ ଲ୍ୟାମ୍ପର ବହୁମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହିତ ଲ୍ୟାମ୍ପ ସଙ୍ଗେ ଜଡିତ ରହି ସରକାରୀ ସହାୟତାର ଲାଭ ଉଠାଇବା ଏବଂ ଉନ୍ନତ ପଦ୍ଧତିରେ ଚାଷ କରି ସ୍ୱାବଲମ୍ବୀ ହେବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲ୍ୟାମ୍ପ ପରିଚାଳନା ସମିତିର ଉପଦେଷ୍ଟା ବୁଦ୍ଧାନ ଟୁଡୁ, ମହିରାମ ବେହେରା, ଗୋପାଳ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଲ୍ୟାମ୍ପ କର୍ମଚାରୀ ସଞ୍ଜୟ କୁମାର ବେହେରା, କ୍ଷୀରୋଦ ଧଳ, ଇନ୍ଦୁଭୂଷଣ ନନ୍ଦ, ରାମଜୀତ ବେଶ୍ରା, ଶଙ୍କର ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲ୍ୟାମ୍ପ ପରିଚାଳକ ଭାଗୀରଥି ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନଶୁଣାଣିର ଦ୍ୱାରସ୍ଥ ହେଲେ ଭତ୍ତାରୁ ବଞ୍ଚିତ ୩ ବିଧବା



ରାଇରଙ୍ଗପୁର/କୁସୁମି, ୧୦।୬(ନିପ୍ର): କୁସୁମୀ ବ୍ଲକ ଅନ୍ତର୍ଗତ ତଳକପୋଖରୀ ପଞ୍ଚାୟତ କଣ୍ଟାସୋଲା ଗ୍ରାମର ପାର୍ବତୀ ସୋରେନ, ସୀମା ହାଁସଦା ଓ ଜବା ମୁର୍ମୁ ବିଧବା ଭତ୍ତା ପ୍ରଦାନ ଦାବିରେ ବାମନଘାଟି ଉପଖଣ୍ଡସ୍ତରୀୟ ଜନଶୁଣାଣିରେ ଆବେଦନ କରିଛନ୍ତି। ସେମାନଙ୍କ ଅଭିଯୋଗ, ଦୀର୍ଘଦିନ ହେଲା ଆବେଦନ କରି ସୁଦ୍ଧା ବିଧବା ଭତ୍ତା ପାଇନାହାନ୍ତି। ଜନଶୁଣାଣିରେ ଉଠିଥିବା ଏହି ଅଭିଯୋଗ ଉପରେ ପ୍ରଶାସନ ଶୀଘ୍ର ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ସୁବିଧା ଯୋଗାଇଦେବ ବୋଲି ସାଧାରଣରେ ଆଶା ପ୍ରକାଶ ପାଇଛି।

# ଆଦିବାସୀଙ୍କ ଧନ ଲକ୍ଷ୍ମୀ ପୂଜା ପାଳିତ

ବନ୍ଧୁଗାଁ, ୧୦।୬(ନିପ୍ର): କୋରାପୁଟ ଜିଲ୍ଲାର ଆଦିବାସୀମାନେ ବର୍ଷକ ୧୨ ମାସ ପରମ୍ପରା ଅନୁଯାୟୀ ପର୍ବପର୍ବାଣି ପାଳନ କରିଥାନ୍ତି। ପରମ୍ପରା ଅନୁଯାୟୀ ଆଲମଣ୍ଡା ପଞ୍ଚାୟତର କିଛି ଗ୍ରାମରେ ଧନ ଲକ୍ଷ୍ମୀ ପୂଜା ପାଳିତ ହୋଇଛି। ରାମଚନ୍ଦ୍ରପୁର ଗାଁର ଆଦିବାସୀମାନେ କୁଳ କୁଟୁମ୍ବଙ୍କୁ ନେଇ ପୂଜା କରିଥିଲେ। ଏହି ପୂଜା ମୁଖ୍ୟତଃ ବର୍ଷା ଆରମ୍ଭରେ ହୋଇଥାଏ। ପରିବାରରେ କୌଣସି ରୋଗ ଦୁଃଖ କଷ୍ଟ, ବିପଦ ନ ଆସିବା ଓ ଅଯଥା ଧନବ୍ୟୟ ନ ହେବା ପାଇଁ ସମସ୍ତ ପରିବାର ଲକ୍ଷ୍ମୀ ପୂଜା କରିଥିଲେ। ଘରେ ରୋଷେଇ ହୋଇଥିବା ଭାତ ଓ ଅନ୍ୟାନ୍ୟ ସାମଗ୍ରୀକୁ ନେଇ ଗ୍ରାମ ସୀମାରେ ଜାନି, ଦିଶାରି, ପେଜେଣି ଓ ପୂଜକ ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ଗାଁର ମୁଖିଆ ନିକଟସ୍ଥ ନଦୀ କିମ୍ବା ଝରଣାରେ ଗାଧୋଇ ଘରକୁ ଫେରନ୍ତି। ଏଥିପରେ ଗାଁରେ ମାଁଙ୍କ ନାମରେ ଭୋଜିଭାତ କରାଯାଇ ଏକତ୍ର ଭୋଜନ କରାଯାଇଥାଏ।



# କଂଗ୍ରେସ କର୍ମୀଙ୍କ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା




କୁଜଙ୍ଗ,୧୦/୬(ନିପ୍ର): ନବ ନିର୍ବାଚିତ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ(ମୁନା) ଦାୟିତ୍ୱ ଗ୍ରହଣ କରିବା ପରେ ଚଳଚଞ୍ଚଳ ହୋଇ ଉଠିଛନ୍ତି ତୃଣମୂଳ ସ୍ତରରେ ଥିବା ଦଳୀୟ କର୍ମୀ। ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଦେବା ଅବସରରେ ସ୍ଥାନୀୟ ମୁକ୍ତେଶ୍ୱର ମଣ୍ଡପରେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ଦେବ ପ୍ରସାଦ ନାୟକ, ପାରାଦୀପ ନିର୍ବାଚନମଣ୍ଡଳୀର ଦଳୀୟ ବିଧାୟକ ପାର୍ଥୀ ନିରଞ୍ଜନ ନାୟକ, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ତଥା ଯୁବ ସଂଗଠକ ବିରେନ୍ ଦଳେଇ, ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ବିଶ୍ୱାଳ, ଛାତ୍ର ନେତା ସୌମ୍ୟରଞ୍ଜନ ରାଉତ, ନେତ୍ରୀ ମଞ୍ଜୁଲତା ରାଉତ ପ୍ରମୁଖ ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହିତ ରାଜ୍ୟ ସଭପତି ଭକ୍ତ ଦାସଙ୍କ ହାତ ମୁଠା ଟାଣକରି ଆଗାମୀ ଦିନରେ କଂଗ୍ରେସକୁ କ୍ଷମତାସୀନ କରିବାକୁ ଆହ୍ୱାନ ଦେଇଥିଲେ। ବିଶ୍ୱନାଥ ମଲ୍ଲିକ, ବିପିନ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫିଫା ବିଶ୍ୱକପ୍ ଟ୍ରଫି ସବୁଠାରୁ ଦାମୀ

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ବର୍ତ୍ତମାନର ଫିଫା ଫୁଟବଲ ବିଶ୍ୱକପ୍ ଟ୍ରଫିର ମୂଲ୍ୟ ବିଶ୍ୱର ଅନ୍ୟ ଯେକୌଣସି କ୍ରୀଡା




ଇଭେଣ୍ଟର ଟ୍ରଫି ଠାରୁ ଅଧିକ ଦାମୀ। ଫିଫା ବିଶ୍ୱକପ୍ ଟ୍ରଫି ୧୮–କ୍ୟାରେଟ୍ ସୁନାରେ ତିଆରି । ଏହାର ଓଜନ ୬ କିଲୋଗ୍ରାମ। ଫିଫା ଟ୍ରଫିର ମୂଲ୍ୟ ପ୍ରାୟ ୨୦ ମିଲିୟନ ଆମେରିକୀୟ ଡଲାର (ପ୍ରାୟ ‘‘୧୯୦ କୋଟି)। ଦିନିକିଆ ୍ ବିଶ୍ୱକପ୍ ଟ୍ରଫି ବିଶ୍ୱର ସବୁଠାରୁ ମହଙ୍ଗା କ୍ରୀଡା ଟ୍ରଫି ମଧ୍ୟରେ ୭ମ ସ୍ଥାନରେ ଅଛି।ଏହି ଟ୍ରଫି ୬୦ ସେଣ୍ଟିମିଟର ଲମ୍ବା ଓ ସୁନା ଏବଂ ରୂପାରେ ତିଆରି। ଟ୍ରଫି ଉପରେ ରଖାଯାଇଥିବା ଗ୍ଲୋବ୍ ମଧ୍ୟ ସୁନାରେ ତିଆରି। ଏହି ଟ୍ରଫିର ଓଜନ ପ୍ରାୟ ୧୧ କିଲୋଗ୍ରାମ ଏବଂ ମୂଲ୍ୟ ପ୍ରାୟ ୩୦,୦୦୦ ଡଲାର (ପ୍ରାୟ ୨୫ ଲକ୍ଷ ଟଙ୍କା)। ସୂଚନା ଯୋଗ୍ୟ ଯେ ଫିଫା ବିଶ୍ୱକପ୍ ଏବଂ କ୍ରିକେଟରେ ଦିନିକିଆ ବିଶ୍ୱକପ୍ ବିଜେତା ଦଳଗୁଡ଼ିକୁ ପ୍ରକୃତ ଟ୍ରଫି ପ୍ରଦାନ କରାଯାଏ ନାହିଁ। ଉଭୟ ଖେଳର ବିଜେତା ଦଳଗୁଡ଼ିକୁ ପ୍ରତିକୃତି ଟ୍ରଫି ପ୍ରଦାନ କରା ଯାଇଥାଏ। ଫିଫାର ପ୍ରକୃତ ଟ୍ରଫି ସ୍ୱିଜରଲାଣ୍ଡର ଜୁରିକ ସ୍ଥିତ୍ ମୁଖ୍ୟା କାର୍ଯ୍ୟାଳୟରେ ରଖାଯାଇଛି। ସେହିପରି ଦିନିକିଆ କ୍ରିକେଟ ବିଶ୍ୱକପ୍ ଟ୍ରଫି ଦୁବାଇର ଏକ ସଂଗ୍ରହାଳୟରେ ରହିଛି।

# ୧୩ରୁ କବାଡି ଓ ଟଗ୍ ଅଫ ୱାର ଚାମ୍ପିଅନସିପ: ଭାଗନେବେ ୧୬ ଦଳ

## ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଆକର୍ଷଣୀୟ ଅର୍ଥ ପୁରସ୍କାର



ଭୁବନେଶ୍ୱର,୧୦।୬( ନି.ପ୍ର): ରଜ ପର୍ବ ଉପଲକ୍ଷେ ପାରମ୍ପରିକ କ୍ରୀଡାକୁ ପ୍ରୋତ୍ସାହିତ କରିବା ସହ ଏହାର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ବିଚିତ୍ର ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆସନ୍ତା ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଉପକଣ୍ଠ ମଦନପୁର ହାଇସ୍କୁଲ ପଡିଆରେ ଆୟୋଜିତ ହେବ ଜାତୀୟ ସ୍ତରର କ୍ରୀଡା ପ୍ରତିଯୋଗିତା କବାଡି ଓ ଟଗ୍ ଅଫଓ୍ୱାର ଚାମ୍ପିଅନସିପ । କବାଡି ଏବଂ ଟଗ ଅଫ ୱାରରେ ଉଭୟ ପୁରୁଷ ଓ ମହିଳା ଦଳ ଭାଗ ନେବେ । ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ଆକର୍ଷଣୀୟ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ। କବାଡିରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିବାକୁ ଥିବା ଦଳ ଗୁଡିକ ହେଲେ ଜଟଣୀ, ୱାନ ଭଏସ, ଜୟ ଓଡିଶା ଆସ୍କା, ପଟ୍ଟନାୟକ, ଜିଏନଏସଓ,ସମ୍ବଲପୁର, କିଟ, ରେନବୋ, ନୂଆପଡା, କଳିଙ୍ଗ ଷ୍ଟାଡିୟମ ଓ ଆରଏସପି ଏବଂ ରାଜ୍ୟ ବାହାରୁ ଛତିଶଗଡ଼, ହରିଆନା, ଭୋପାଳ ଓ କୋଲକାତା ପୁଲିସ ଦଳ ରହିଛନ୍ତି । ସମାନ ସଂଖ୍ୟକ ଦଳ ଟଗ ଅଫ ୱାରରେ ସାମିଲ ହେବେ ।ପୁରୁଷ ବିଭାଗରେ ଚାମ୍ପିଅନ ଦଳକୁ ୫୦ ହଜାର ଓ ରନର୍ସ ଅପ ଦଳକୁ ୩୦ ହଜାର ଲେଖାଏଁ ପ୍ରଦାନ କରାଯିବ। ସେହିପରି ମହିଳା ବିଭାଗରେ ଚାମ୍ପିଅନ ଟିମ୍ ୩୦ ହଜାର ଓ ରନର୍ସ ଅଫ ଦଳକୁ ୨୦ ହଜାର ଟଙ୍କା ମିଳିବ।

ପ୍ରତିଯୋଗିତାର ପ୍ରତ୍ୟେକ ଦିନ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେବେ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ କ୍ରୀଡା ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି । ବୁଧବାର ଏହି ଉପଲକ୍ଷେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁରୀ ଶ୍ରୀମନ୍ଦିରେ ବିରାଜିତ ମା ଭଗବତୀ ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ବିଚିତ୍ର ଚାରିଟେବୁଲ ଟ୍ରଷ୍ଟର ଆବାହକ ଅର୍ଦ୍ଧେନ୍ଦୁ ଦାସ, ମଦନପୁର ପଞ୍ଚାୟତ ରଜ ମହୋତ୍ସବର ସଭାପତି ପ୍ରଫେସର ଛେନୁ ଶେଖର ପଟ୍ଟନାୟକ, ବିଚିତ୍ର ଚାରିଟେବୁଲ ଟ୍ରଷ୍ଟର ସାଧାରଣ ସମ୍ପାଦକ ଅଜୟ ସାହୁ, ମହାରଣା ବୀରବର ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ କାହ୍ନୁଚରଣ ମିଶ୍ର, ଏମ୍ବର ପୂର୍ବତନ ଡିରେକ୍ଟର୍ ଅଫ ଆକାଉଣ୍ଟାଣ୍ଟ ଜ୍ଞାନରଞ୍ଜନ ସାହୁ ଏବଂ ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ୍ତ କୁମାର ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଟେନିସ କୋର୍ଟକୁ ପୁଣି ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଜିତିଲେ ସେରେନା



ଲଣ୍ଡନ,୧୦।୬(ଏଜେନ୍ସି): ଆମେରିକୀୟ ମହିଳା ଟେନିସ ତାରକା ତଥା ୨୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ସେରେନା ୱିଲିୟମ୍ସ ୪ ବର୍ଷ ପରେ ପେସାଦାର ଟେନିସ୍ କୋର୍ଟକୁ ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଛନ୍ତି। ଲଣ୍ଡନର କୁଇନ୍ସ କ୍ଲବରେ ଅନୁଷ୍ଠିତ ଏକ ପ୍ରତିଯୋଗିତାର ମହିଳା ଡବଲ୍ସ ମ୍ୟାଚରେ ୪୪ ବର୍ଷୀୟା ୱିଲିୟମ୍ସ କାନାଡ଼ାର ୧୯ ବର୍ଷୀୟା ଉଦୀୟମାନ ତାରକା ଭିକ୍ଟୋରିଆ ଏମ୍ବୋକୋଙ୍କୁ ସାଥୀ କରି ୭–୬, ୬–୨ ସେଟରେ ତୃତୀୟ ମାନ୍ୟତାପ୍ରାପ୍ତ ନିକୋଲ ମେଲିଚର ମାର୍ଟିନେଜ୍ ଓ ଏରିନ୍ ରୁଟ୍ଲିଫ୍‌ଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟଚରେ ୱିଲିୟମ୍ସଙ୍କ ଘଣ୍ଟାପ୍ରତି ୧୨୦ ମାଇଲ୍ (ପ୍ରାୟ ୧୯୩ କିମି) ବେଗରେ ସର୍ଭିସ କରି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ୨୦୨୨ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ପରେ ପୁଣି ଟେନିସ କୋର୍ଟକୁ ଫେରି ମ୍ୟାଚ୍ ଜିତିବା ପରେ ଖୁସିରେ ନାଚି ଉଠିଥିଲେ। ଗତ ସପ୍ତାହରେ ସେ ଡବଲ୍ସ ମ୍ୟାଚକୁ ଫେରିବେ ବୋଲି ଘୋଷଣା କରିଥିଲେ ସେରେନା । ମାତ୍ର ସିଙ୍ଗଲ୍ସ ମ୍ୟାଚ୍ ଖେଳିବା ନେଇ ସ୍ପଷ୍ଟ କରିନାହାନ୍ତି।

## ପୁଣି ସମସ୍ୟାରେ ପାଣ୍ଡ୍ୟା, ଖେଳି ପାରିବେନି ଆଫଗାନିସ୍ତାନ ବିପକ୍ଷ ଦିନିକିଆ ସିରିଜ

ନୂଆଦିଲ୍ଲୀ,୧୦।୬(ଏଜେନ୍ସି): ଆସନ୍ତା ୧୩ ତାରିଖରୁ ଅନୁଷ୍ଠିତ ହେବାକୁ ଯାଉଥିବା ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ଦିନକ ପୂର୍ବରୁ ରୋହିତ ଶର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟା ଫିଟନେସ ଟେଷ୍ଟରେ ପାସ କରିଥିଲେ। ଫିଟନେସ ଆସେସମେଂଟରେ ୧୦ ଓଭର କ୍ରମାଗତ ବୋଲିଂ କରିବା ଯୋଗୁ ହଠାତ ଜଙ୍ଘ ମାଂସପେଶୀ ଉପରେ ଅତିରିକ୍ତ ଚାପ ପଡିଥିଲା। ତେଣୁ ସେ ପୁଣି ଆଘାତ ସମସ୍ୟାରେ ପଡିଛନ୍ତି । ଫଳରେ ହାର୍ଦ୍ଦିକଙ୍କୁ ସମ୍ପୂର୍ଣ୍ଣ ଫିଟ ହେବା ପାଇଁ ଅତି କମରେ ୩ ସପ୍ତାହ ସମୟ ଲାଗିବ ବୋଲି ଜଣାପଡି। ପୂର୍ବରୁ ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ଆଘାତ ସମସ୍ୟା ଯୋଗୁ ଏହି ସିରିଜରୁ ଓହରି ଯାଇଥିଲେ । ରୋହିତ ଓ ହାର୍ଦ୍ଦିକଙ୍କୁ ସବଜେକ୍ଟ ଅଫ ଫିଟନେସ ଆଧାରରେ ଦଳରେ ଚୟନ କରାଯାଇଥିଲା ।

## ବିଶ୍ୱକପ ୱାର୍ମଅପ୍ ମ୍ୟାଚରେ ମେସିଙ୍କ କମାଲ,ଜିତିଲା ଆର୍ଜେଣ୍ଟିନା



ଅଲାବାମା,୧୦।୬(ଏଜେନ୍ସି): ଗତ ବିଶ୍ୱକପ ବିଜେତା ଅଧିନାୟକ ଆର୍ଜେଣ୍ଟିନାର ମହାନ ଫୁଟବଲର୍ ଲିଓନେଲ ମେସି ଆହତ ଜନିତ ସମସ୍ୟାରୁ ମୁକୁଳି ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱକପ ୱାର୍ମ ଅପ୍ ମ୍ୟାଚରେ ମେସିଙ୍କ ଗୋଲ ବଳରେ ବିଜେତା ଆର୍ଜେଣ୍ଟିନା ୩–୦ ଗୋଲରେ ଆଇସ୍ଲାଣ୍ଡକୁ ପରାସ୍ତ କରିଛି।ଫଳରେ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ପୁଣି ଥରେ ବିଶ୍ୱକପ୍ ଜିତିବା ଆଶା ସଞ୍ଚାର କରିଛନ୍ତି। ବିଶ୍ୱ ବିଜେତା ଆର୍ଜେଣ୍ଟିନା ମ୍ୟାଚରେ ଅଷ୍ଟମ ମିନିଟରେ ଭାଲେଣ୍ଟିନା ବାର୍କୋଙ୍କ ଗୋଲ ସହାୟତାରେ ପ୍ରାରମ୍ଭିକ ଅଗ୍ରଣୀ ହୋଇଥିବା ବେଳେ ୭୨ତମ ମିନିଟରେ ମେସିଙ୍କ ଗୋଲ ଦ୍ୱାରା ଆର୍ଜେଣ୍ଟିନା ୨–୦ରେ ଆଗୁଆ ହୋଇଥିଲା।ଏହାପରେ ମେସିଙ୍କ ଠାରୁ ପାଶ ପାଇ ଦଳର ଅନ୍ୟତମ ଖେଳାଳି ଲେଟିନା ମାର୍ଟିନେଜ୍ (୮୬ ମିନିଟ୍) ଆଉ ଏକ ଗୋଲ ଦେବା ଫଳରେ ଆର୍ଜେଣ୍ଟିନା ୩–୦ରେ ବିଜୟୀ ହୋଇଥିଲା। ଏହା ପୂର୍ବରୁ ଜୁନ୍ ୬ରେ ମେସିଙ୍କ ଅନୁପସ୍ଥିତିରେ ଆର୍ଜେଣ୍ଟିନା ପ୍ରଥମ ୱାର୍ମଅପ୍ ମ୍ୟାଚରେ ୨–୦ରେ ହୋଣ୍ଡୁରାସ୍କୁ ପରାସ୍ତ କରିଥିଲା। ବିଶ୍ୱକପ ଗ୍ରୁପ୍–ଜି'ରେ ସ୍ଥାନ ପାଇଥିବା ଆର୍ଜେଣ୍ଟିନା ଜୁନ୍ ୧୬ରେ ଅଲ୍ଜେରିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହା ପରେ ଜୁନ ୨୨ରେ ଅଷ୍ଟ୍ରିଆ ଓ ୨୮ରେ ଜୋର୍ଡାନ ବିପକ୍ଷରେ ଖେଳି ଗ୍ରୁପ୍ ପର୍ଯ୍ୟାୟ ଶେଷ କରିବ।

# ରାଜ୍ୟ ଖବର

### ମହିଳା ଟି–୨୦ କ୍ରିକେଟ ୱାର୍ମଅପ୍ ମ୍ୟାଚ

## ଇଂଲଣ୍ଡ ଠାରୁ ୫ ରନରେ ହାରିଲା ଭାରତ

କାର୍ଡିଫ,୧୦।୬(ଏଜେନ୍ସି): ଆସନ୍ତା ୧୨ ତାରିଖରୁ ଇଂଲଣ୍ଡରେ ମହିଳା ଟି–୨୦ କ୍ରିକେଟ ବିଶ୍ୱକପ ଅନୁଷ୍ଠିତ ହେବା ପାଇଁ ଥିବା ବେଳେ ବୁଧବାର ସ୍ଥାନୀୟ ସୋଫିଆ ଗାର୍ଡେନ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚରେ ଇଂଲଣ୍ଡ ଠାରୁ ୫ ରନରେ ହାରି ଯାଇଛି। ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ଆମି ଜୋନ୍ସଙ୍କ ୬୪,,ନାଟ ସିଭର ବ୍ରଣ୍ଟ ୫୭ ଓ ଡ୍ୟାନିଏଲ ଗିବସନଙ୍କ ୩୦ ରନ ବଳରେ ୬ ୱିକେଟ ହରାଇ ୧୭୧ ରନ କରିଥିଲା। ପଛରେ ବ୍ୟାଟିଂ କରି ଭାରତ ସମସ୍ତ ଆଗଧାଡି ବ୍ୟାଟରଙ୍କୁ ସ୍ୱଳ୍ପ ରନ ବ୍ୟବଧାନରେ ହରାଇଥିଲା। କେବଳ ରିଚା ଘୋଷ ଏକମାତ୍ର ସଫଳ ବ୍ୟାଟର ଭାବେ ୬୮ ରନ କରିଥିଲେ। ନଚେତ ଅନ୍ୟ କୌଣସି ବ୍ୟାଟର ୨୦ ଅଙ୍କ ବିଶିଷ୍ଟ ସ୍କୋର ଛୁଇଁବା ସମ୍ଭବ ହୋଇ ନ ଥିଲା। ପୂର୍ବରୁ ଅନୁଷ୍ଠିତ ପ୍ରଥମ ୱାର୍ମଅପ୍ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା ଭାରତ।

## ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ସମୂହ ଦୀପ ଦାନ



ନିମାପଡ଼ା, ୧୦।୬ (ନି.ପ୍ର): ଭାରତ ଗଣତନ୍ତ୍ର ଇତିହାସରେ ସର୍ବାଧିକ ସମୟ ପର୍ଯ୍ୟନ୍ତ ନିରନ୍ତର ନିର୍ବାଚିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ରାଷ୍ଟ୍ର ସେବାରେ ତାଙ୍କର ସଫଳତା ତଥା ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ କଣ କରି ଆଜି ପୂର୍ବାହ୍ନରେ ହାଟ ବଜାରସ୍ଥିତ ପୂର୍ଣ୍ଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବି.ଜେ.ପି ଦଳ ପକ୍ଷରୁ ସମୁହ ଦୀପ ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଯତୀନ୍ଦ୍ର ସ୍ୱାଇଁ, ସାଂସଦ ଏନ ଏସି ପ୍ରତିନିଧି ମୀନଲତା ମହାନ୍ତି, ଆତ୍ମା ଅଧ୍ୟକ୍ଷ ଦିଲ୍ଲୀପ କୁମାର ପରିଡ଼ା,ନଗର ସଭାପତି ନିରଞ୍ଜନ ନାୟକ,ମଣ୍ଡଳ ସଭାପତି ସତ୍ୟଭୂଷଣ ସ୍ୱାଇଁ, ରାକେଶ ସେନାପତି, ନୀଳାଦ୍ରି ନାଥ ମଙ୍ଗରାଜ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ସାଇପ୍ରିତମ୍ ପଟ୍ଟନାୟକ, ଝିଲୀ ଲତା ଦାସ, ସନ୍ତୋଷ ପରିଡ଼ା, ବିଷ୍ଣୁ ଚରଣ ମହାନ୍ତି,ସଚ୍ଚିଦାନନ୍ଦ ରାଉତରାୟ, ମନୋଜ କୁମାର ନାୟକ,ପ୍ରଭାତି କୁମାର ନାୟକ ସମେତ ଶତାଧିକ ଛାମୁଆ କର୍ମୀ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘାୟୁ ଶୁଭ କାମନା ଉଦ୍ଦେଶ୍ୟରେ ଦୀପ ଦାନ କରିଥିଲେ।

# ଆମ୍ବ ଓ ପନିପରିବା ସଂରକ୍ଷଣ ପାଇଁ ନାହିଁ ଶୀତଳ ଭଣ୍ଡାର

## ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ



କଣ୍ଟିଲୋ/ଖଣ୍ଡପଡ଼ା, ୧୦।୬ (ନି.ପ୍ର): କୃଷିପ୍ରଧାନ ଅଞ୍ଚଳ ଭାବେ ପରିଚିତ ଖଣ୍ଡପଡା ବ୍ଲକ ଅଞ୍ଚଳରେ କେଉଁଠି ହେଲେ ଶୀତଳ ଭଣ୍ଡାର ଟି ଏ ନଥିବାରୁ ଏ ଅଞ୍ଚଳର ଚାଷୀମାନେ ବର୍ଷ ବର୍ଷ ଧରି ଅଭାବୀ ବିକ୍ରୀର ଶିକାର ହୋଇ ଆସୁଥିବା ଅଭିଯୋଗ ହେଉଛି। ନଦୀ ପଠା ସମେତ ଜମିରେ ବର୍ଷ ସାରା ଅକ୍ଲାନ୍ତ ପରିଶ୍ରମ କରି ପନିପରିବା ସହ ଅନ୍ୟାନ୍ୟ ଫସଲ ଉତ୍ପାଦନ କରୁଥିବା ଚାଷୀ ମାନେ ଶୀତଳ ଭଣ୍ଡାରଟିଏ ନଥିବାରୁ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଥିବା ଜଣାପଡିଛି। ସେହିପରି ଆମ୍ବ ଚାଷୀ ମାନେ ଏବେ ଅଭାବୀ ବିକ୍ରିର ଶିକାର ହେଉଥିବା ବେଳେ ଦୈନିକ ଶହ ଶହ କ୍ୱିଣ୍ଟାଲ ପାଚିଲା ଆମ୍ବ ବଗିଚା ଓ ଫାର୍ମ ହାଉସରେ ପଡି ନଷ୍ଟ ହେଉଛି। କେନ୍ଦ୍ର ଓ ରାଜ୍ୟ ସରକାର କୃଷି ଓ କୃଷକର ଉନ୍ନତିକଳ୍ପେ ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରିଛନ୍ତି। ମାତ୍ର ସାଧାରଣରେ ସରକାରୀ ଯୋଜନାର ସଫଳ ରୂପାୟନ ହୋଇ ପାରୁ ନଥିବା ଜଣାପଡିଛି। ଖଣ୍ଡପଡା ଅଞ୍ଚଳରେ ଶୀତଳ ଭଣ୍ଡାରଟିଏ ସ୍ଥାପନ କରାଗଲେ ଏ ଅଞ୍ଚଳର ଶହଶହ ଚାଷୀ ପରିବାର ଉପକୃତ ହୋଇପାରନ୍ତେ ବୋଲି ଜଣାପଡିଛି।

ମୁନାଫାଖୋର ବ୍ୟବସାୟୀମାନେ ଏ ଅଞ୍ଚଳର ଚାଷୀମାନଙ୍କ ଠାରୁ କମ ଦରରେ ତଟକା ପନିପରିବା କ୍ରୟ କରି ବଜାରରେ ଚଢା ଦରରେ ଖାଉଟି ମାନଙ୍କୁ ବିକ୍ରୀ କରିଥାନ୍ତି। ଫଳରେ ଚାଷୀମାନେ ଅକ୍ଲାନ୍ତ ପରିଶ୍ରମ କରି ଉଚିତ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିବା ଜଣାପଡିଛି। ଯଦି ଶୀତଳ ଭଣ୍ଡାରଟି ଏ ଥାନ୍ତା ତାହେଲେ ଚାଷୀମାନେ ସେଠାରେ ଫଳ, ପନିପରିବା ସବୁକିଛି ମହଜୁଦ ରଖି ବେଶ ଦୁଇ ପଇସା ପାଇବାର ସୁଯୋଗ ସୃଷ୍ଟି ହୁଅନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ତେଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ,ଜନପ୍ରତିନିଧି ଓ କୃଷି ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି।

## ମୋଦି ସରକାରଙ୍କ ସଫଳତା ପାଇଁ ବିଜେପି ପକ୍ଷରୁ ଆଶୀର୍ବାଦ ଭିକ୍ଷା ଓ ପୂଜାର୍ଚ୍ଚନା



କଣ୍ଟିଲୋ,୧୦।୬ (ନି.ପ୍ର): କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କ୍ରମାଗତ ଭାବେ ତୃତୀୟ ଥର ପାଇଁ ଏନଡିଏ ସରକାର ଗଠନ ହୋଇଥିବାରୁ ଦେଶବ୍ୟାପୀ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ, ମୋଦି ସରକାଙ୍କ ସଫଳତା ଓ ଜନକଲ୍ୟାଣକାରୀ ଯାତ୍ରାର ନିରନ୍ତରତା ପାଇଁ କଣ୍ଟିଲୋର ପ୍ରସିଦ୍ଧ ଶ୍ରୀ ନୀଳମାଧବ ଜୀଉଙ୍କ ପୀଠରେ ଏକ ବିଶେଷ ପୂଜାର୍ଚ୍ଚନା ଓ ଦୀପଦାନ କାର୍ଯ୍ୟକ୍ରମ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ କଣ୍ଟିଲୋ ନୀଳମାଧବ ମନ୍ଦିର ପରିସରରେ ଏହି ଭବ୍ୟ ପୂଜାର୍ଚ୍ଚନାର ଆୟୋଜନ କରାଯାଇଥିଲା। ବିଧାୟକ ଶ୍ରୀ ସ୍ୱାଇଁ ଶ୍ରୀଜୀଉଙ୍କ ଦର୍ଶନ କରିବା ସହ ଦେଶର ପ୍ରଗତି ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ସୁରତ ବିଶ୍ୱାଳ, ଜିଲ୍ଲା ସାଂସଦ ଙ୍କ ପ୍ରତିନିଧି ଗୟାଧର ପରିଡ଼ା, କଣ୍ଟିଲୋ ବିଜେପି ମଣ୍ଡଳ ସଭାପତି ଟିଟନ ସାହୁ, ବିଜେପି ନେତା ଅଖିଳ ମହାରଣା ଓ ଖଣ୍ଡପଡ଼ା ଅଞ୍ଚଳର ସମସ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ମୋଦି ସରକାରଙ୍କ ଦୀର୍ଘ ବର୍ଷର ଜନହିତକର କାର୍ଯ୍ୟ ଏବଂ ଐତିହାସିକ ସଫଳତାକୁ ନେଇ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ମନ୍ଦିର ପରିସରରେ ହରିବୋଲ ଓ ଜୟ ଶ୍ରୀରାମ ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଶ୍ରଦ୍ଧାଳୁ ଓ ଜନସାଧାରଣ ମଧ୍ୟ ସାମିଲ ହୋଇଥିଲେ ।

## ମଦର ପକ୍ଷରୁ ଆର୍ଥିକ ସଚେତନତା ଶିବିର




କାକଟପୁର, ୧୦।୬ (ନି.ପ୍ର): ଆର୍ଥିକ ସଚେତନତା ଦିଗରେ ଦୀର୍ଘ ଦିନ ଧରି ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଆସୁଥିବା ସାମଜିକ ଅନୁଷ୍ଠାନ (ମଦର) ପକ୍ଷରୁ ଡିପୋଜିଟର ଏଜୁକେସନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୀର ଜାହାନିଆଁ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛୁରିଅନା ପଞ୍ଚାୟତ ସରପଞ୍ଚ କ୍ଷୀରୋଦ କାଣ୍ଡି ସମ୍ମାନୀତ ଅତିଥି, ବକ୍ତା ଭାବରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଧିକାରୀ ବ୍ରଜ କିଶୋର ନାୟକ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅବସରପ୍ରାପ୍ତ ଆଞ୍ଚଳିକ ମୁଖ୍ୟ ସୂର୍ଯ୍ୟପ୍ରସାଦ ରଥ ଉପସ୍ଥିତ ରହି, ଆର୍ଥିକ ସଚେତନତା, ବ୍ୟାଙ୍କ ବ୍ୟବସ୍ଥା, ଜମା, ଋଣ, କେୱାଇସି, ସାଇବର ଫ୍ରଡ ଇତ୍ୟାଦି ଉପରେ ଲୋକମାନଙ୍କୁ ବୁଝାଇଥିଲେ । ଉପସ୍ଥିତ ଥିବା (ମଦର) ଅନୁଷ୍ଠାନର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ଦାସ କହିଥିଲେ କି, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଲୋକମାନଙ୍କ ଆର୍ଥିକ କ୍ଷେତ୍ରରେ ସଚେତନତା ବୃଦ୍ଧି ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ଏବଂ ଏହାର ସୁଯୋଗ ନେବାକୁ ସେ ଆହ୍ୱାନ କରିଥିଲେ । ନାଉଗାଁ ସିଏଫ୍ଏଲ୍ କେନ୍ଦ୍ରର କୋର୍ଡିନେଟର ପ୍ରିୟରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଅତିଥି ଭାବରେ ଓଡ଼ିଶାର ବିଶିଷ୍ଟ ପରିବେଶବିତ୍ ଶୋଭାକର ବେହେରା, ପୂର୍ବତନ ସରପଞ୍ଚ ଛୁରିଅନା ପଞ୍ଚାୟତ ପ୍ରଫୁଲ୍ଲ ବିଶ୍ୱାଳ, କବି ଧୁଶାସନ ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦାନ କରି ସରକାର ଙ୍କ ନିର୍ଭିର୍ଣ୍ଣ ଅର୍ଥ କଲ୍ୟାଣ ଯୋଜନା ଉପରେ ନିଜ ନିଜ ର ମତ ରଖିଥିବା ବେଳେ,ସ୍ଥାନୀୟ ପଞ୍ଚାୟତ ଅଧିବାସୀ, ବୁଦ୍ଧିଜୀବୀ, ଗୁଣ୍ଡଳବା ବନ ସୁରକ୍ଷା ସମିତିର ସଭ୍ୟ/ସଭ୍ୟା ମାନେ ଉପସ୍ଥିତ ଥିଲେ ଓ ନାଉଗାଁ ସିଏଫଏଲ୍ କେନ୍ଦ୍ରର କାଉନ ସେଲର ମୋନାଲିସା ଦାସ ଏବଂ ତାଙ୍କର ଅନ୍ୟ ସାଥୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ୟବସାୟୀଙ୍କ ବିୟୋଗରେ ଶୋକ



ଚାରିଛକ, ୧୦।୬ (ନି.ପ୍ର): ଚାରିଛକ ବଜାରର ବିଶିଷ୍ଟ ବ୍ୟବସାୟୀ ସନାତନ ସାହୁଙ୍କ ବିୟୋଗରେ ଚାରିଛକ ବ୍ୟବସାୟୀ ସଂଘ ତରଫରୁ ଆଜି ଏକ ଶୋକସଭା ବଜାର ତ୍ରିନାଥ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବ୍ୟବସାୟୀ ସଂଘ ସଭାପତି ସନ୍ତୋଷ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଶୋକ ସଭାରେ ବ୍ୟବସାୟୀ ଲାଲଟୁ ପ୍ରସାଦ ପରିଡା, ମନୋଜ ସାହୁ, ବିରଂଚି ନାରାୟଣ ଖଟୋଇ, କବି ସ୍ୱାଇଁ, ମହେଶ ବାଲ, ନାରାୟଣ ନାୟକ, ଆର୍ତ୍ତ ଭୋଇ, ପ୍ରକାଶ ସାହୁ, ମୋହନ ସାହୁ, ରାଜେଶ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବ୍ୟବସାୟୀ ଶ୍ରୀ ସାହୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

# ଜିଲ୍ଲାପାଳଙ୍କ ବିନା ଯୁଗ୍ମ ଜନଶୁଣାଣି : ଲୋକେ ଅସନ୍ତୁଷ୍ଟ




ଅସ୍ତରଙ୍ଗ, ୧୦।୬ (ନି.ପ୍ର): ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ସରକାରଙ୍କ ଯୁଗ୍ମ ଜନଶୁଣାଣୀ ଶିବିର ଆୟୋଜନ କରାଯାଉଛି। ଏହାର ଆଭିମୁଖ୍ୟ ହେଉଛି ଜିଲ୍ଲାପାଳଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଗୋଟିଏ ମଞ୍ଚ ଅବା ଗୋଟିଏ ସ୍ଥାନରେ ବସି ଜନସାଧାରଣଙ୍କ ଅଭିଯୋଗ ଶୁଣିବେ ଏବଂ ସେହି ସ୍ଥାନରେ ହିଁ ସମାଧାନ କରିବେ। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପଂଚାୟତ ସମିତି ସଭାଗୃହ ମଧ୍ୟରେ ଅନୁଷ୍ଠିତ ଯୁଗ୍ମ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳଙ୍କ ସମେତ ଅନେକ ଜିଲ୍ଲାସ୍ତରୀୟ ଅଧିକାରୀ ଅନୁପସ୍ଥିତ ଥିଲେ।

ସୋମବାର ପୂର୍ବାହ୍ନ ରେ ଅସ୍ତରଙ୍ଗ ବ୍ଲକ ପରିସରରେ ବ୍ଲକ ଅଧକ୍ଷା ଆରତୀ ନାଏକ ଙ୍କ ଅଧକ୍ଷତା ରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅସ୍ତରଙ୍ଗ ବିଡ଼ିଓ, ନିମାପଡା ଉପଖଣ୍ଡ ଅଧିକାରୀଙ୍କ ଶହ ବିଭିନ୍ନ ବିଭାଗ ଅଧିକାରୀ, ଅଧିକାରିଣୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ମାତ୍ର ୩୬ଟି ଅଭିଯୋଗ ପଞ୍ଜିକୃତ ମଧ୍ୟରୁ ବ୍ୟକ୍ତିଗତ ଓ ସାମୁହିକ ଅଭିଯୋଗ ରହିଥିଲା। ଏହି ଶିବିର ପାଇଁ ମଞ୍ଚ, ଜଳପାନ, ଟିଫିନ ଓ ଅଧିକାରୀଙ୍କ ଗାଡି ଭଡା ବାବଦକୁ ସରକାରୀ ପାଣ୍ଠିରୁ ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଉଛି। ପୂର୍ବରୁ ଶିବିର ରେ ଲୋକେ ଯେଉଁ ସମସ୍ୟା ନେଇ ବର୍ଷ ବର୍ଷ ଧରି ବାରମ୍ବାର ଅଭିଯୋଗ କରିଆସୁଛନ୍ତି, ତାହାର ଆଜି ଯାଏଁ ସମାଧାନ ହୋଇନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଂଚିତ ସ୍ୱାମୀ ପରିତ୍ୟକ୍ତା ଲୋଚନ ବେହେରା ପୁନର୍ବାର ଘର ପାଇଁ ଗୁହାରୀ କରିଥିଲେ। ଛୁରିଆନା ପଂଚାୟତର ୬ଜଣ ହିତାଧିକାରୀ ପୂର୍ବରୁ ଅଭିଯୋଗ କରିଥିଲେ ମଧ୍ୟ ପିଇଓ ତଦନ୍ତ କରିନଥିବାରୁ ସେମାନେ ପୁନର୍ବାର ଆବେଦନ କରିଛନ୍ତି। ଅସ୍ତରଙ୍ଗକୁ ବସ ପରମିଟ ଥିଲେ ମଧ୍ୟ ଏଠାରେ ବସଷ୍ଟାଣ୍ଡ ନଥିବାରୁ ବସ ଗୁଡିକ ଆସୁନାହାନ୍ତି। ଫଳରେ ରାତିରେ ଯାତ୍ରୀ ମାନଙ୍କୁ କାକଟପୁରରେ ଓହ୍ଲାଇ ଦିଆଯାଉଛି। କାକଟପୁରରୁ ରାତି ଅଧରେ ଅସ୍ତରଙ୍ଗ ଫେରିବା ବିପଦପୂର୍ଣ୍ଣ ହେଉଥିବା ନେଇ ଅଭିଯୋଗ ହେଉଛି। ବିଡମ୍ବନାର ବିଷୟ ବିଭାଗର ମୁଖ୍ୟ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁଁ ଶିବିର କେବଳ ଦରଖାସ୍ତ ସଂଗ୍ରହ କେନ୍ଦ୍ର ପାଲଟିଲା ।ଶିବିର ଶେଷରେ ଲୋକେ ପ୍ରଶ୍ନ କରିଥିଲେ ଯେତେ ବେଳେ ସମାଧାନ କ୍ଷମତା ଥିବା ଜିଲ୍ଲାପାଳ ଓ ବିଭାଗୀୟ ମୁଖ୍ୟ ଅନେକ ବିଭାଗର ଆସିବେନି, ତେବେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଏ ନାଟକ କାହିଁକି । ପୁରୁଣା ୧୦୦ରୁ ଅଧିକ ଅଭିଯୋଗ ସମାଧାନ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇନାହିଁ। ସରକାର ଯଦିସତରେ ଲୋକଙ୍କ ସମସ୍ୟା ସମାଧାନ ଚାହୁଁଛନ୍ତି, ତେବେ ପ୍ରଥମେ ଜିଲ୍ଲାପାଳ ଓ ସମସ୍ତ ବିଭାଗ ମୁଖ୍ୟଙ୍କୁ ଉପସ୍ଥିତି ନିଶ୍ଚିତ କରନ୍ତୁ ଓ ପୁରୁଣା ଅଭିଯୋଗ ସମାଧାନ ପାଇଁ ସମୟ ସୀମା ଧାର୍ଯ୍ୟ କରନ୍ତୁ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

## ସାମ୍ବାଦିକଙ୍କ ପିତୃ ବିୟୋଗ

କଣ୍ଟିଲୋ/ଖଣ୍ଡପଡ଼ା, ୧୦।୬ (ନି.ପ୍ର) ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର



ବୟୋଜ୍ୟଷ୍ଠ ବ୍ୟକ୍ତି ତଥା ସାମ୍ବାଦିକ ପ୍ରଦୀପ ବେହେରାଙ୍କ ପିତା ଶଙ୍କର ବେହେରା(୯୧)ଙ୍କର ପରଲୋକ ହୋଇଯାଇଛି।କିଛି ମାସ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱର୍ଗତ ବେହେରା ସିଧାମୂଳା ଗ୍ରାମ କୈବର୍ତ୍ତ ସମାଜର ମୁଖ୍ୟ ଭାବେ ଦିର୍ଘ ବର୍ଷ ଧରି ସୁଚାରୁରୂପେ ଦାୟୀତ୍ୱ ତୁଲାଇଥିଲେ।ଜଣେ ଶାନ୍ତ, ସରଳ ଓ ପରୋପକାରୀ ବ୍ୟକ୍ତି ଭାବେ ସ୍ୱର୍ଗତ ବେହେରା ବିଭିନ୍ନ ମହଲରେ ବେଶ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିବା ଜଣାଯାଇଛି। ଗ୍ରାମ ନିକଟସ୍ଥ ମହାନଦୀ କୂଳ ଶ୍ମଶାନ ଘାଟରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ଜଣାଯାଇଛି।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଭ୍ରାଟ



ବାଙ୍କୀ,୧୦।୬(ନି.ପ୍ର): ସୁବର୍ଣ୍ଣପୁର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆୟୋଜନରେ ବିଭ୍ରାଟ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଭରଚୁଆଲ ମାଧ୍ୟମରେ ହୋଇଥିବା ବେଳେ କୌଣସି ନିମନ୍ତ୍ରିତ ଅତିଥି ଯୋଗ ଦେଇନଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବାଙ୍କୀ ଶିକ୍ଷା ବିଭାଗ ତରଫରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥିବା ଦାବୀ କରାଯାଇଥିବା ବେଳେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଏନେଇ କୌଣସି ସୂଚନା ଦିଆ ଯାଇନଥିବା ଜାଣିବାକୁ ମିଳିଛି । ଅନ୍ୟତମ ନିମନ୍ତ୍ରିତ ଅତିଥି ସାଂସଦଙ୍କ ନାମ ବିଦ୍ୟାଳୟର ନିମନ୍ତ୍ରଣ ପତ୍ର ଉଲ୍ଲେଖ କରାଯାଇଥିଲେ ମଧ୍ୟ ସାଂସଦ ମଧ୍ୟ ଏବବାଦରେ ଅବଗତ ନଥିବା ସୂଚନା ମିଳିଛି। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମଧ୍ୟ ନିମନ୍ତ୍ରିତ ଅତିଥି ତାଲିକାରେ ରହିଥିବା ସତ୍ତ୍ୱେ ସେ ମଧ୍ୟ ଏ କାର୍ଯ୍ୟକ୍ରମରେ ଯୋଗ ଦେଇନଥିଲେ । କାର୍ଯ୍ୟକ୍ରମ ବେଳେ ମଞ୍ଚ ସମ୍ମୁଖରେ ସମସ୍ତ ଆସନ ଫାଙ୍କା ପଡ଼ିଥିବାର ମଧ୍ୟ ଦେଖିବାକୁ ମିଳିଥିଲା । ତେଣୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମଧ୍ୟ ମଞ୍ଚ ସମ୍ମୁଖରେ ରହିବାକୁ ଉଚିତ ମଣି ନଥିଲେ । ସେହିପରି ପ୍ରଚଣ୍ଡ ରୌଦ୍ରତାପରେ ଛାତ୍ର ଛାତ୍ରୀଙ୍କୁ ଦିନ ଦୁଇଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ବାହାନାରେ ଉପାସ ରଖିବା ଏବଂ ସେମାନଙ୍କ ପାଇଁ ପାଣି କିମ୍ବା କୌଣସି ଜଳଖିଆର ବ୍ୟବସ୍ଥା ନକରିବା ହେତୁ ଅଭିଭାବକ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖିବାକୁ ମିଳିଥିଲା ସୂଚନା ଅନୁଯାୟୀ ଏହି କାର୍ଯ୍ୟକ୍ରମ ପାଇଁ ଏକ ଲକ୍ଷ ଷାଠିଏ ହଜାର ଟଙ୍କାର ବ୍ୟୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଏହା କେବଳ ଟେଣ୍ଟ ଏବଂ ଚେୟାର ପଡିବା କାର୍ଯ୍ୟରେ ସୀମିତ ରଖି ଥିଲେ।ବାଙ୍କୀ ବ୍ଲକ ଶିକ୍ଷାଧିକାରୀଣି ଜ୍ୟୋତି ଷଡ଼ଙ୍ଗୀ କହିଛନ୍ତି ଯେ ସମସ୍ତ କାର୍ଯ୍ୟ ବିଭିନ୍ନ ଶିକ୍ଷକଙ୍କୁ ଦିଆଯାଇଥିଲା । ଯଦି କିଛି ତ୍ରୁଟି ରହିଛି ତେବେ ତାହାର ଅନୁଧ୍ୟାନ କରାଯିବ। ପିଲାଙ୍କୁ ଗଛ ତଳେ ବସାଇ ଖାଇବାକୁ ଦେଇଥିଲୁ ।

### ଭାରତୀୟ ସେନାର ସବୁଠାରୁ ବଡ଼ ପ୍ରତିରକ୍ଷା ପ୍ରକଳ୍ପ

# କିଣାଯିବ ୨୩୦୦୦ କୋଟିର 'କେ୯ ବଜ୍ର' ତୋପ



**ନୂଆଦିଲ୍ଲୀ,୧୦।୬(ଏଜେନ୍ସି):** ଦେଶର ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ପାଇଁ ଭାରତୀୟ ସେନା ବିଗତ କେତେକ ଦଶନ୍ଧି ମଧ୍ୟରେ ତା'ର ସବୁଠାରୁ ବଡ଼ ଆର୍ଟିଲାରୀ ଆଧୁନିକୀକରଣ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଛି। ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ଚୀନ ସୀମାନ୍ତ (ଏଲଏସି) ଓ ପାକିସ୍ତାନ ସହ ଜଡ଼ିତ ପଶ୍ଚିମ ସୀମାରେ ଦୂରଗାମୀ ଆକ୍ରମଣ କ୍ଷମତା ବୃଦ୍ଧି ପାଇଁ ପ୍ରାୟ ୨୩,୦୦୦ କୋଟି ଟଙ୍କା ବ୍ୟୟରେ ଆଉ ୩୦୦ରୁ ଅଧିକ 'କେ୯ ବଜ୍ର' ସେଲ୍ଫ-ପ୍ରୋପେଲ୍ଡ ହୋୱିଜର ତୋପ କିଣିବା ପାଇଁ ସେନା ପକ୍ଷରୁ ଏକ ବଡ଼ ପ୍ରସ୍ତାବ ଚଳିତ ସପ୍ତାହରେ ପ୍ରତିରକ୍ଷା କ୍ରୟ ବୋର୍ଡ (ଡିପିବି) ସମ୍ମୁଖରେ ଉପସ୍ଥାପନ କରାଯିବ। ଏହି ପ୍ରସ୍ତାବକୁ ମଞ୍ଜୁରୀ ମିଳିବା ପରେ ଏହାର ନିର୍ମାଣ ଦାୟିତ୍ୱ ଭାରତୀୟ କମ୍ପାନୀ ଲାର୍ସେନ୍ ଆଣ୍ଡ ଟୁବ୍ରୋ (ଏଲଆଣ୍ଡଟି) କୁ ମିଳିବ, ଯିଏକି ଦକ୍ଷିଣ କୋରିଆର ପ୍ରତିରକ୍ଷା ସଂସ୍ଥା ହାନୱା ଏରୋସ୍ପେସ୍ ସହ ସହଭାଗିତାରେ ଭାରତରେ ଏହାର ସ୍ୱଦେଶୀ ନିର୍ମାଣ କରୁଛି। ଏହି ନୂତନ କ୍ରୟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଲେ ଭାରତୀୟ ସେନାରେ 'କେ୯ ବଜ୍ର' ତୋପର ମୋଟ ସଂଖ୍ୟା ୫୦୦ ଅତିକ୍ରମ କରିବ, ଯାହା ସାମ୍ପ୍ରତିକ ସୁରକ୍ଷା ମାହୋଲରେ ଦେଶର ସାମରିକ ସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦେବ।

ବାସ୍ତବରେ, 'କେ୯ ବଜ୍ର' ହେଉଛି ଏକ ୧୫୫ ମିଲିମିଟର/୫୨-କ୍ୟାଲିବରର ଟ୍ରାକ୍ଡ ସେଲ୍ଫ-ପ୍ରୋପେଲ୍ଡ ଆର୍ଟିଲାରୀ ପ୍ଲାଟଫର୍ମ, ଯାହା ୪୦ କିଲୋମିଟରରୁ ଅଧିକ ଦୂରରେ ଥିବା ଶତ୍ରୁ ଘାଟିକୁ ସଫଳତାର ସହ ଧ୍ୱଂସ କରିପାରେ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ସୁଟ୍-ଆଣ୍ଡ-ସ୍କୁଟ୍ ପ୍ରତିରକ୍ଷା କୌଶଳ ଅର୍ଥାତ୍ ଏହା ଅତି ଦ୍ରୁତ ଗତିରେ ଗୋଳାବାରୁଦ ମାଡ଼କରି ସେହି ସ୍ଥାନରୁ ନିଜର ସ୍ଥିତି ବଦଳାଇ ଦେଇଥାଏ। ଫଳରେ ଶତ୍ରୁ ସେନା ଏହାର ପ୍ରତିଆକ୍ରମଣ କରିପାରେନାହିଁ। ପୂର୍ବରୁ ୨୦୧୭ରେ ଭାରତ ୪,୫୦୦ କୋଟି ଟଙ୍କାରେ ପ୍ରଥମ ୧୦୦ଟି ତୋପ ପାଇଁ ଚୁକ୍ତି କରିଥିଲା ଏବଂ ୨୦୨୩ରେ ଆଉ ୧୦୦ଟି ତୋପ ପାଇଁ ୭,୬୦୦ କୋଟିର ଦ୍ୱିତୀୟ ଅର୍ଡର ଦିଆଯାଇଥିଲା। ଲଦାଖର ଅତି ଥଣ୍ଡା ଏବଂ ଉଚ୍ଚ ପାର୍ବତ୍ୟ ଅଞ୍ଚଳରେ ଏହି ତୋପର ସଫଳ ପରୀକ୍ଷଣ ପରେ ସେନା ଏହାକୁ ଚୀନ ସୀମାରେ ମଧ୍ୟ ବ୍ୟାପକ ଭାବେ ମୁତୟନ କରିବାକୁ ନିଷ୍ପତ୍ତି ନେଇଛି, ଯାହା ଭବିଷ୍ୟତ ଯୁଦ୍ଧ ପାଇଁ ଭାରତୀୟ ସେନାକୁ ଅଧିକ ଶକ୍ତିଶାଳୀ ଓ ପ୍ରସ୍ତୁତ କରିବ।

### ପାକ୍ ସେନାର 'ଏମ୍ଆଇ-୧୭' ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

# ପାଇଲଟଙ୍କ ସମେତ ୨୦ ଯବାନଙ୍କ ମୃତ୍ୟୁ ଆଶଙ୍କା



**ମୁଜାଫରାବାଦ,୧୦।୬(ଏଜେନ୍ସି):** ପାକିସ୍ତାନ ଅଧୀକୃତ କାଶ୍ମୀର (ପିଓକେ) ର ମୁଜାଫରାବାଦ ନିକଟସ୍ଥ ନୀଲମ୍ ଘାଟିରେ ପାକିସ୍ତାନ ସେନାର ଏକ 'ଏମଆଇ-୧୭' ସାମରିକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ପାଇଲଟଙ୍କ ସମେତ ପ୍ରାୟ ୨୦ ଜଣ ଯବାନ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ପାକିସ୍ତାନ ସେନାର ଗଣମାଧ୍ୟମ ଶାଖା ଆଇଏସପିଆର୍ ଏବଂ ସ୍ଥାନୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ହେଲିକପ୍ଟରଟି ଉଡ଼ାଣ ଭରିବା ସମୟରେ ହଠାତ୍ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇ କ୍ରାସ୍ ହୋଇଯାଇଥିଲା। ଘଟଣାସ୍ଥଳକୁ ତୁରନ୍ତ ଉଦ୍ଧାରକାରୀ ଦଳ ପଠାଯାଇଥିଲେ ମଧ୍ୟ ହେଲିକପ୍ଟରରେ ଥିବା କୌଣସି ବି ସଦସ୍ୟ ଜୀବିତ ବଞ୍ଚିନଥିବା ସାମରିକ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ପିଓକେରେ ଚାଲିଥିବା ବ୍ୟାପକ ସାଧାରଣ ଆନ୍ଦୋଳନ ଓ ହିଂସାତ୍ମକ ପରିସ୍ଥିତି ଉପରେ ଆକାଶମାର୍ଗରୁ ନଜର ରଖିବା ପାଇଁ ପାକିସ୍ତାନ ସେନା ପକ୍ଷରୁ ଏହି ହେଲିକପ୍ଟରଗୁଡ଼ିକୁ ସେଠାରେ ମୁତୟନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦିନ ମଧ୍ୟରେ ପାକିସ୍ତାନ ସେନାର ଏହା ଦ୍ୱିତୀୟ ବଡ଼ ହେଲିକପ୍ଟର ଦୁର୍ଘଟଣା। ଏହା ପୂର୍ବରୁ ବାଲୁଚିସ୍ତାନ ଅଞ୍ଚଳରେ ମଧ୍ୟ ସେନାର ଆଉ ଏକ ହେଲିକପ୍ଟର କ୍ରାସ୍ ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ସେନା ପକ୍ଷରୁ ମୃତକଙ୍କ ସଠିକ୍ ସଂଖ୍ୟା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ, ମାତ୍ର ସୂତ୍ର ଅନୁଯାୟୀ ଏହି ରୁଷ-ନିର୍ମିତ ହେଲିକପ୍ଟରରେ ପ୍ରାୟ ୨୦ ଜଣ ସୈନ୍ୟ ଯାତ୍ରା କରୁଥିଲେ। ସମଗ୍ର ପାକିସ୍ତାନ ଏବଂ ପିଓକେରେ ଉପୁଜିଥିବା ଆଭ୍ୟନ୍ତରୀଣ ସୁରକ୍ଷା ସଙ୍କଟ ଓ ସାମରିକ ଗତିବିଧି ମଧ୍ୟରେ ସେନାର ଏଭଳି ଦୁର୍ଘଟଣା ପାକିସ୍ତାନ ପ୍ରତିରକ୍ଷା ବିଭାଗ ପାଇଁ ଏକ ବଡ଼ ଶକ୍ତ ଧକ୍କା ସାବ୍ୟସ୍ତ ହୋଇଛି।

## ଶସ୍ତା ହେଲା ସୁନା ଓ ରୁପା

**ନୂଆଦିଲ୍ଲୀ,୧୦।୬(ଏଜେନ୍ସି):** ଅନ୍ତର୍ଜାତୀୟ ଏବଂ ଘରୋଇ ସୁନା ବଜାରରେ ସୁନା ଓ ରୂପା ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପରିଲକ୍ଷିତ ହେଉଛି। ପଶ୍ଚିମ ଏସିଆରେ ଇରାନ ଏବଂ ଆମେରିକା ମଧ୍ୟରେ ପୁନଃ ସାମରିକ ଉତ୍ତେଜନା ଏବଂ ଆମେରିକୀୟ ଡଲାର ସୁଦୃଢ଼ ହେବା ଯୋଗୁ ଉଭୟ ମୂଲ୍ୟବାନ ଧାତୁ ୧-୩% ହ୍ରାସ ପାଇଛି। ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ୧୦ ଗ୍ରାମରେ ୪,୩୦୦ର ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପାଇଛି, ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୩୯୫୦ ଟଙ୍କା ହ୍ରାସ ପାଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ (ଏମ୍ସିଏକ୍ସ)ରେ ରୁପା ଫ୍ୟୁଚର୍ସ ପ୍ରାୟ ୮,୧୦୦-୮,୨୦୦ ପ୍ରତି କିଲୋଗ୍ରାମ (୩.୩%) ହ୍ରାସ ପାଇ ୨,୩୮,୨୨୫ ସ୍ତରରେ ସ୍ଥିର ହୋଇଛି। ଆମେରିକା ଏବଂ ଇରାନ ମଧ୍ୟରେ ନୂତନ ଉତ୍ତେଜନା ଏବଂ ଏହାର ଫଳସ୍ୱରୂପ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି, ବିଶ୍ୱ ମୁଦ୍ରାସ୍ଫୀତି ବୃଦ୍ଧି ସମ୍ପର୍କରେ ଚିନ୍ତାକୁ ବୃଦ୍ଧି କରିଛି।

### ମୁମ୍ବାଇ ମେୟର ଅଫିସ ଓ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ବୋମା ଧମକ

## ଆଲର୍ଟ ମୋଡ଼ରେ ସୁରକ୍ଷା ଏଜେନ୍ସି

**ମୁମ୍ବାଇ,୧୦।୬(ଏଜେନ୍ସି):** ମୁମ୍ବାଇରେ ଆଲର୍ଟ ମୋଡ଼ରେ ସୁରକ୍ଷା ଏଜେନ୍ସି । ମୁମ୍ବାଇ ମେୟରଙ୍କୁ ଏକ ଧମକପୂର୍ଣ୍ଣ ଇମେଲ ମିଳିଛି। ଇମେଲରେ ମେୟରଙ୍କ କାର୍ ଏବଂ ତାଙ୍କ ଅଫିସକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି। ଏହି ମେଲରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମେୟର କାର୍ଯ୍ୟାଳୟ ଏବଂ ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଉଡ଼ାବାକୁ ଲେଖାଯାଇଛି। ଧମକ ମିଳିବା ପରେ ପୋଲିସ ଏବଂ ସୁରକ୍ଷା ଏଜେନ୍ସି ଯାଞ୍ଚ ଆରମ୍ଭ କରିଛି। ଯାଞ୍ଚ ଏଜେନ୍ସି କେଉଁଠୁ ଇମେଲ ଆସିଛି ଏବଂ ଏହା ପଛରେ କାରଣ କ'ଣ ତାହା ଜାଣିବାକୁ ଚେଷ୍ଟା କରୁଛି। ଯେଉଁ ସ୍ଥାନକୁ ଉଡ଼ାଇବାକୁ ଧମକ ମିଳିଛି, ସୁରକ୍ଷା ବ୍ୟବସ୍ଥା ମଜବୁତ କରାଯାଇଛି।

## ମସୁରୀରେ ଗଭୀର ଖାଇକୁ ଖସିଲା କାର୍, ୪ ମୃତ



**ଡେରାଡୁନ,୧୦।୬ (ଏଜେନ୍ସି):** ଉତ୍ତରାଖଣ୍ଡ ମସୁରୀରେ ବଡ଼ ଦୁର୍ଘଟଣା। ଉତ୍ତରକାଶୀରୁ ଫେରୁଥିବା ଏକ କାର୍ ନିୟନ୍ତ୍ରଣ ହରାଇ ଗଭୀର ଖାଇକୁ ଖସିପଡିଥିଲା। ଘଟଣାରେ ୪ ଜଣଙ୍କ ଜୀବନ ଚାଲିଯାଇଛି। ଏମାନଙ୍କ ଭିତରେ ଦୁଇଜଣ ମହିଳା ଏବଂ ଦୁଇ ଜଣ ପୁରୁଷ ରହିଛନ୍ତି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଖବର ମୁତାବକ, ଦୁର୍ଘଟଣା ମସୁରୀର ଝାଡିପାଣି ସର୍ଟକଟ୍ ରାସ୍ତାରେ ହୋଇଛି। କାର୍ ଉତ୍ତରକାଶୀରୁ ଫେରୁଥିବା ବେଳେ ଏମାନେ ଗାଡ଼ି ରଖି ଦୋକାନରୁ କିଛି ଜିନିଷ କିଣିଥିଲେ। କିଣିବା ପରେ କାର୍ ଷ୍ଟାର୍ଟ କରୁ କରୁ ଗାଡ଼ିଟି ନିୟନ୍ତ୍ରଣ ହରାଇ ଗଭୀର ଖାଇକୁ ଖସିପଡିଥିଲା। କାରରେ ୪ ଜଣ ଥିଲେ, ସମସ୍ତେ ଗାଜିଆବାଦର ବୋଲି ଜଣାପଡିଛି।

# ବିଦ୍ରୋହୀ ଗୋଷ୍ଠୀରେ ସାମିଲ ହେଲେ ୧୯ ଟିଏମ୍ସି ସାଂସଦ

### ତାଲିକାରେ ୟୁସୁଫ ପଠାନ, ସାୟୋନି ଘୋଷ, ଶତ୍ରୁଘ୍ନ ସିହ୍ନା



**କୋଲକାତା,୧୦।୬(ଏଜେନ୍ସି):** ପଶ୍ଚିମବଙ୍ଗ ରାଜନୀତିରେ ତୃଣମୂଳ କଂଗ୍ରେସ (ଟିଏମ୍ସି) ପାଇଁ ସଙ୍କଟ ଦିନକୁ ଦିନ ଘନୀଭୂତ ହେବାରେ ଲାଗିଛି। ନିର୍ବାଚନରେ ଶୋଚନୀୟ ପରାଜୟ ପରେ ଦଳ ଭିତରେ ଚାଲିଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେ ଏକ ବଡ଼ ବିଦ୍ରୋହର ରୂପ ନେଇଛି। ଦଳର ବରିଷ୍ଠ ସାଂସଦ ତଥା ପୂର୍ବତନ ଚିଫ୍ ହ୍ୱିପ୍ କାକୋଲି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ପ୍ରାୟ ୧୯ ଜଣ ସାଂସଦ ମମତା ବାନାର୍ଜୀଙ୍କ ନେତୃତ୍ୱ ପ୍ରତି ଅସନ୍ତୋଷ ପ୍ରକାଶ କରି ଏକ ସ୍ୱତନ୍ତ୍ର ସଂସଦୀୟ ଗୋଷ୍ଠୀ ଗଠନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ବିଦ୍ରୋହୀ ତାଲିକାରେ ବଲିଉଡ୍ର ଅଭିନେତାରୁ ନେତା ପାଲଟିଥିବା ଶତ୍ରୁଘ୍ନ ସିହ୍ନା ଏବଂ ପୂର୍ବତନ ତାରକା କ୍ରିକେଟର ୟୁସୁଫ ପଠାନଙ୍କ ଭଳି ହାଇପ୍ରୋଫାଇଲ୍ ତଥା ଜନପ୍ରିୟ ଚେହେରା ସାମିଲ ରହିଛନ୍ତି। ସାଂସଦ ରଚନା ବାନାର୍ଜୀ ବି ଏହି ତାଲିକାରେ ସାମିଲ ଅଛନ୍ତି।

ସୂଚନା ଅନୁଯାୟୀ, ଦଳର ଦୁଇ-ତୃତୀୟାଂଶ ସାଂସଦଙ୍କ ସମର୍ଥନ ହାସଲ କରି ଏହି ବିଦ୍ରୋହୀ ଗୋଷ୍ଠୀ ଲୋକସଭା ବାଚସ୍ପତିଙ୍କ କାର୍ଯ୍ୟାଳୟକୁ ଏକ ଚିଠି ପଠାଇଛନ୍ତି। ଏହି ଚିଠିରେ ସେମାନଙ୍କୁ ସଂସଦରେ ଏକ ସ୍ୱତନ୍ତ୍ର ରାଜନୈତିକ ଗୋଷ୍ଠୀ ଭାବରେ ସ୍ୱୀକୃତି ପ୍ରଦାନ କରିବାକୁ ଦାବି କରାଯାଇଛି। ବିଦ୍ରୋହର ନେତୃତ୍ୱ ନେଉଥିବା କାକୋଲି ଘୋଷ ସ୍ପଷ୍ଟ କରିଛନ୍ତି ଯେ, ସେମାନେ ବର୍ତ୍ତମାନ ବିଜେପିରେ ସାମିଲ ହେବେ ନାହିଁ, ବରଂ କେନ୍ଦ୍ରର ଶାସକ ଦଳ ଏନଡିଏକୁ ବାହାରୁ ସମର୍ଥନ ଜଣାଇବେ। ଏହି ୧୯ ବିଦ୍ରୋହୀ ଟିଏମ୍ସି ସାଂସଦ ହେଲେ- ଶତ୍ରୁଘ୍ନ ସିହ୍ନା (ଆସନସୋଲ), କାକୋଲି ଘୋଷ ଦସ୍ତିଦାର (ବାରାସାତ), ୟୁସୁଫ ପଠାନ (ବହରମପୁର), ସାୟୋନୀ ଘୋଷ (ଯାଦବପୁର), ମାଲା ରାୟ (କୋଲକାତା ଦକ୍ଷିଣ), ଜଗଦୀଶ ଚନ୍ଦ୍ର ବର୍ମା ବାସୁନିଆ (କୁଚବେହାର), ଖଲିଲୁର ରହମାନ (ଜଙ୍ଗୀପୁର), ଆବୁ ତାହେର ଖାନ (ମୁର୍ଶିଦାବାଦ), ପାର୍ଥ ଭୌମିକ (ବାରାକପୁର), ବାପି ହାଲଦାର (ମଥୁରାପୁର), ମିତାଲି ବାଗ (ଆରାମବାଗ), ଦୀପକ ଅଧିକାରୀ - ଦେବ୍ (ଘାଟାଲ), କାଳୀପଦ ସୋରେନ (ଝାଡ଼ଗ୍ରାମ), ଜୁନ୍ ମାଲିଆ (ମେଦିନୀପୁର), ଅରୂପ ଚକ୍ରବର୍ତ୍ତୀ (ବାଙ୍କୁଡ଼ା), ଶର୍ମିଳା ସରକାର (ବର୍ଦ୍ଧମାନ ପୂର୍ବ), ଅସିତ କୁମାର ମଲ୍ (ବୋଲପୁର), ଶତାବ୍ଦୀ ରାୟ (ବୀରଭୂମ), ରଚନା ବାନାର୍ଜୀ (ହୁଗୁଳି)। ଏହି ବିଦ୍ରୋହ ଯୋଗୁ ମମତା ବାନାର୍ଜୀଙ୍କ ଦଳ ୨୮ ବର୍ଷର ଇତିହାସରେ ସବୁଠାରୁ ବଡ଼ ସଙ୍କଟ ଦେଇ ଗତି କରୁଛି।

## ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ, ୮ ମୃତ

**ଜୟପୁର, ୧୦।୬ (ଏଜେନ୍ସି):** ଜୟପୁରର ଖୋ-ନାଗୋରିଆନ୍ ଅଞ୍ଚଳରେ ଏକ ଘରେ ଥିବା ଏକ ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଏହି ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ଅନେକ ଆହତ ହୋଇଛନ୍ତି । ଭଗ୍ନାବଶେଷ ତଳେ ଆହୁରି ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି ଏବଂ ମୃତ୍ୟୁ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ ସେଠାରେ ଏକ ବାଣ କାରଖାନା ଚାଲୁଥିଲା ତେଣୁ ପୋଲିସ ଏବେ ଫରେନସିକ୍ ତଦନ୍ତ କରୁଛି। ସୂଚନାନୁଯାୟୀ, ପ୍ରଥମେ କାରଖାନାରୁ ଧୂଆଁ ଉଠିବା ଦେଖାଯାଇଥିଲା ଏବଂ କିଛି ସମୟ ପରେ ଜୋରରେ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଜୋରରେ ଥିଲା ଯେ, ଆଖପାଖର ଲୋକମାନେ ଘରୁ ବାହାରକୁ ବାହାରି ଆସିଥିଲେ । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୋଲିସ, ପ୍ରଶାସନ ଏବଂ ଅଗ୍ନିଶମ ବାହିନୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜୟପୁର କଲେକ୍ଟର ସନ୍ଦେଶ ନାୟକ ମଧ୍ୟ ନିଜେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ନିଆଁ ଲିଭାଇବା ପାଇଁ ଅନେକ ଦମକଳ ଗାଡ଼ି ନିୟୋଜିତ କରାଯାଇଥିଲା। ବହୁତ ଚେଷ୍ଟା ପରେ ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ନିୟନ୍ତ୍ରଣ କରିଥିଲେ । କିନ୍ତୁ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଏବେ ବି ଜାରି ରହିଛି । ଏଥି ସହିତ ସୁରକ୍ଷା ଦୃଷ୍ଟିରୁ, ପ୍ରଶାସନ ଆଖପାଖ ଅଞ୍ଚଳକୁ ଖାଲି କରିବା ଆରମ୍ଭ କରିଛି । ଅନ୍ୟପଟେ ଘଟଣାସ୍ଥଳରେ ବ୍ୟାପକ ପୋଲିସଙ୍କୁ ମୁତୟନ କରାଯାଇଛି ଏବଂ ଲୋକମାନଙ୍କୁ ଘଟଣାସ୍ଥଳରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଉଛି । ପ୍ରଶାସନ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛି । ଅଗ୍ନିକାଣ୍ଡର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ । କିନ୍ତୁ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା କାରଖାନା ମଧ୍ୟରେ ବିସ୍ଫୋରକ ଜିନିଷ ଅଗ୍ନିକାଣ୍ଡର କାରଣ ହୋଇପାରେ ବୋଲି ସନ୍ଦେହ କରାଯାଉଛି ।

# ଜୋହାନ୍ସବର୍ଗରେ ଆତତାୟୀଙ୍କ ଗୁଳିମାଡ଼, ୧୨ ମୃତ

**ନୂଆଦିଲ୍ଲୀ, ୧୦।୬ (ଏଜେନ୍ସି):** ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗ ସହରରେ ଭୟଙ୍କର ଅଘଟଣ। କ୍ଲିଭଲ୍ୟାଣ୍ଡର 'ଜର୍ମର୍ସ' ନାମକ ଏକ ଅସ୍ଥାୟୀ ଜନବସତି ଅଞ୍ଚଳରେ ଗତ ମଙ୍ଗଳବାର ସନ୍ଧ୍ୟାରେ କେତେକ ସଶସ୍ତ୍ର ବନ୍ଧୁକଧାରୀ ଆତତାୟୀ ଗୁଳିକାଣ୍ଡ ଘଟାଇଛନ୍ତି, ଯେଉଁଥିରେ ଅତି କମରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବୁଧବାର ସ୍ଥାନୀୟ ପୋଲିସ ପକ୍ଷରୁ ଜାରି ବୟାନ ଓ ରଏଟର୍ସର ରିପୋର୍ଟ ଅନୁଯାୟୀ, ପ୍ରାୟ ୧୦ରୁ ଅଧିକ ସନ୍ଦିଗ୍ଧ ଦୁର୍ବୃତ୍ତ ଏକ ଧଳା ରଙ୍ଗରଟୟୋଟା କ୍ୱାଣ୍ଟମ୍ ଗାଡ଼ିରେ ଆସି ସେହି ବସ୍ତିର ଦୁଇଟି ପ୍ରବେଶ ପଥ ଦେଇ ଭିତରକୁ ପଶିଥିଲେ। ସେମାନେ ସେଠାରେ ଅଲଗା ଅଲଗା ସ୍ଥାନରେ ଆନ୍ଧାଧୁନ୍ଧ ଗୁଳି ଚଳାଇବା ପରେ ସେହି ଗାଡ଼ିରେ ହିଁ ଫେରାର ହୋଇଯାଇଥିଲେ। ଏହି ନୃଶଂସ ଆକ୍ରମଣ ପଛର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ, ପୋଲିସ ସମଗ୍ର ଅଞ୍ଚଳକୁ କର୍ଡନ କରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ବଡ଼ ଧରଣର ମ୍ୟାନହଣ୍ଟ ବା ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଅନେକ ଲୋକ ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ି ରହିଥିଲେ, ଯେଉଁଠାରେ ୮ ଜଣ ପୁରୁଷ ଓ ୩ ଜଣ ମହିଳାଙ୍କ ସମେତ ୧୧ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା।

ପରେ ଆଉ ଜଣେ ଗୁରୁତର ବ୍ୟକ୍ତି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ, ଯାହା ଫଳରେ ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ବାକି ୯ ଜଣ ଆହତଙ୍କୁ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଯାଉଛି। ଉଲ୍ଲେଖଯୋଗ୍ୟ ଯେ, ସାରା ବିଶ୍ୱରେ ଦକ୍ଷିଣ ଆଫ୍ରିକାରେ ହତ୍ୟା ହାର ସବୁଠାରୁ ଅଧିକ ରହିଛି, ଯେଉଁଠାରେ ଦୈନିକ ହାରାହାରି ପ୍ରାୟ ୬୦ ଜଣ ଲୋକ ନିଜର ଜୀବନ ହରାନ୍ତି, ଯାହା ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି।

## ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ୍, ୧୩ ମୃତ



**ନୂଆଦିଲ୍ଲୀ,୧୦।୬(ଏଜେନ୍ସି):** ପାକିସ୍ତାନ ଆଫଗାନିସ୍ତାନର ସୀମାବର୍ତ୍ତୀ ଅଞ୍ଚଳରେ ଏୟାରଷ୍ଟ୍ରାଇକ୍ କରିଛି। ଯାହାକୁ ନେଇ ଆନ୍ତର୍ଜାତୀୟ ସ୍ତରରେ ଆଲୋଚନା ଆରମ୍ଭ କରିଛି। ଏହି ଆକ୍ରମଣରେ ୧୧ ଜଣ ପିଲାଙ୍କ ସମେତ ୧୩ ଜଣ ଲୋକଙ୍କ ମୃତ୍ୟୁ ଘଟିଛି ଏବଂ ୧୪ ଜଣ ଗମ୍ଭୀର ଭାବେ ଆହତ ହୋଇଛନ୍ତି। ଆଫଗାନିସ୍ତାନ ସରକାର ପାକିସ୍ତାନର ଏହି କାର୍ଯ୍ୟକୁ କଡ଼ା ନିନ୍ଦା କରିବା ସହ ଏହାକୁ ଅନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ବୋଲି କହିଛି। ସୂଚନାନୁଯାୟୀ, ପାକିସ୍ତାନର ଏହି ଆକ୍ରମଣ ଆଫଗାନିସ୍ତାନର କୁନାର, ଖୋସ୍ତ ଏବଂ ପାକତିକା ପ୍ରଦେଶର ଆବାସିକ ଅଞ୍ଚଳରେ କରାଯାଇଛି। ଏହି ମୃତକଙ୍କ ମଧ୍ୟରେ ଶିଶୁ, ମହିଳା ଏବଂ ବୃଦ୍ଧ ରହିଛନ୍ତି ବୋଲି ଆଫଗାନିସ୍ତାନ ଦାବି କରିଛି। ଏହାରି ମଧ୍ୟରେ ଆଫଗାନିସ୍ତାନର ମୁଖପାତ୍ର ଜାବିଉଲ୍ଲା ମୁଜାହିଦ ଏକ ବିବୃତ୍ତି ଜାରି କରିଛନ୍ତି। ତାଙ୍କ ଦ୍ୱାରା ଜାରି ହୋଇଥିବା ବିବୃତ୍ତି ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ପାକିସ୍ତାନୀ ଆକ୍ରମଣକାରୀ ସେନା ପୁଣିଥରେ ଆଫଗାନିସ୍ତାନର ସାର୍ବଭୌମତ୍ୱକୁ ଖୋଲାଖୋଲି ଉଲ୍ଲଂଘନ କରିଛନ୍ତି। ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକରେ ଅନେକ ଲୋକଙ୍କର ମୃତ୍ୟୁ ଘଟିଛି।

ପାକିସ୍ତାନର ଲଢୁଆ ବିମାନଗୁଡ଼ିକ ତିନୋଟି ପ୍ରମୁଖ ଆଫଗାନିସ୍ତାନ ପ୍ରଦେଶର କୁନାର, ଖୋସ୍ତ ଏବଂ ପାକଟିକା ଭଳି ଆବାସିକ ଅଞ୍ଚଳକୁ ଟାର୍ଗେଟ କରିଛନ୍ତି ଏବଂ ସାଧାରଣ ନାଗରିକଙ୍କ ଘର ଉପରେ ବୋମାମାଡ଼ କରିଛନ୍ତି। ଫଳରେ ଅନେକ ଲୋକଙ୍କ ଜୀବନ ଯାଇଥିବା ସହ ଘରଗୁଡିକ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି।

## ଓମାନ ଉପକୂଳରେ ୨୪ ଭାରତୀୟ ନାବିକ ଥିବା ଜାହାଜ ଉପରେ ଆକ୍ରମଣ କରିଥିଲା ଆମେରିକା



**ନୂଆଦିଲ୍ଲୀ,୧୦।୬(ଏଜେନ୍ସି):** ୨୪ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଏକ ମର୍ଚ୍ଚାଣ୍ଟ ଟ୍ୟାଙ୍କର୍ ଓମାନ ଉପକୂଳରେ ଏକ କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିଲା। କ୍ରୁ ସଦସ୍ୟମାନେ ଜାହାଜରେ ନିଆଁ ଲାଗିଥିବା ଓ ଜାହାଜ ବୁଡ଼ି ଯାଉଥିବା ବିଷୟରେ ଜଣାଇ ଜରୁରୀ ସାହାଯ୍ୟ ମାଗିଥିଲେ। ଏହାପରେ ଓମାନ ସେନା ହେଲିକପ୍ଟର ସମସ୍ତ ନାବିକଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। କିନ୍ତୁ ଆକ୍ରମଣ କିଏ କରିଥିଲା ତାହା ସ୍ପଷ୍ଟ ହୋଇ ନ ଥିଲା। ପରେ ଏହା ଆମେରିକାର କାମ ବୋଲି ଜଣାପଡ଼ିଛି। ଆମେରିକା ସେନା ନିଶ୍ଚିତ କରିଥିଲା ଯେ ଇରାନ ବନ୍ଦର ଉପରେ ୱାସିଂଟନର ଅବରୋଧକୁ କାର୍ଯ୍ୟକାରୀ କରୁଥିବା ଏକ ଆମେରିକୀୟ ଯୁଦ୍ଧ ବିମାନ ଦ୍ୱାରା ଏହି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା।

ବିବିସିର ଏକ ରିପୋର୍ଟ ଅନୁଯାୟୀ, ଟ୍ୟାଙ୍କର୍ ମାରିଭେକ୍ସରେ ଥିବା କ୍ରୁ ସଦସ୍ୟମାନେ ଆକ୍ରମଣ ପରେ ଜରୁରୀ ସହାୟତା ପାଇଁ ବାରମ୍ବାର ନିବେଦନ କରିଥିଲେ। ସାର୍, ଏହା ହେଉଛି ମୋଟର ଟ୍ୟାଙ୍କର୍ ମାରିଭେକ୍ସ... ଆମ ଜାହାଜରେ ନିଆଁ ଲାଗିଛି ଓ ଜାହାଜ ବୁଡ଼ି ଯାଉଛି। ଆମେରିକା ନୌସେନା ଆକ୍ରମଣ କରିଛି, ଆମ ଇଞ୍ଜିନ୍ ରୁମ୍ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି। ଆମର ତଳ ଭାଗରେ ଛିଦ୍ର ହୋଇଛି ... ୨୪ ଜଣ କର୍ମଚାରୀ। ସମସ୍ତ କ୍ରୁ ଇଣ୍ଡିଆନ୍। ଦୟାକରି ଶୀଘ୍ର ସାହାଯ୍ୟ କରନ୍ତୁ, ଆମକୁ ତୁରନ୍ତ ସାହାଯ୍ୟ ଦରକାର ବୋଲି କ୍ରୁ ସଦସ୍ୟ କହିଥିଲେ। ପରେ ସମସ୍ତ ୨୪ ଜଣ ଭାରତୀୟ ନାବିକଙ୍କୁ ଓମାନ ସେନା ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ଆଣିଥିଲା ବୋଲି ଭାରତୀୟ କର୍ତ୍ତୃପକ୍ଷ ନିଶ୍ଚିତ କରିଛନ୍ତି। ଭାରତ ପକ୍ଷରୁ ଏଥିପାଇଁ କୃତଜ୍ଞତା ଜ୍ଞାପନ କରାଯାଇଛି।

ୟୁଏସ୍ ସେଣ୍ଟ୍ରାଲ୍ କମାଣ୍ଡ୍ (ସେଣ୍ଟକମ୍) ଏହି ଆକ୍ରମଣ କରିଥିବା ସ୍ୱୀକାର କରି କହିଛି ଯେ ଜାହାଜଟି ଇରାନର ଗନ୍ତବ୍ୟ ସ୍ଥଳ ଆଡକୁ ଯାତ୍ରା କରିବାକୁ ଚେଷ୍ଟା କରି ଇରାନ ବନ୍ଦର ଉପରେ ଚାଲିଥିବା ଆମେରିକାର ଅବରୋଧକୁ ଉଲ୍ଲଂଘନ କରିଥିଲା। ସେଥିପାଇଁ ତା' ଉପରେ ଆକ୍ରମଣ କରାଯାଇଥିଲା। ଫରୱାର୍ଡ ସିମେନ୍ସ ୟୁନିୟନ ଅଫ୍ ଇଣ୍ଡିଆ ଏହି ଆକ୍ରମଣକୁ ତୀବ୍ର ସମାଲୋଚନା କରି ଅଭିଯୋଗ କରିଛି ଯେ ଏହି ଆକ୍ରମଣ ଏକ ଚେତାବନୀଠାରୁ ବହୁ ଅଧିକ ଥିଲା। ଏହା କେବଳ ଚେତାବନୀ ନୁହେଁ, ବରଂ ଜାହାଜକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ପାଇଁ ପ୍ରୟାସ ବୋଲି ୟୁନିୟନ ସୋସିଆଲ ମିଡିଆରେ ଏକ ବିବୃତିରେ କହିଛି।

# ଦୁଷ୍କର୍ମ ମାମଲାରେ ଦୋଷମୁକ୍ତ ବ୍ୟକ୍ତିଙ୍କର ମଧ ଡିଏନ୍ଏ ପରୀକ୍ଷା କରାଯାଇପାରିବ

**ନୂଆଦିଲ୍ଲୀ,୧୦।୬(ଏଜେନ୍ସି):** ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ଯେ, ପିତୃତ୍ୱ ବିବାଦରେ ଦୁଷ୍କର୍ମ ଅଭିଯୋଗ ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହେବା ପରେ ମଧ୍ୟ ତାଙ୍କର ଡିଏନଏ ପରୀକ୍ଷା କରାଯାଇପାରିବ। କୋର୍ଟ କହିଛନ୍ତି, ପିତୃତ୍ୱ ବିବାଦ ମାମଲାରେ କୋର୍ଟ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇପାରିବେ। ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବା ପ୍ରମାଣିତ କରେ ନାହିଁ ଯେ ସମ୍ପୃକ୍ତ ବ୍ୟକ୍ତି ଜୈବିକ ପିତା ହୋଇପାରିବେ ନାହିଁ। ବିଚାରପତି ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଆବେଦନକୁ ଖାରଜ କରି କହିଛନ୍ତି, ଏକ ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବାର ଅର୍ଥ ଏହା ନୁହେଁ ଏହି ଯେ ଅଭିଯୋଗଗୁଡ଼ିକ ଯୁକ୍ତିଯୁକ୍ତ ଭାବେ ପ୍ରମାଣିତ ହୋଇପାରିବ ନାହିଁ। ଏହା ସୂଚିତ କରୁନାହିଁ ଯେ, ଦୁଇ ବୟସ୍କଙ୍କ ମଧ୍ୟରେ କୌଣସି ଜୈବିକ ସମ୍ପର୍କ ନଥିଲା। ତେଣୁ ପିତୃତ୍ୱର ପ୍ରଶ୍ନର ଉତ୍ତର ପାଇଁ ଯାଞ୍ଚ କରାଯାଇପାରିବ

ପୁଅର ପିତା କିଏ ତାହା ଜାଣିବାର ଅଧିକାର ଅଛି। କୋର୍ଟ କହିଛନ୍ତି, ଏହି ମାମଲାରେ ଗୋଟିଏ ପଟେ ଆବେଦନକାରୀଙ୍କର ଗୋପନୀୟତାର ଅଧିକାର ଅଛି, ଅନ୍ୟପଟେ ଯୁବକଙ୍କର ତାଙ୍କ ଜୈବିକ ପିତାଙ୍କ ପରିଚୟ ଜାଣିବା ଏବଂ ଏହା ସହିତ ଜଡିତ ଆଇନଗତ ଅଧିକାର ଉପଭୋଗ କରିବାର ଅଧିକାର ଅଛି



ପିଲାଦିନରୁ ଯୁବକ ଜଣକ ତାଙ୍କ ମାଆଙ୍କୁ କହୁଥିବା ଶୁଣିଥିଲେ ଯେ ଆବେଦନକାରୀ ତାଙ୍କ ପିତା, ତଥାପି ଏହି ଦାବିକୁ ବିଭିନ୍ନ ସ୍ତରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଯଦି ଏହି ପ୍ରଶ୍ନର ଉତ୍ତର ନମିଳିବ ତେବେ ସେ ପ୍ରକୃତରେ ଯେଉଁ ଅଧିକାର ପାଇବାକୁ ହକଦାର ସେଥିରୁ ବଞ୍ଚିତ ହୋଇପାରନ୍ତି। ଏହି ମାମଲାର ସମାଧାନ ପାଇଁ ଡିଏନଏ ପରୀକ୍ଷା ଜରୁରୀ, ତେଣୁ ଶୀର୍ଷକୋର୍ଟ ଆବେଦନକୁ ଖାରଜ କରି ଆବେଦନକାରୀଙ୍କୁ ଡିଏନଏ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପତ୍ତି, ଉତ୍ତରାଧିକାର ଏବଂ ପାରିବାରିକ ଅଧିକାର ସହିତ ଜଡିତ ମାମଲାରେ ଡିଏନଏ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ। ନିଷ୍ପତ୍ତି ନେବା ପୂର୍ବରୁ କୋର୍ଟଗୁଡ଼ିକୁ ଗୋପନୀୟତାର ଅଧିକାର ଏବଂ ବ୍ୟକ୍ତିଙ୍କର ପରିଚୟ ଜାଣିବାର ଅଧିକାର ମଧ୍ୟରେ ସନ୍ତୁଳନ ରଖିବାକୁ ପଡିବ।

ଏହି ବିବାଦ ୧୯୯୯ ମସିହାର। ଜଣେ ବ୍ୟକ୍ତି ନିଜକୁ ଆବେଦନକାରୀଙ୍କ ଜୈବିକ ପୁତ୍ର ବୋଲି ଦାବି କରିଥିଲେ। ସେ ସେପ୍ଟେମ୍ବର ୧୯୯୯ରେ ଜନ୍ମଗ୍ରହଣ କରିଥିଲେ।ତାଙ୍କ ମାଆ ଦାବି କରିଥିଲେ, ସେ ଆବେଦନକାରୀଙ୍କ ସହ ସମ୍ପର୍କରୁ ଜନ୍ମଗ୍ରହଣ କରିଛନ୍ତି। ତଥାପି ଆବେଦନକାରୀ ପ୍ରଥମେ ପିତୃତ୍ୱକୁ ଅସ୍ୱୀକାର କରିଥିଲେ। ତାଙ୍କ ପକ୍ଷରେ ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ ମହିଳାଙ୍କ ଦ୍ୱାରା ଦାୟର କରାଯାଇଥିବା ଦୁଷ୍କର୍ମ ମାମଲାରେ ତାଙ୍କୁ ପୂର୍ବରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ସେ ଏହା ମଧ୍ୟ ଯୁକ୍ତି ଦେଇଥିଲେ ଯେ, ପୂର୍ବର ଅନ୍ୟ ମାମଲା ଏବଂ କୋର୍ଟ ପର୍ଯ୍ୟବେକ୍ଷଣ ଯୋଗୁଁ ପିତୃତ୍ୱର ପ୍ରସଙ୍ଗ ପୁନର୍ବାର ଉଠାଯାଇପାରିବ ନାହିଁ। ସାବାଳକ ହେବା ପରେ ଯୁବକ ଜଣକ ସିଭିଲ୍ କୋର୍ଟରେ ଏକ ମାମଲା ଦାୟର କରିଥିଲେ। ଏଥିରେ ସେ ଆବେଦନକାରୀଙ୍କ ଜୈବିକ ପୁତ୍ର ବୋଲି ଘୋଷଣା କରିବାକୁ ଅନୁରୋଧ କରାଯାଇଥିଲା ଏବଂ ତେଣୁ ତାଙ୍କ ସମ୍ପତ୍ତିରେ ଅଂଶ ପାଇବାକୁ ହକଦାର ଥିଲେ। ମାମଲାର ଶୁଣାଣି ସମୟରେ ଟ୍ରାଏଲ୍ କୋର୍ଟ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ପରେ ଛତିଶଗଡ଼ ହାଇକୋର୍ଟ କାଏମ୍ ରଖିଥିଲେ। ତା'ପରେ ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


ବିଜ୍ଞାପନ ସଂଖ୍ୟା: ୦୪/୨୦୨୬

**କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ**

ସଂସଦ ଅଧିନିୟମ ଦ୍ୱାରା ସ୍ଥାପିତ

୫୬-୫୭, ସଂସଦୀୟ କ୍ଷେତ୍ର, ଜନକପୁରୀ, ନୂଆଦିଲ୍ଲୀ - ୧୧୦୦୫୮

Website: www.sanskrit.nic.in

**ନିଯୁକ୍ତି ନୋଟିସ**

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ନିଜର ତିନୋଟି ପରିସର ଅର୍ଥାତ ବେଦବ୍ୟାସ ପରିସର, ବଲହାର (ହିମାଚଳ ପ୍ରଦେଶ), ଶ୍ରୀ ରଘୁନାଥ କୀର୍ତ୍ତି ପରିସର, ଦେବପ୍ରୟାଗ (ଉତ୍ତରାଖଣ୍ଡ) ତଥା ଏକଲବ୍ୟ ପରିସର, ଅଗରତାଲା (ତ୍ରିପୁରା)ରେ ଶିକ୍ଷାଦାନ/ ଶିକ୍ଷାଦାନ ବ୍ୟତୀରେକ ଅନ୍ୟାନ୍ୟ ପଦବୀ ସିଧାସଳଖ ନିଯୁକ୍ତି ପାଇଁ ଭାରତୀୟ ନାଗରିକମାନଙ୍କଠାରୁ ଆବେଦନପତ୍ର ଆହ୍ୱାନ କରାଯାଉଛି।

ଏହି ପଦ ମଧ୍ୟରୁ ଆସୋସିଏଟ୍ ପ୍ରଫେସର-୨୩ଟି ପଦ, ଆସିଷ୍ଟାଣ୍ଟ ପ୍ରଫେସର-୬୩ଟି ପଦ ତଥା ଅନ୍ୟାନ୍ୟ ଶିକ୍ଷକୀୟ ପଦ-୪ଟି ପଦ ସାମିଲ୍। ଯୋଗ୍ୟତା, ଶିକ୍ଷାଗତ ଯୋଗ୍ୟତା, ଶୂନ୍ୟପଦର ବିବରଣୀ, ସଂରକ୍ଷିତ ବର୍ଗ, ଆବେଦନ ପ୍ରକ୍ରିୟା, ଚୟନ ପ୍ରକ୍ରିୟା (ୟୁଜିସି ନିୟମ ଆଧାରିତ ଚୟନ ମାନଦଣ୍ଡ, ପରୀକ୍ଷା ସହିତ ମୂଲ୍ୟାଙ୍କନ ମାନଦଣ୍ଡ, ସାକ୍ଷାତକାର ତଥା ଅନ୍ୟ ଆବଶ୍ୟକ ନିୟମ ଅନୁଯାୟୀ ଚୟନ କାର୍ଯ୍ୟ ହେବ ।) ଏହି ସମ୍ବନ୍ଧିତ ବିସ୍ତୃତ ବିବରଣୀ ବିଜ୍ଞାପନ ସଂଖ୍ୟା ୦୪/୨୦୨୬ରେ ଉପଲବ୍ଧ ଅଛି, ଯାହା ୧୦.୦୬.୨୦୨୬ ରୁ ବିଶ୍ୱବିଦ୍ୟାଳୟ ୱେବସାଇଟ୍ର www.sanskrit.nic.inର ନିଯୁକ୍ତି/ନୋଟିସ୍ ବିଭାଗକୁ ଯାଇ ଦେଖିପାରିବେ। ଇଚ୍ଛୁକ ସମସ୍ତ ପ୍ରାର୍ଥୀଙ୍କୁ ପରାମର୍ଶ ଦିଆଯାଉଛି ଯେ, ଅନଲାଇନ୍ ଆବେଦନପତ୍ର ପୂରଣ କରିବା ପୂର୍ବରୁ ଉପଲବ୍ଧ ବିଜ୍ଞାପନକୁ ଧ୍ୟାନ ସହ ପଢନ୍ତୁ। ଅନଲାଇନ୍ ଆବେଦନ ଜମା କରିବାର ଅନ୍ତିମ ତାରିଖ ୧୦.୦୭.୨୦୬ (୨୦୨୬)।

ତାରିଖ: ୧୦.୦୬-୨୦୨୬ | CBC 21212/11/0005/2627 | ସ୍ୱାକ୍ଷର ରେଜିଷ୍ଟ୍ରାର୍ (ଆ/ସି)



INS MEMBER

Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001

Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.

Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com

ସମ୍ପାଦକ- ସୁରେଶ ପରିଡ଼ା

Editor - Suresh Parida